ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୬ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 16 November 2025
Vol.No. 36 ■ No.301 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ...

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ବିହାରରେ ନୂଆ ସରକାର ଗଠନ ପୂର୍ବରୁ ଶାହାଙ୍କ ଘରେ ଘନ ଘନ ବୈଠକ



ନୂଆଦିଲ୍ଲୀ,୧୫।୧୧: ବିହାରରେ ନୂଆ ସରକାର ଗଠନ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଯାଇଛି। ସୂତ୍ର ଅନୁଯାୟୀ, ବିହାର ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସହ-ପ୍ରଭାରୀ ବିନୋଦ ତାୱ୍ଡେ ଶନିବାର କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ନିର୍ବାଚନ ଫଳାଫଳ ସମୀକ୍ଷା କରିଥିଲେ ଏବଂ ସରକାର ଗଠନ ପାଇଁ ରୋଡମ୍ୟାପ ଉପରେ ଆଲୋଚନା କରିଥିଲେ। ଭାଜପା ଏବଂ ଏନଡିଏ ମେଣ୍ଟ ସେମାନଙ୍କର ବିପୁଳ ବିଜୟ ପରେ ସରକାର ଗଠନ ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ କରିଛନ୍ତି। ସଙ୍କେତ ସ୍ପଷ୍ଟ: ୨୨ ନଭେମ୍ବର ପୂର୍ବରୁ ଶପଥ ଗ୍ରହଣ ଉତ୍ସବର ସମ୍ପୂର୍ଣ୍ଣ ସ୍କ୍ରିପ୍ଟ ଚୂଡ଼ାନ୍ତ ହେଉଛି। ଏହି ସମୟରେ, ଜେଡିୟୁର ଜାତୀୟ କାର୍ଯ୍ୟକାରିଣୀ ସଭାପତି ସଞ୍ଜୟ ଝା ମଧ୍ୟ ନୂତନ ସରକାର ଗଠନ ସମ୍ପର୍କରେ ଦିଲ୍ଲୀରେ ଅମିତ ଶାହାଙ୍କୁ ଭେଟିଥିଲେ। ଲଲନ ସିଂହ ଏବଂ ଜେପି ନଡ୍ଡା ଅମିତ ଶାହାଙ୍କୁ ଭେଟି ନୂତନ ସରକାର ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ରିପୋର୍ଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ରାଜ୍ୟପାଳଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିବେ ବୋଲି ଆଶା କରାଯାଉଛି, ଯାହା ପରେ ନୂତନ ସରକାର ଗଠନ ପ୍ରକ୍ରିୟା ଆନୁଷ୍ଠାନିକ ଭାବରେ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପଲବ୍ଧତା ଉପରେ ଆଧାର କରି ଶପଥ ଗ୍ରହଣ ଉତ୍ସବର ତାରିଖ ଚୂଡ଼ାନ୍ତ କରାଯିବ। ପାଟନାରେ ପ୍ରଶାସନିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି, ଏବଂ ଭାଜପା ଏବଂ ଜେଡିୟୁ ଉଭୟ ସେମାନଙ୍କର ବିଧାୟକମାନଙ୍କୁ ତୁରନ୍ତ ରାଜଧାନୀରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଉଇ ବିଧାୟକ ଦଳ ବୈଠକ ପରବର୍ତ୍ତୀ ସପ୍ତାହର ରାଜନୈତିକ କ୍ୟାଲେଣ୍ଡରକୁ ପ୍ରାୟ ଚୂଡ଼ାନ୍ତ ବୋଲି ବିବେଚନା କରାଯାଉଛି। ପ୍ରଥମେ, ନେତାଙ୍କ ଚୟନ ଏବଂ ନୂତନ ରାଜନୈତିକ ସମନ୍ୱୟ ଉପରେ ଆଲୋଚନା କରିବା ପାଇଁ JDU, BJP, HAM, ଏବଂ RLM ବିଧାୟକ ଦଳଗୁଡ଼ିକର ପୃଥକ ବୈଠକ ହେବ। ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଘଉଇ ବିଧାୟକ ଦଳର ଏକ ମିଳିତ ବୈଠକ ହେବ, ଯେଉଁଠାରେ ନୀତୀଶ କୁମାରଙ୍କୁ ଆନୁଷ୍ଠାନିକ ଭାବରେ ନେତା ଭାବରେ ନିର୍ବାଚିତ କରାଯିବ। ଏଥର, ନିର୍ବାଚନ ପୂର୍ବରୁ ସୂକ୍ଷ୍ମ ପରିଚାଳନା ଏବଂ ଫଳାଫଳ ପରେ ଉଚ୍ଚସ୍ତରୀୟ ଆଲୋଚନା ଯୋଗୁ ଭାଜପା ଏବଂ JDU ମଧ୍ୟରେ ସମନ୍ୱୟ ବହୁତ ସୁଗମ ଦେଖାଯାଉଛି। ଅମିତ ଶାହାଙ୍କ ସହ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିନୋଦ ତାୱ୍ଡେଙ୍କ ବୈଠକକୁ ମଧ୍ୟ ଏହି ରଣନୈତିକ ପ୍ରକ୍ରିୟାର ଏକ ଅଂଶ ଭାବରେ ବିବେଚନା କରାଯାଉଛି। ସୂତ୍ର ଅନୁସାରେ ଆଲୋଚନା ସମୟରେ ସମ୍ଭାବ୍ୟ କ୍ୟାବିନେଟ ଆକାର, ପୋର୍ଟଫୋଲିଓ ବଣ୍ଟନ ଏବଂ ଶାସନ ପ୍ରାଥମିକତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବିହାରରେ ଭୂସ୍ଖଳ ଜନାଦେଶ ପରେ, ଭାଜପା ଜାତୀୟ ନେତୃତ୍ୱ ଚାହୁଁଛି ଯେ ନୂତନ ସରକାର ଏହାର ପ୍ରଥମ ୧୦୦ ଦିନରେ ଆଇନ ଶୃଙ୍ଖଳା, ମହିଳାଙ୍କ ପାଇଁ ଯୋଜନାର ବିସ୍ତାର ଏବଂ ନିଯୁକ୍ତି ମଡେଲ ଉପରେ ଧ୍ୟାନ ଦେଇ ଏକ ସ୍ପଷ୍ଟ ପ୍ରଶାସନିକ ବାର୍ତ୍ତା ପ୍ରଦାନ କରୁ। ବିଶ୍ଳେଷକଙ୍କ ମତରେ, ନୀତୀଶ କୁମାରଙ୍କ ପୁନଃରାଜଭିଷେକ କେବଳ ଏକ ଔପଚାରିକତା ନୁହେଁ, ବରଂ ଭାଜପା ଏବଂ ଜେଡିୟୁ ମଧ୍ୟରେ ବିଶ୍ୱାସର ଏକ ନୂତନ ଯୁଗର ଆରମ୍ଭ।

## ଆତଙ୍କୀଙ୍କଠୁ ଜବତ ବିସ୍ଫୋରକରେ ଉଡିଗଲା ନୌଗାମ୍ ଥାନା: ଚାଲିଗଲା ୯ ଜଣଙ୍କ ଜୀବନ

ନୂଆଦିଲ୍ଲୀ,୧୫/୧୧ : ଗୋଟିଏ ସପ୍ତାହରେ ଦୁଇଟି ବଡ଼ ବିସ୍ଫୋରଣ, ଦିଲ୍ଲୀ ପରେ ଶ୍ରୀନଗର। ନୌଗାମ୍ ଥାନାରେ ଫାଟିଲା ଆତଙ୍କବାଦୀଙ୍କଠାରୁ ଜବତ ହୋଇଥିବା ବିସ୍ଫୋରକ। ଏଥିରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଆହତ ହୋଇଛନ୍ତି। ପ୍ରଥମେ ଏହା କୌଣସି ଆତଙ୍କବାଦୀ ହମଲା କି ବୋଲି ସନ୍ଦେହ କରାଯାଉଥିଲା। କାରଣ ଜୈଶ-ଇ-ମହମ୍ମଦର ଗୋଟିଏ ସଂଗଠନ ପିଏଏଫ୍ଏଫ୍ ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଥିଲା। କିନ୍ତୁ ଜମ୍ମୁ-କଶ୍ମୀର ଡିଜିପି ନଳୀନ ପ୍ରଭାତ ଏହାକୁ ଖଣ୍ଡନ କରିଛନ୍ତି। ଏହା କୌଣସି ଆତଙ୍କବାଦୀ ଆକ୍ରମଣ ନୁହେଁ, ବରଂ ପରିଚାଳନାଗତ ତ୍ରୁଟି ବୋଲି ସେ ସ୍ପଷ୍ଟ କରିଛନ୍ତି। ଶ୍ରୀନଗର ନୌଗାମ୍ ପୁଲିସ ଷ୍ଟେସନରେ ଫରିଦାବାଦ୍‌ରୁ ଜବତ ପ୍ରାୟ ୩୬୦ କିଲୋଗ୍ରାମ ଆମୋନିୟମ୍ ନାଇଟ୍ରେଟ୍‌ର ନମୂନା ସଂଗ୍ରହ କରାଯାଉଥିଲା। ଏହି ସମୟରେ ହୋଇଥିଲା ବିରାଟ ବିସ୍ଫୋରଣ। ଚାଲିଗଲା ୯ ଜଣଙ୍କ ଜୀବନ, ଗୁରୁତର ଆହତ ହେଲେ ୩୦ରୁ ଅଧିକ। ଛିନ୍ନଛତ୍ର ହୋଇଗଲା ନୌଗାମ୍ ଥାନା ଓ ଆଖପାଖ ଅଞ୍ଚଳ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ମଣିଷର ଅଙ୍ଗ ଅନେକ ଦୂର ଯାଏଁ ଛିଟିକି ପଡ଼ିଥିଲା। ପୁଲିସ ଡିଜି କହିଛନ୍ତି, ବିସ୍ଫୋରଣ କେବଳ ଏକ ଦୁର୍ଘଟଣା, ଏଥିରେ କାହାର ଦୋଷ ରହିଛି ତାହା ଜାଣିବା ପାଇଁ ତଦନ୍ତ ଚାଲିଛି। ଦିଲ୍ଲୀ ବିସ୍ଫୋରଣ ପଛରେ ଆତଙ୍କୀ ଡାକ୍ତରଙ୍କ ନେଟୱର୍କର ପର୍ଦ୍ଦାଫାଶ କରିଥିଲା ନୌଗାମ ପୁଲିସ୍। ଜମ୍ମୁ-କାଶ୍ମୀର, ହରିୟାଣା, ଦିଲ୍ଲୀ ପର୍ଯ୍ୟନ୍ତ ନେଟୱର୍କର ଖୁଲାସା କରିଥିଲା। ଆତଙ୍କୀ ଡାକ୍ତର ମୁଜାମିଲ୍‌ର ଫରିଦାବାଦ ଘରୁ ମିଳିଥିଲା ୩୬୦ କିଲୋ ଆମୋନିୟମ୍ ନାଇଟ୍ରେଟ୍। ୧୦ ନଭେମ୍ବରରେ ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ହୋଇଥିବା ବଡ଼ ବିସ୍ଫୋରଣ ଆମୋନିୟମ୍ ନାଇଟ୍ରେଟ୍ ଦ୍ୱାରା ବିସ୍ଫୋରଣ କରାଯାଇଥିବା ସ୍ପଷ୍ଟ ହୋଇଛି। ଥାନା ଭିତରେ ହୋଇଥିବା ବିସ୍ଫୋରଣରେ ଜଣେ ଏସ୍ଆଇଏ ଅଧିକାରୀ, ଫୋରେନସିକ୍ ସାଇନ୍ସ ଲାବୋରେଟୋରୀର ତିନି ଜଣ କର୍ମଚାରୀ, ଦୁଇଜଣ ଫଟୋଗ୍ରାଫର, ଦୁଇ ଜଣ ରାଜସ୍ୱ ଅଧିକାରୀ ଏବଂ ଜଣେ ଦର୍ଜୀ ଅଛନ୍ତି।

## ସ୍ପେଶାଲ୍ ଓଟିଇଟି ଫଳାଫଳ ପ୍ରକାଶ

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ସ୍ପେଶାଲ ଓଟିଇଟି-୨୦୨୫ର ଫଳାଫଳ ଶନିବାର ପ୍ରକାଶ ପାଇଛି। ପେପର-୧ରେ ୪୭.୧୭% ପାସ୍ କରିଥିବା ବେଳେ ପେପର-୨ରେ ୭୮.୩୫% ପାସ୍ କରିଛନ୍ତି। ସ୍ପେଶାଲ ଓଟିଇଟି- ୨୦୨୫ ଦେବା ପାଇଁ ମୋଟ ୭୫ ହଜାର ୪୦୩ ଜଣ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୯ ହଜାର ୪ ଜଣ ପେପର-୧ ଦେବା ପାଇଁ ଫର୍ମ ପୂରଣ କରିଥିବା ବେଳେ ୨୭ ହଜାର ୫୩୩ ଜଣ ପରୀକ୍ଷା ଦେଇଥିଲେ। ସେହି ୨୭ ହଜାର ୫୩୩ ଜଣଙ୍କ ମଧ୍ୟରୁ ୧୨ ହଜାର ୯୮୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅର୍ଥାତ୍ ପେପର-୧ରେ ପାସ୍ ହାର ୪୭.୧୭% ରହିଛି। ସେହିଭଳି ପେପର-୨ ଦେବା ପାଇଁ ୪୬ ହଜାର ୩୯୯ ଜଣ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୪ ହଜାର ୮୮୦ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୫ ହଜାର ୧୬୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅର୍ଥାତ୍ ପେପର-୨ରେ ପାସ୍ ହାର ୭୮.୩୫% ରହିଛି। ପେପର-୧ ଓ ପେପର-୨ ପରୀକ୍ଷା ଦେବା ପାଇଁ ମୋଟ ▶▶ପୃଷ୍ଠା ୭

## ଭେଣ୍ଟିଲେଟରରେ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ଓଲିଉଡ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ସ୍ୱାସ୍ଥାବସ୍ଥା ସଙ୍କଟାପନ୍ନ। ଭେଣ୍ଟିଲେଟରରେ ଅଛନ୍ତି ହ୍ୟୁମାନ୍ ସାଗର। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସିନାହିଁ। ଗତକାଲି ଯେଉଁ ଅବସ୍ଥାରେ ହ୍ୟୁମାନ୍ ସାଗରଙ୍କୁ ଭୁବନେଶ୍ୱର ଏମ୍ସ ଆଇସିୟୁରେ ଭର୍ତ୍ତି କରାଯାଇଥିଲା, ଆଜି ସେମିତି ରହିଛି। ଡାକ୍ତରଙ୍କ କହିବା ଅନୁଯାୟୀ, ତାଙ୍କୁ ୭୨ ଘଣ୍ଟା ଯାଏ ଅବଜରଭେସନରେ ରଖାଯାଇଛି। ତାଙ୍କର ଲିଭର ଖରାପ ଥିବାବେଳେ କିଡ୍‌ନି ଗୁରୁତର ଭାବେ ପ୍ରଭାବିତ ହୋଇଛି। ସେ ଗତ କିଛି ସପ୍ତାହ ହେଲା କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ଲିଭର ଓ କିଡ୍‌ନି ସହିତ ହ୍ୟୁମାନ୍‌ଙ୍କ ବହୁ ଅଙ୍ଗ ପ୍ରଭାବିତ ହୋଇଛି। ସେ ଶ୍ୱାସକ୍ରିୟା ଜନିତ ଅସୁବିଧା, ନିମୋନିଆ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଓ କୋଆଗୁଲୋପାଥିରେ ପୀଡ଼ିତ ଅଛନ୍ତି। ତାଙ୍କୁ ଭେଣ୍ଟିଲେଟର ସହାୟତାରେ ରଖାଯାଇଛି। ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମ୍‌ରେ ବହୁ ରୋମାଣ୍ଟିକ୍ ଗୀତ ଭେଟି ଦେଇଥିବା ହ୍ୟୁମାନ୍ ସାଗର ଘରେ ଘରେ ପରିଚିତ। ହ୍ୟୁମାନ୍ ସାଗରଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଛନ୍ତି ତାଙ୍କ ମାଆ। ଅଧିକ ଚିକିତ୍ସା ଲାଗି ସେ ରାଜ୍ୟ ବାହାରକୁ ନେବା ପାଇଁ ଚିନ୍ତା କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ସହାୟତା କରିବାକୁ ଆକୁଳ ନିବେଦନ କରିଛନ୍ତି। ପୂର୍ବରୁ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି।

## ୨ ଦୁର୍ଦ୍ଦାନ୍ତ ସମେତ ୮ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୧୫/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସମେତ ସାରା ଦେଶରେ ନକ୍ସଲ ମୂଳପୋଛ ନେଇ ୨୦୨୬ ମାର୍ଚ୍ଚ ୩୧ ଟାର୍ଗେଟ ରହିଥିବାରୁ ପୁଲିସ ଅପରେସନକୁ ଜୋରଦାର କରୁଛି। ଏହି ଅପରେସନକୁ ନକ୍ସଲ ଭୟ କରି ଲଗାତାର ଅସ୍ତ୍ରଶସ୍ତ୍ର ସହ ନକ୍ସଲ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆଗେଇ ଆସୁଛନ୍ତି। ଏହିକ୍ରମରେ ନକ୍ସଲ ସଂଗଠନରେ କାମ କରୁଥିବା ବଡ ବଡ କ୍ୟାଡର ନକ୍ସଲମାନେ ମଧ୍ୟ ଆତ୍ମସମର୍ପଣ ପନ୍ଥାକୁ ବାଛି ନେଇଛନ୍ତି। ସୀମାନ୍ତ ତେଲେଙ୍ଗାନାରେ ତେଲେଙ୍ଗାନା ଷ୍ଟେଟ କମିଟିର ଦୁଇ ଦୁର୍ଦ୍ଦାନ୍ତ ମାଓ ନେତା ସମେତ ୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀମାନେ ନିଜର ହତିଆର ସହ ଏମାନେ ଆତ୍ମସମର୍ପଣ କରିଥିବା କୁହାଯାଇଛି। ଏମାନେ ଗତ ଦୁଇ ଦିନ ତଳେ ହିଁ ଏମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିସାରିଲେଣି। ପୁଲିସ କିନ୍ତୁ ଆଜି ପର୍ଯ୍ୟନ୍ତ ଏମାନଙ୍କୁ ଗଣମାଧ୍ୟମ ସାମ୍ନାକୁ ଆଣିନାହିଁ। ଆତ୍ମସମର୍ପଣ କରିଥିବା ଦୁଇ ଦୁର୍ଦ୍ଦାନ୍ତ ନକ୍ସଲ ମଧ୍ୟରୁ ଜଣେ ହେଲେ ବିକେଏସଆର ଡିଭିଜନ କମିଟିର ସଦସ୍ୟ କୋୟାଦ୍ଦି ସଂବୟା ଓରଫ ଆଜାଦ୍ ଏବଂ ଅନ୍ୟ ଜଣେ ହେଲେ ମାଓ ସଂଗଠନର

## ବିଜେଡି ହାରିଲା ନୂଆପଡ଼ା ବାଜି: ଶ୍ରୀମୟୀ ଓ ଏଲିନା କଲେ ସମାଲୋଚନା



ଭୁବନେଶ୍ୱର, ୧୫/୧୧ (ନି.ପ୍ର): ନୂଆପଡ଼ାରେ 'ଶଙ୍ଖ' ଶୁଭିଲାନି ବୋଲି ଏବେ ସୋସିଆଲ ମିଡିଆରେ ସମାଲୋଚନା ପରେ ସମାଲୋଚନାର ସାମନା କରୁଛି ବିଜେଡି। ବିଜେଡିରୁ ନିଲମ୍ବିତ ନେତ୍ରୀ ଶ୍ରୀମୟୀ ମିଶ୍ର ବାରମ୍ବାର ସର ମାରୁଥିବାବେଳେ, ଏବେ ଶ୍ରୀମୟୀଙ୍କ ସମାଲୋଚନା ତାଳରେ ତାଳ ମିଳାଇଛନ୍ତି ଆଉ ଜଣେ ମହିଳା ନେତ୍ରୀ। ଦଳ ଭିତରୁ ନିଜ ବରିଷ୍ଠ ନେତାଙ୍କୁ କଟାକ୍ଷ କରିବାକୁ ପଛାଇନାହାନ୍ତି ଏଲିନା ଦାସ। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ଗୋଟିଏ ପଟେ ଶ୍ରୀମୟୀ କଡ଼ା ଭାଷାରେ ସମାଲୋଚନା କରି ଲେଖିଛନ୍ତି ଯେ, ଭଣ୍ଡ ସନ୍ନ୍ୟାସୀଙ୍କ 'ଚକ୍ରାନ୍ତ' ପ୍ରମାଣିତ ହେଲା। ନୂଆପଡ଼ା ଉପନିର୍ବାଚନକୁ ନେଇ ପୂର୍ବରୁ ଯାହା ଆଶଙ୍କା ଥିଲା, ତାହା ଏବେ ଓଡ଼ିଶାବାସୀଙ୍କ ଆଗରେ ସତ ପ୍ରମାଣିତ ହୋଇଛି। ଅନାମବାବୁଙ୍କ ମାନମହତକୁ ପୁଣିଥରେ ତଳେ ପକାଇଦେଇଛନ୍ତି ଘରଜ୍ୱାଇଁ। ଯାହାଙ୍କୁ ନିଜ ମାଟିର ଲୋକେ ୩୦ହଜାର ଭୋଟ ବ୍ୟବଧାନରେ ପ୍ରତ୍ୟାଖ୍ୟାନ କରିଥିଲେ, ତାଙ୍କୁ ନୂଆପଡ଼ାରେ ପ୍ରାର୍ଥୀ ଭାବେ ଲଦି ଦେବା କାର୍ଯ୍ୟ କ'ଣ ସତରେ ଆମ ପ୍ରିୟ ନେତା ନବୀନବାବୁ କରିଥିଲେ? ଆଉ କେତେଦିନ ଏମିତି ମାନମହତକୁ ନିଲାମ କରିବେ ନିଜର ଟିକେଟ ଖଣ୍ଡେ ସୁରକ୍ଷିତ ରଖିବା ପାଇଁ? ଏଭଳି ଅନେକ କଥା କହି କଟାକ୍ଷ କରିଛନ୍ତି ଶ୍ରୀମୟୀ।

▶▶ପୃଷ୍ଠା ୭

## ରାଜନୀତି ଛାଡ଼ିଲେ ଓ ପରିବାର ସହ ସବୁ ସମ୍ପର୍କ ଛିନ୍ନ କଲେ ଲାଲୁଙ୍କ ଝିଅ



ନୂଆଦିଲ୍ଲୀ,୧୫/୧୧ : ବିହାର ନିର୍ବାଚନରେ ବଡ଼ ପରାଜୟର ସାମ୍ନା କରିଥିବା ଆରଜେଡି ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବଙ୍କୁ ଆଉ ଗୋଟିଏ ବଡ଼ ଝଟକା ଲାଗିଛି। ପରାଜୟର ଦିନକ ପରେ ଲାଲୁଙ୍କ ଝିଅ ରୋହିଣୀ ଆଚାର୍ଯ୍ୟ ରାଜନୀତିରୁ ଅବସର ଘୋଷଣା କରିଛନ୍ତି। ଏଥିସହ ନିଜ ପରିବାର ସହ ସବୁ ପ୍ରକାରର ସମ୍ପର୍କକୁ ମଧ୍ୟ ସେ ଛିନ୍ନ କରିଥିବା ଏକ୍ସ ଯୋଗେ ସୂଚନା ଦେଇଛନ୍ତି। ଏପରି ପଦକ୍ଷେପ ସେ ଆରଜେଡି ବିଦ୍ରୋହୀ ସଞ୍ଜୟ ଯାଦବ ଓ ସ୍ୱାମୀ ରମୀଜ ଆଲାମଙ୍କ ପରାମର୍ଶକ୍ରମେ ନେଇଥିବା ମଧ୍ୟ ଅବଗତ କରିଛନ୍ତି। ସେ ଏକ୍ସରେ ଲେଖିଛନ୍ତି, "ମୁଁ ରାଜନୀତି ଛାଡୁଛି ଓ ମୁଁ ମୋ ପରିବାର ସହ ସବୁ ସମ୍ପର୍କ ଛିନ୍ନ କରୁଛି। ସଞ୍ଜୟ ଯାଦବ ଓ ରମୀଜ ମୋତେ ଯାହା କହିଥିଲେ ମୁଁ ଏବେ ସେଇଆ କରୁଛି। ମୁଁ ସବୁ ଦୋଷ ନିଜ ମୁଣ୍ଡକୁ ନେଉଛି।" ଏଠାରେ ସେ ସବୁ ଦୋଷ ପାଇଁ ନିଜକୁ ଦାୟୀ କେଉଁ କଥା କହୁଛନ୍ତି, ତାହା ସ୍ପଷ୍ଟ ହୋଇନି। ବିହାର ବିପର୍ଯ୍ୟୟ ନା ପାରିବାରିକ ବିବାଦ କଥା ସେ କହିବାକୁ ଚେଷ୍ଟା କରିଛନ୍ତି, ତାହା ଜଣାପଡ଼ିନି। ରୋହିଣୀ ପେଶାରେ ଜଣେ ଡାକ୍ତର। ଏକଦା ସେ ବାପା ଲାଲୁଙ୍କୁ କିଡନୀ ଦେଇ ଜୀବନ ବଞ୍ଚାଇଥିଲେ। ୨୦୨୪ରେ ସେ ବିହାରର ସାରନ ଲୋକସଭାରୁ ନିର୍ବାଚନ ଲଢ଼ିଥିଲେ ହେଁ ବିଜେପିର ରାଜୀବ ପ୍ରତାପ ରୁଡ଼ୀଙ୍କ ଠାରୁ କମ ବ୍ୟବଧାନରେ ପରାସ୍ତ ହୋଇଥିଲେ। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ହିଁ ରୋହିଣୀ ଓ ଲାଲୁଙ୍କ ପରିବାର ମଧ୍ୟରେ ସବୁ କିଛି ଠିକଠାକ ନଥିବା ସ୍ପଷ୍ଟ ହୋଇଥିଲା। କାରଣ ରୋହିଣୀ ଏକ୍ସରେ ପ୍ରଥମେ ନିଜ ବାପା ଲାଲୁ ପ୍ରସାଦ ଓ ପରେ ଭାଇ ତେଜସ୍ୱୀ ଯାଦବଙ୍କୁ ଅନଫୋଲ କରିଥିଲେ। କୁହାଯାଉଛି ଯେ ବିବାଦର ମୂଳକାରଣ ହେଉଛି ୨୦୨୨ରେ ରୋହିଣୀ ଦାନ କରିଥିବା କିଡ୍‌ନୀ। ଏହାକୁ ନେଇ ଜାରି ରହିଥିବା ଗୁଜବ ଓ ଅଭିଯୋଗକୁ ସହଜରେ ଗ୍ରହଣ କରିପାରୁ ନଥିଲେ ରୋହିଣୀ। ସେହିପରି ଆରଜେଡିର ରାଜ୍ୟସଭା ସାଂସଦ ସଞ୍ଜୟ ଯାଦବଙ୍କ ସହ ତେଜସ୍ୱୀଙ୍କ ବିବାଦକୁ ସହଜରେ ଗ୍ରହଣ କରିପାରୁ ନଥିଲେ ରୋହିଣୀ।

▶▶ପୃଷ୍ଠା ୭

## ଏକ ବଡ଼ ଆତଙ୍କବାଦୀ ଯୋଜନା ପଣ୍ଡ : ରାଜୌରୀରେ ୩ କିଲୋଗ୍ରାମ ଆଇଇଡି ଜବତ



ନୂଆଦିଲ୍ଲୀ,୧୫/୧୧ : ସୁରକ୍ଷା ବାହିନୀ ଜମ୍ମୁ କାଶ୍ମୀରରେ ଆଉ ଏକ ବଡ଼ ଆତଙ୍କବାଦୀ ଯୋଜନାକୁ ପଣ୍ଡ କରିଛି। ରାଜୌରୀ ଜିଲ୍ଲାର ଥାନାମାଣ୍ଡିର ବାଙ୍ଗାଇ ଜଙ୍ଗଲରେ ୩ କିଲୋଗ୍ରାମ ଆଇଇଡି ଆବିଷ୍କାର ହେବା ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ତଥାପି, ଜମ୍ମୁ କାଶ୍ମୀର ପୁଲିସର ତତ୍ପରତା ଏବଂ ବୈଷୟିକ ଦଳର ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ, ଏହି ବିସ୍ଫୋରକକୁ ନିୟନ୍ତ୍ରିତ ଉପାୟରେ ନଷ୍ଟ କରାଯାଇଥିଲା। ଏହି ଅପରେସନ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ପୁଲିସ ଜଙ୍ଗଲରେ ଲୁଚି ରହିଥିବା ଏପରି ଅନେକ ମଡ୍ୟୁଲକୁ ଚିନ୍ତନଶୀଳ ଭାବରେ ଖୋଜୁଛି। ଶ୍ରୀନଗରର ନୌଗାମ ପୁଲିସ ଷ୍ଟେସନରେ ଏକ ବଡ଼ ବିସ୍ଫୋରଣରେ ୯ ଜଣଙ୍କର ଜୀବନ ଏବଂ ୩୨ ରୁ ଅଧିକ ଆହତ ହେବାର ମାତ୍ର ଗୋଟିଏ ଦିନ ପରେ ଏହି ଉଦ୍ଧାର ହୋଇଛି। ଏହି ଘଟଣା ପରେ, ସମଗ୍ର ଜମ୍ମୁ କାଶ୍ମୀରରେ ସୁରକ୍ଷା ବ୍ୟବସ୍ଥା ହାଇ ଆଲର୍ଟରେ ଅଛି। ଏପରି ପରିସ୍ଥିତିରେ, ରାଜୌରୀରେ ୩ କିଲୋଗ୍ରାମ ଆଇଇଡି ଆବିଷ୍କାର ଏବଂ ସଫଳ ନିଷ୍କ୍ରିୟକରଣକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ସୂଚନା ଅନୁସାରେ ଜମ୍ମୁ ଏବଂ କାଶ୍ମୀର ପୁଲିସର ଏକ ଦଳ ଥାନାମାଣ୍ଡିର ବାଙ୍ଗାଇ ଜଙ୍ଗଲ ଅଞ୍ଚଳରେ ଏକ ସର୍ଚ୍ଚ ଅପରେସନ୍ କରୁଥିଲେ। ସର୍ଚ୍ଚ ସମୟରେ, ସୈନିକମାନେ ଘନ ଜଙ୍ଗଲ ମଧ୍ୟରେ କେତେକ ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଥିଲେ। ସର୍ଚ୍ଚ ସମୟରେ, ସୁରକ୍ଷା ବାହିନୀ ପ୍ରାୟ ୩ କିଲୋଗ୍ରାମ ଓଜନର ଏକ ଆଇଇଡି ଜବତ କରିଥିଲେ। ଏକ ବୋମା ନିଷ୍କ୍ରିୟକାରୀ ଦଳକୁ ତୁରନ୍ତ ଡକାଯାଇଥିଲା ଏବଂ ଏକ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରି ବିସ୍ଫୋରକକୁ ସୁରକ୍ଷିତ ଭାବରେ ନଷ୍ଟ କରାଯାଇଥିଲା। ଏହି ଆଇଇଡି ଏକ ଯୋଜନାବଦ୍ଧ ବଡ଼ ଆକ୍ରମଣ ପାଇଁ ବ୍ୟବହାର କରାଯାଇଥାନ୍ତା ବୋଲି ପୁଲିସ ସଂଦେହ କରୁଛି।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ମାଧ୍ୟମରେ ଜିଲ୍ଲା ଦଳର ଚୟନ ପ୍ରକ୍ରିୟା

ଜୟପୁର ,୧୫/୧୧ (ନି.ପ୍ର): ଜୟପୁରସ୍ଥିତ ଦଶହରା ପଡିଆ ଷ୍ଟାଡିୟମ ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ କୋରାପୁଟ ଜିଲ୍ଲା ଆନ୍ତଃ ବିଦ୍ୟାଳୟ କ୍ରିକେଟ ଖେଳାଳି ଚୟନ ପ୍ରକିୟା ଆଜି ଦ୍ୱିତୀୟ ଦିବସରେ ରେଡ ଏବଂ ଓରେଞ୍ଜ ଦଳ ବିଜୟୀ ହୋଇଛନ୍ତି । ସମୁଦା ୪ଦଳକୁ ନେଇ ଗଠନ କରାଯାଇ ପ୍ରତିଯୋଗିତା ମାଧ୍ୟମରେ ଖେଳାଳି ଚୟନ କରାଯାଉଛି । ଆଜିର ପ୍ରଥମ ମ୍ୟାଚ ଦଶହରା ପଡିଆ ଠାରେ ରେଡ୍ ଏବଂ ୟାଲୋ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଡ ଦଳ ପ୍ରଥମେ ବ୍ୟାଟିଂ କରିବା ସହ ୩୧. ୪ ଓଭରରେ ସମସ୍ତ ୱିକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲେ । ନିର୍ଦ୍ଧାରିତ ବିଜୟୀ ରନର ପିଛା କରି ୟାଲୋ ଦଳ ୯.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୪୦ ରନ ସଂଗ୍ରହ କରିଥିଲେ ଏହିପରି ରେଡ ଦଳ ୧୭୩ ରନରେ ବିଜୟୀ ହୋଇଥିଲେ । ବିଜୟୀ ରେଡ୍ ଦଳର ବିକାଶ ପାଟିକା ୧୦୯ ରନ କରିଥିଲେ । ସେହି ଶ୍ରେଷ୍ଠ ବୋଲର ଭାବେ ରେଡ୍ ଦଳର ଓମ ବାହାଦୁର ଲାମା ୪.୩ ଓଭରରେ ୨୧ରନ ଦେଇ ୬ଟି ୱିକେଟ ହାସଲ କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡିଆ ଠାରେ ବ୍ଲୁ ଏବଂ ଓରେଞ୍ଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ଲୁ ଦଳ ବ୍ୟାଟିଂ କରିଥିଲେ ଏବଂ ୨୩.୪ ଓଭରରେ ସମସ୍ତ ୱିକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲେ । ବିଜୟୀ ଲକ୍ଷ୍ୟ ନେଇ ଓରେଞ୍ଜ ଦଳ ୨୫.୨ ଓଭରରେ ୭ଟି ୱିକେଟ ହରାଇ ୧୦୬ ରନ ସଂଗ୍ରହ କରିବା ସହ ୩ ୱିକେଟରେ ବିଜୟୀ ହୋଇଥିଲେ । ଆଜିର ପ୍ରଥମ ମ୍ୟାଚରେ ଅନୁପ ପାତ୍ର ଏବଂ ଦ୍ୱିତୀୟ ମ୍ୟାଚରେ ଏଡିମୁଲାମ ହର୍ଷବର୍ଦ୍ଧନ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଏମ୍ପାୟାର ଭାବେ ପ୍ରଥମ ମ୍ୟାଚରେ ପ୍ରିୟ ରଞ୍ଜନ ପାତ୍ର , ଅବୈଦ ନାୟକ ଏବଂ ଦ୍ୱିତୀୟ ମ୍ୟାଚରେ ଶୁଭମ ସିଂ ଓ ପ୍ରଶନ୍ନ ବେହେରା ମ୍ୟାଚ ପରିଚାଳନା କରିଥିଲେ । ସେହିପରି ସ୍କୋରର ଭାବେ ବିକ୍ରମ ଦେବ ମହାପାତ୍ର, ଅକ୍ଷୟ କୁମାର ପ୍ରଧାନୀ, ସାହୁକାର ଗୌରବ ଏବଂ ଶୁଭମ ସ୍ୱାଗତ ସ୍ୱାଇଁ ସ୍କୋର ଲେଖକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଉପଖଣ୍ଡ କ୍ରୀଡା ସମ୍ପାଦକ ରବି ନାୟକଙ୍କ ତତ୍ତ୍ୱାଧାନରେ ୩ଜଣ ଚୟନକର୍ତ୍ତା ବାବୁଲା ରାଉତ, ବାପି ପରିଡା, ବଳରାମ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଦ୍ୱାରା ଶିଶୁଦିବସ ପାଳିତ ଓ ଦିବଂଗତ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ସ୍ମୃତିସଭା ଅନୁଷ୍ଠିତ

ବାଲେଶ୍ୱର,୧୫/୧୧ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଜୟନ୍ତୀ ଅବସରରେ ଶିଶୁଦିବସ ପାଳିତ ହୋଇଯାଇଛି। ଏଥିନିମନ୍ତେ ଆୟୋଜିତ ସଭାରେ ଉପସଭାପତି ବାସନ୍ତୀ ପାଣି ସଭାପତିତ୍ୱ କରିଥିଲେ। ସମବେତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ପଣ୍ଡିତ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ସଂଘର ଆଜୀବନ ସଦସ୍ୟ ଦିବଂଗତ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରିବା ସହିତ ତାଙ୍କର ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସାଧାରଣ ସଂପାଦକ ଦାମୋଦର ନାୟକ, ଉପସଭାପତି ଦେବେନ୍ଦ୍ର ନାଥ ଚୌଧୁରୀ, ବରିଷ୍ଠ ଉପଦେଷ୍ଟା ବସନ୍ତ କୁମାର ନାୟକ, ଜ୍ଞାନେନ୍ଦ୍ର ନାଥ ସାହୁ, ବୀରେନ୍ଦ୍ର କୁମାର ମହନ୍ତ ତଥା ସଦସ୍ୟ କାଳୀଚରଣ ବେହେରା, ନିରଞ୍ଜନ ପରିଡ଼ା, ଗୌରପ୍ରିୟ ମିଶ୍ର, ଡ. ହୃଷିକେଶ ସାହୁ, ଶଶାଙ୍କ ଶେଖର ଦତ୍ତ ପ୍ରମୁଖ ପଣ୍ଡିତ ନେହେରୁଙ୍କ ଦେଶ ଓ ଜାତି ପ୍ରତି ଅବଦାନ, ସ୍ୱାଧୀନତା ସଂଗ୍ରାମରେ ବଳିଷ୍ଠ ନେତୃତ୍ୱ, ସ୍ୱାଧୀନତା ପରେ ଦେଶର ଦୃଢ଼ ଭିତ୍ତିଭୂମି ନିମନ୍ତେ ଗ୍ରହଣ କରିଥିବା ବଳିଷ୍ଠ ପଦକ୍ଷେପ, ଶିଶୁମାନଙ୍କୁ ଭଲପାଇବା ଓ ସେମାନଙ୍କ ମଙ୍ଗଳ ଓ ବିକାଶ ନିମନ୍ତେ କରିଥିବା କାର୍ଯ୍ୟାବଳୀ ସ୍ମରଣ କରିବା ସହିତ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ. ଶ୍ରୀରାମ ଦାଶ, ଦିଲ୍ଲୀପ ଚକ୍ରବର୍ତ୍ତୀ, ରୀତା ରାୟ, ରାମଚନ୍ଦ୍ର ସେଠୀ, ରବୀନ୍ଦ୍ର ନାଥ ଗିରି, ବିଜୟ କୁମାର ମହାପାତ୍ର, ଯୋଗେନ୍ଦ୍ର ନାଥ ସିଂହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭବେଶ ଚନ୍ଦ୍ର ପଣ୍ଡା, ଲମ୍ବୋଦର ଗିରି, ସୁରେନ୍ଦ୍ର ପ୍ରସାଦ ନାୟକ, କ୍ଷେତ୍ରମୋହନ ନାୟକ, ସୁରେନ୍ଦ୍ର ପ୍ରସାଦ ଧଳ, ସେକ୍ ଆଲ୍ଲାଉଦ୍ଦିନ୍, ରଘୁନାଥ ଦାସ, ଅନନ୍ତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଜ୍ୟୋତ୍ସ୍ନା ରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଂଘପକ୍ଷରୁ ମିଶନ୍ କ୍ୟାମ୍ପସ୍‌ରେ ଥିବା 'ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନ' ଓ ରାଣୀପାଟଣା ସ୍ଥିତ 'ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ'ର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇଥିଲା।

# ନାବାଳିକାର ଅଶ୍ଲୀଳ ଫଟୋ ମୋବାଇଲରେ ଭାଇରାଲ କରିବା ଅଭିଯୋଗ

ବୈଶିଙ୍ଗା ,୧୫/୧୧ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଅଙ୍ଗାରଗଡିଆ ଗ୍ରାମର ଦୁଃଖିରାମ ସରେନ ଙ୍କ ନାବାଳିକା ଝିଅ ର କିଛି ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ନେଇ ଜନୈକ ଯୁବକ ଙ୍କ ବିରୁଦ୍ଧରେ ବାପା ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ତାଙ୍କର ଅଭିଯୋଗ ମୁତାବକ ଝିଅର ମୋବାଇଲ କୁ କିଛି ଅଶ୍ଳୀଳ ଫଟୋ ଇନଷ୍ଟାଗ୍ରାମ ଜରିଆରେ ଆସିବା ପରେ ଝିଅ ଘରେ ଦେଖାଇଥିଲା । ଯେଉଁ ମୋବାଇଲ ନମ୍ବର ୭୮୯୪୬୬୬୨୧୧ରୁ ଏହି ଅଶ୍ଳୀଳ ଫଟୋ ଆସିଥିଲା ତାହା ଯାଞ୍ଚ୍ କରିବା ପରେ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଞ୍ଚ ମାଣିଆ ଗ୍ରାମର ନରେନ୍ଦ୍ର ନାଥ ସୋରେନ୍ ର ପୁତ୍ର ପଞ୍ଚାନନ ସୋରେନ (୧୯) ବୋଲି ଜଣା ପଡିଥିଲା । ଏହା ଜାଣିବା ପରେ ଦୁଖିରାମ ର ସାନ ଭାଇ ପାଞ୍ଚମାଣିଆ ଗ୍ରାମ କୁ ଯାଇ ଏ ବାବଦରେ ବାରଣ କରିବା ପରେ ମଧ ପୁନର୍ବାର ସୋସିଆଲ ମିଡ଼ିଆରେ ଭାଇରାଲ କରିବା ଯୋଗୁଁ ମୋ ଝିଅର ଭବିଷ୍ୟତ ଖରାପ ହୋଇଯିବ ବୋଲି ବାପା ଦୁଖିରାମ ଅଭିଯୋଗରେ ଦର୍ଶାଇଛନ୍ତି ।ସେ +୨ ରେ ପାଠ ପଢୁଥିବାରୁ ସେ ନିଜର ଭାରସାମ୍ୟ ହରାଇ ବସିଛି । ଅଭିଯୋଗ ପାଇବା ପରେ ପୋଲିସ ତରଫରୁ ତଦନ୍ତ ପ୍ରକ୍ରୀୟା ଜାରି ରହିଛି ।

# ରାଜ୍ୟ ଆଦିବାସୀ କଂଗ୍ରେସ ତରଫରୁ ସହୀଦ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୫/୧୧ (ନି.ପ୍ର): ବିଶିଷ୍ଟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ରାଜ୍ୟ କଂଗ୍ରେସ ଭବନ ଠାରେ ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ରାଜ୍ୟ କଂଗ୍ରେସ ଭବନ ଠାରେ ସର୍ବପ୍ରଥମେ ସହୀଦ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା । ଏହି ସ୍ମୃତି ସଭାରେ ରାଜ୍ୟ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସହୀଦଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ ଜଳ, ଜମି ଓ ଜଙ୍ଗଲର ଅଧିକାର ପାଇଁ ସହୀଦ ବିର୍ସା ମୁଣ୍ଡା ବ୍ରିଟିଶ ସରକାର ବିରୁଦ୍ଧରେ ଲଢ଼େଇ କରି ମାତ୍ର ୨୪ ବର୍ଷ ବୟସରେ ରାଞ୍ଚି କାରାଗାରରେ ପ୍ରାଣତ୍ୟାଗ କରିଥିଲେ । ସେହିପରି ସଭାର ସଭାପତି ତଥା ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ପୂର୍ବତନ ସାଂସଦ ଶ୍ରୀ ଯଶୋବନ୍ତ ସିଂ ଲାଗୁରି ସହୀଦ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ସ୍ୱଳ୍ପ ଜୀବନକାଳ ମଧ୍ୟରେ ସହୀଦ ବିର୍ସାମୁଣ୍ଡା ଯେଉଁ ଛାପ ଛାଡ଼ି ଯାଇଛନ୍ତି ତାହା ଆଗାମୀ ପିଢ଼ିକୁ ଅନ୍ୟାୟ ବିରୁଦ୍ଧରେ ଲଢ଼ିବାପାଇଁ ପ୍ରେରଣା ଯୋଗାଇବ । ଏହି ସ୍ମୃତି ଚାରଣ ସଭାରେ ପୂର୍ବତନ ବିଧାୟକ ଶ୍ରୀ ସୁବର୍ଣ୍ଣ ନାୟକ, ପୂର୍ବତନ ବିଧାୟକ ଶ୍ରୀ ପ୍ରହଲ୍ଲାଦ ପୂର୍ତ୍ତି, ପିସିସି ସମ୍ପାଦିକା ଶ୍ରୀମତୀ ଅନିମା ମିଞ୍ଜ, ପିସିସି ସମ୍ପାଦକ ଶ୍ରୀ ମୋହନ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ସହୀଦ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ ।

# ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

## ଦର୍ଶକଙ୍କୁ ସ୍ତବ୍ଧ କଲା ଦିଲ୍ଲୀର ନାଟକ 'ଅଲ ମାଇ ସନ୍ସ'



ବାରିପଦା ,୧୫/୧୧ (ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନରେ ଓମ ନାଟ୍ୟ ସଂସ୍ଥାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ ଉଦଘାଟିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ମହୋତ୍ସବକୁ ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଶିକ୍ଷାବିତ ପ୍ରିତିଶ ବଶା, ପୂର୍ବତନ ବିଧାୟକ କାନ୍ଦରା ସୋରେନ ପ୍ରମୁଖ ଉପସ୍ଥିତ ରହି ଓମ ନାଟ୍ୟସଂସ୍ଥାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଭିନନ୍ଦନ ଜଣାଇଥିଲେ ଓ ସଂସ୍ଥାର ପ୍ରତିଷ୍ଠାତା ଧୀର ବଶା ମହୋତ୍ସବକୁ ସଫଳ କରିବା ପାଇଁ ଉପସ୍ଥିତ ଦର୍ଶକଙ୍କୁ ଅନୁରୋଧ କରିଥିଲେ । ରାଜେଶ ଦାଶ ମଞ୍ଚ ପରିଚାଳନା କରିଥିଲେ। ଉଦଘାଟନୀ ସନ୍ଧ୍ୟାରେ ଇଉନିକର୍ନ ଷ୍ଟୁଡ଼ିଓ, ନୂଆ ଦିଲ୍ଲୀ ପ୍ରଯୋଜିତ, ଆର୍ଥର ମିଲାରଙ୍କ ରଚିତ ତଥା ହେପି ରଣଜିତଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ରେ ଗୌରୀ ଦେଓ୍ୱାଲ, ସେହାଜ ହର୍ଜାଇ, କ୍ରିଥାର୍ଥ ସିଂହ, ଉନିଷ ପ୍ରତାପ ସିଂହ, ଏଭା ସିଦ୍ଦିକି ଓ ସାହିଲ ନିରୋଲା ଅଭିନୟ କରିଥିଲେ । ଅଭିନେତାମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା ଓ ଏହି ମହୋତ୍ସବ ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା କାଲି ଲିଟିଲ ଥେସ୍ପିୟାନ, କୋଲକାତା ପ୍ରଯୋଜିତ ହିନ୍ଦୀ ନାଟକ 'ପତଝଡ'' ମଞ୍ଚସ୍ଥ ହେବବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

# ଜିଲ୍ଲା ଆଇନ୍ ପ୍ରାଧିକରଣ ପକ୍ଷରୁ ଗେଲଟୁଆ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ




ଭଦ୍ରକ ,୧୫/୧୧ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଗେଲଟୁଆ ଉଚ୍ଚ ବିଦ୍ୟାଳୟରେ ଶିଶିଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ଯେଉଁ ପିଲାମାନେ ଅଧାରୁ ପାଠ ଛାଡିଥିବେ କିମ୍ବା ପାଠ ପଢୁନାହାନ୍ତି ସେମାନଙ୍କୁ କିପରି ବିଦ୍ୟାଳୟ ଅଭିମୁଖୀ କରାଇବେ ସେ ଦିଗରେ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଅଧକ୍ଷତା କରିବା ସହ ପରିଚାଳନା ମଧ କରିଥିଲେ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରମତୀ ତୃପ୍ତିମୟୀ ପାତ୍ର, ଡଃ ତାପସ କୁମାର ମହାନ୍ତି, ସହାୟକ ପ୍ରତିପକ୍ଷ ଓକିଲ, ନ୍ୟାୟରକ୍ଷକ, ଶ୍ରୀମତୀ ଗୁରୁଲତା ମହାପାତ୍ର, ପ୍ରଧାନ ଶିକ୍ଷୟତ୍ରୀ, ଶ୍ରୀ କାଶିନାଥ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଅନ୍ୟ ଶିକ୍ଷକ ଗଣ ଏବଂ ଛାତ୍ରୀଛାତ୍ର ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପିଲାମାନଙ୍କୁ ଅଭିନୀତ ବିଭିନ୍ନ କାର୍ଯ୍ୟକ୍ରମ ବେଶ ଚିତ୍ତାକର୍ଷକ ତଥା ଶିକ୍ଷଣୀୟ ଥିଲା। ପିଲାମାନେ ପାଠ ଅଧାରୁ ନଛାଡି ଶିକ୍ଷା ପ୍ରତି କିପରି ଆଗ୍ରହ କରିବେ ସେ ସଂପର୍କିତ ସୁନ୍ଦର ଅଭିନୀତ କାର୍ଯ୍ୟକ୍ରମ ଜରିଆରେ ବେଶ୍ ଆଦୃତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାପ୍ରତି ଆଗ୍ରହ ରଖିବା, ନୈତିକ ବ୍ୟବହାର ପରିମାର୍ଜିତ ତଥା ସ୍ୱଚ୍ଛ ରଖିବା ଏବଂ ସର୍ବୋପରି ଚରିତ୍ର ଗଠନ ଦିଗରେ ବିଭିନ୍ନ ପ୍ରଣାଳୀରେ ଆଲୋଚନା କରାଯାଇଥିଲା।

# କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ଗୁନାପୁର ଟିମ୍ ବିଜୟୀ



ବାଲିଆପାଳ ,୧୫/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ପଞ୍ଚାୟତରେ ୧୩ ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା କୁଦ ମାନସିଂହ ରାହାସ ଉତ୍ସବର କବାଡି ଟୁର୍ଣ୍ଣାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପନ ହୋଇଯାଇଛି । କମିଟିର ବରିଷ୍ଠ ସଦସ୍ୟ ଅରୁଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୂଖ୍ୟ ଅତିଥି ଭାବେ ବାଲିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ ଯୋଗଦେଇ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରଭାତ ରଞ୍ଜନ ସାହୁ,ସାମାଜିକ କର୍ମୀ ଜଗନ୍ନାଥ ବାରିକ, ସ୍ୱାଭିମାନୀ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଟିମ ଅଂଶଗ୍ରହଣ କରିଥିଲାବେଳେ ଫାଇନାଲ ଖେଳକୁ ଗୁନାପୁର ଟିମ୍ ଓ ସୁରବଲ୍ଲବୀ ଟିମ୍ ଉନ୍ନୀତ ହୋଇଥିଲେ। ଅତି ରୋମାଞ୍ଚକ ଭାବେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସୁରବଲ୍ଲବୀ ୪୨ ପଏଣ୍ଟ ପାଇଥିବା ବେଳେ ଗୁନାପୁର ଟିମ୍ ୪୩ ପଏଣ୍ଟ ପାଇ ବିଜୟୀ ହେଇଥିଲେ ।ଏହି ଖେଳକୁ ରାଜ୍ୟ ସ୍ତରୀୟ ରେଫ୍ରୀ ସୁଭଦ୍ରା ସାସମଲ ,ରାଜୀବ ସାହୁ, ରଞ୍ଜନ ସାହୁ, ହେମନ୍ତ ଦେ ପରିଚାଳନା କରିଥିଲେ। ଖେଳ ଆରମ୍ଭରୁ ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁ ଖେଳର ମୂଖ୍ୟ ଆୟୋଜକ ରଘୁନାଥ ଜେନା ପରିଚାଳନା କରିଥିଲେ। ରାହାସ କମିଟିର ସଭାପତି ମହେଶ୍ୱର ଜେନା, ପ୍ରତାପ ପାତ୍ର, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପାତ୍ର, ସରୋଜ ସାହୁ, ସୁବୋଧ ପାତ୍ର ଏବଂ ରାହାସ କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ।

# ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ



ବାରିପଦା,୧୫/୧୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ଲୋକନାଥ ମିଶ୍ର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବାରିପଦା ସ୍ଥିତ କୃଷି କାର୍ଯ୍ୟାଳୟରେ ପୂର୍ବରୁ ଦାୟିତ୍ୱରେ ଥିବା ଜ୍ଞାନ ବଲ୍ଲଭ ଦାସଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମିଶ୍ର ଏହା ପୂର୍ବରୁ ରାଇରଙ୍ଗପୁର କୃଷି ଜିଲ୍ଲା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ପଦୋନ୍ନତି ପାଇ ସେ ଏଠାରେ ଯୋଗ ଦେଇଛନ୍ତି। କୃଷି ଓ କୃଷକର ଉନ୍ନତି ଓ ବିଭିନ୍ନ କୃଷି ଓ ଆନୁସଙ୍ଗିକ ଯୋଜନା ଯେପରି ପ୍ରତ୍ୟେକ ଚାଷୀଙ୍କ ପାଖରେ ପହଂଚି ପାରିବ ସେଥିପାଇଁ ଯଥାସାଧ ଉଦ୍ୟମ କରିବେ ବୋଲି ସେ ନିଜ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ୫ ଏସ ସର୍ବେକ୍ଷଣ ଅଡିଟ୍ ଅନୁଷ୍ଠିତ



ରାଉରକେଲା,୧୫/୧୧ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସ ପି)ରେ ନଭେମ୍ବର ୮ ତାରିଖ ଦିନ ଏକ ଦିନିକିଆ ୫ ଏସ ସର୍ବେକ୍ଷଣ ଅଡିଟ୍ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଙ୍କ 'ସମାଗମ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଏହାର ଉଭୟ ଉଦଘାଟନୀ ଏବଂ ଉଦଯାପନୀ ବୈଠକର ସେବା ବିଭାଗ ର ସିଜିଏମ ଇନ ଚାର୍ଜ ଶ୍ରୀ ଆତିଶ ଚନ୍ଦ୍ର ସରକାର ଅଧକ୍ଷତା କରିଥିଲେ । ଏହି ଅବସରରେ ବିଇ ଏଣ୍ଡ ଆଇଇଡି ବିଭାଗ ର ଜିଏମ ଇନ ଚାର୍ଜ ଶ୍ରୀ ରାକେଶ ବର୍ମା, ଉପସ୍ଥିତ ଥିଲେ। ଏହି ବୈଠକରେ ସମ୍ପୃକ୍ତ ସହଯୋଗୀ ବିଭାଗର ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଅଡିଟ ଟି ସିକନ୍ଦରାବାଦର ସ୍ଥିତ ଅଡିଟ୍ କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁ ସି ଏଫ ଆଇ) ର ସି ଓ ଓ (ଟି କ୍ୟୁ ଏମ ) ଶ୍ରୀ ସୁନୀଲ ଶ୍ରୀବାସ୍ତବ ଏବଂ ରାଉରକେଲା ଚାପ୍ଟରର କ୍ୟୁ ସି ଏଫ ଆଇ ର ସମ୍ପାଦକ ଶ୍ରୀ ଏସ ସି ପ୍ରସାଦଙ୍କ ଦ୍ୱାରା କରାଯାଇଥିଲା। ଆରଏସପିରେ ୫ଏସ କାର୍ଯ୍ୟାନ୍ୱୟନର ଅଂଶ ଭାବରେ, ତିନୋଟି ୟୁନିଟ୍ ଯେଉଁଠାରେ ଅଡିଟ୍ କରାଯାଇଥିଲା, ସେଗୁଡ଼ିକ ହେଲା, ରୋଲ୍ ସପ୍, ଅକ୍ସିଜେନ୍ ପ୍ଲାଣ୍ଟ ଏବଂ ମେକାନିକାଲ୍ ସପ୍। ପ୍ରଥମ ଥର ପାଇଁ ରୋଲ୍ ସପ୍ ବିଭାଗ ଅଧୀନରେ ଏଚଏସଏମ-୨ରେ ରୋଲ୍ ସପ୍‌୫ କୁ ଅଡିଟ୍ ପାଇଁ ପ୍ରସ୍ତାବ ଦିଆଯାଇଥିଲା ଏବଂ ଅଡିଟରଙ୍କ ଦ୍ୱାରା ସଫଳତାର ସହ ୫ଏସ ସିଷ୍ଟମରେ ସାମିଲ କରାଯାଇଥିଲା। । ଅଡିଟରମାନେ ଷ୍ଟିଅରିଂ କମିଟି ସମୀକ୍ଷା ରେକର୍ଡ, ଜାଗୃତି ସମୀକ୍ଷା ରେକର୍ଡ, ମାଇକ୍ରୋ-ଲେଭଲ୍ ସମୀକ୍ଷା ରେକର୍ଡ, ସେଲ୍ଫ ଅଡିଟ୍ ଏବଂ ମ୍ୟାନେଜମେଣ୍ଟ ଅଡିଟ୍ ରେକର୍ଡ ସହିତ ହାଉସକିପିଂ ଏବଂ ରକ୍ଷଣାବେକ୍ଷଣ ସମୟସୂଚୀ ସହ ସ୍ଥାନ ମଧ ପରିଦର୍ଶନ କରିଥିଲେ। ଏହି ଅଡିଟ କାର୍ଯ୍ୟକ୍ରମକୁ ବିଇ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଅନୁବିନ୍ଦ ମହାନ୍ତି, ଏବଂ ଉକ୍ତ ବିଭାଗର ସାମୁହିକ ପରିଚାଳନା କରିଥିଲେ। ଅଡିଟ୍ ହୋଇଥିବା ବିଭାଗଗୁଡ଼ିକରେ ବ୍ୟାପକ ହାଉସକିପିଂ, ଫ୍ଲୋର୍ ମାର୍କିଂ, ଅବ୍ୟବହୃତ ସ୍କ୍ରାପ, ଉପକରଣ ଏବଂ ଟ୍ୟାକଲ୍ସର ନିଷ୍କାସନ ଏବଂ ସ୍ପେୟାର ଆସେମ୍ବଲିଗୁଡ଼ିକର ପୁନଃବ୍ୟବସ୍ଥିତି କାର୍ଯ୍ୟ ସମୀକ୍ଷା ହୋଇଥିଲା। ପ୍ରତ୍ୟେକ ଜିନିଷ ଏବଂ ଏହାର କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟ ନିରୂପଣ କରାଯାଇଥିଲା। ୫ ଏସ ସାର୍ଟିଫିକେସନ୍ ଜାରି ରଖିବା ପାଇଁ ସମସ୍ତ ତିନୋଟି ବିଭାଗକୁ ସଫଳତାର ସହ ସୁପାରିଶ କରାଯାଇଥିଲା।

# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୫/୧୧ (ନି.ପ୍ର): ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ୨୦୨୫ ପାଳନ ନେଇ ଶନିବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ୟାପିଟାଲ ହସ୍ପିଟାଲସ୍ଥିତ ରାଜ୍ୟ ଭିନ୍ନକ୍ଷମ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ନିର୍ଦ୍ଦେଶିକା ସୁଶ୍ରୀ ପଟାୱାରୀ ଏହି ଆୟୋଜନକୁ ସଫଳ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବିଗତବର୍ଷମାନଙ୍କର ଅଭିଜ୍ଞତାକୁ ଆଧାର କରି ଚଳିତ ବର୍ଷର ଆୟୋଜନକୁ ଅଧିକ ଶୃଙ୍ଖଳିତ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ଅନୁକୂଳ କରିବାକୁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗ ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ମୁତୟନ କରିବା ଉପରେ ଗୁରୁତ୍ୱ ଦେଇ ନିର୍ଦ୍ଦେଶିକା ସମସ୍ତଙ୍କୁ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କହିଥିଲେ । ଏଥିସହିତ ବିଭାଗୀୟ ଅଧିକାରୀମାନେ ସୋଆ ବିଶ୍ୱବିଦ୍ୟାଳୟ ଗସ୍ତ କରି ଏହି ଉତ୍ସବର ସଫଳ କାର୍ଯ୍ୟକାରିତା ନିମନ୍ତେ ଦାୟିତ୍ୱରେ ଥିବା ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ସହ ଏକ ସମନ୍ୱୟ ବୈଠକ କରିଥିଲେ ।

# ଇଡ଼ିଦା ଗୋଲକ ନାରାୟଣ ବନଦୁର୍ଗା ଉଚ୍ଚ ବିଦ୍ୟାଳୟର ଶିଶୁଦିବସ ଓ ପ୍ରତିଭା ସମ୍ମାନ ପାଳନ



ବାଲେଶ୍ୱର/ଇଡ଼ିଦା,୧୫/୧୧ (ନି.ପ୍ର): ପବିତ୍ର ଶିଶୁଦିବସ ଅବସରରେ ଆଜି ଏହି ସ୍କୁଲ୍‌ରେ ଶିଶୁଦିବସ ଓ ପ୍ରତିଭା ସମ୍ମାନ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ମିନତୀ ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଜବାହରଲାଲଙ୍କ ଜନ୍ମଦିବସକୁ ଶିଶୁଦିବସ ପାଳନର ମହାତ୍ମ୍ୟ ସମ୍ପର୍କରେ ଛାତ୍ର ଶ୍ରୀ ଅଂଶୁମାନ ପଢ଼ିଆରୀ, ହୃଷିକେଶ ନାୟକ, ଚିନ୍ମୟ କର, ଦିବ୍ୟଲିସା ରଣା ଆଲୋଚନା କରିଥିଲେ। ସ୍କୁଲ୍‌ର ଶିକ୍ଷକ ଚନ୍ଦନ କୁମାର ତ୍ରିପାଠୀ ମନ୍ତ୍ରପାଠ କରିଥିଲେ। ଶିକ୍ଷକ ରମାକାନ୍ତ ଦାସ 'ଶିଶୁ ହସିଲେ ଦେଶ ହସିବ' କହି ଆଲୋଚନାରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ତତ୍ପରେ ପୁରାତନ ଛାତ୍ରସଂସଦ ତରଫରୁ ସଭାପତି ଶଚୀନ୍ଦ୍ର ଦାସ, ସାଧାରଣ ସଂପାଦକ ରତିନ୍ଦ୍ର ପରିଡ଼ା, ପୂର୍ବତନ ପ୍ରଧାନଶିକ୍ଷକ ପର୍ଶୁରାମ ଦେ, ବିଦ୍ୟାଧର ପରିଡ଼ା, ମୁଖ୍ୟଅତିଥି ବିରେନ୍ଦ୍ର ନାରାୟଣ ପ୍ରହରାଜ ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପରିସ୍ଫୁଟନ ପାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୁରାତନ ଛାତ୍ରସଂସଦର ସଭାପତି ଶ୍ରୀ ଦାସ ତାଙ୍କର ଦିବଂଗତ ପିତାମାତାଙ୍କ ସ୍ମରଣାର୍ଥେ ସ୍କୁଲ୍‌ର ସର୍ବୋଚ୍ଚ ନମ୍ବର ରଖି ପାଶ୍ କରିଥିବା ଛାତ୍ରମାନଙ୍କୁ ଅର୍ଥରାଶି ମୁଖ୍ୟଅତିଥି, ପ୍ରଧାନଶିକ୍ଷକ, ସାଧାରଣ ସଂପାଦକଙ୍କ ମାଧ୍ୟମରେ ସ୍ନେହାଶିଷ ଦାସ, ବିଷ୍ଣୁପ୍ରିୟା ମହାନ୍ତି ଓ ଅମ୍ରିତା ସେଠୀଙ୍କୁ ପ୍ରଦାନ କରିଥିଲେ। ସଭାପତି ନିଜେ ଜଣେ ମେଧାବୀ ଛାତ୍ର ଓମ୍‌ପ୍ରକାଶଙ୍କୁ ଅର୍ଥରାଶି ଦେବା ସହ ବିଦ୍ୟାଧର ପରିଡ଼ା, ସବିତା ଦାସ ପ୍ରମୁଖ କୃତି ଛାତ୍ରଛାତ୍ରୀମାନଙ୍କୁ ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଅଜୟ କୁମାର ଦାଶ ସମସ୍ତ ମାନପତ୍ର ପାଠ କରିଥିବାବେଳେ ପୂର୍ବତନ ଛାତ୍ର ଗୌରୀଶଙ୍କର ଦତ୍ତ, କୈଳାସ ସାହୁ, ସନ୍ଦିପ ଦାସ, ସତ୍ୟନାରାୟଣ ଦାସଙ୍କ ସ୍କୁଲ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୁନ୍ଦର ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ସଂଗୀତ ପ୍ରତିଯୋଗିତା ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ୍‌ର ଶିକ୍ଷକମାନେ ପୁରସ୍କାର ବିତରଣ କରିଥିଲେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୬ ନଭେମ୍ବର ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

**ଭାଗ-୧୨୧**
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ତାଙ୍କୁ ନିରବ ରହିବାର ଦେଖି ବିଶ୍ୱାମିତ୍ର କହିଥିଲେ ରାମ, ଜାନକୀ ଯାହା ପଚାରୁଛନ୍ତି ତାର ଉତ୍ତର ଦିଅ ।

ତଥାପି ନିରବ ସୀତାପତି ଶ୍ରୀରାମ । ତୁଣ୍ଡରେ ନାହିଁ ଭାଷା । ନୟନରେ ଅଶ୍ରୁର ଝରଣା । ସେହି ଅଶ୍ରୁ ହିଁ ସୂଚାଇ ଦେଉଥାଏ ସୀତା ଯାହା କହୁଛନ୍ତି ସବୁ ସତ୍ୟ ।

କୌଣସି ଉତ୍ତର ନପାଇ ସୀତାଦେବୀ ପୁଣି ପ୍ରଶ୍ନ କରିଥିଲେ, ଜଣେ ପତ୍ନୀ ଭାବରେ ପତି ପ୍ରତି ମୋର ଯେତିକି କର୍ତ୍ତବ୍ୟ, ସେବାରେ, ଧର୍ମରେ, କର୍ମରେ, ମନରେ, ବଚନରେ ମୁଁ ତାହା ସମ୍ପାଦନ କରିଛି କି ନାହିଁ ? ଜଣେ ପୁତ୍ରବଧୂ ଭାବରେ ଯେତିକିଦିନ ମୁଁ ଅଯୋଧ୍ୟାରେ ଥିଲି ମୋର ଶାଶୁ, ଶ୍ୱଶୁରଙ୍କୁ ପିତାମାତା ତୁଲ୍ୟ ଭକ୍ତି କରିଛି କି ନାହିଁ ? ସାନ ଦିଅରମାନଙ୍କୁ ସାନଭାଇ ତୁଲ୍ୟ ସ୍ନେହ, ଶ୍ରଦ୍ଧା କରିଛି କି ନାହିଁ ? ଅତିଥି, ଅଭ୍ୟାଗତ, ସାଧୁସନ୍ଥଙ୍କୁ ଯଥାମାନ୍ୟ ଅର୍ପଣ କରିଛି କି ନାହିଁ ? ପିତୃସତ୍ୟ ପାଳନ କରି ପ୍ରଭୁ ମୋର ବନକୁ ଯିବାବେଳେ ମୁଁ ତାଙ୍କ ପଦାଙ୍କ ଅନୁସରଣ କରିଛି କି ନାହିଁ ? ବଣରେ ପତ୍ରକୁଡ଼ିଆରେ, ପର୍ବତ ଗୁମ୍ଫାରେ ରହି ଅନେକ ଦିନ ଉପବାସ, ଅର୍ଦ୍ଧେକଦିନ ଗୋଟାଏ ଦୁଇଟା ଫଳଭୁଞ୍ଜି ସ୍ୱାମୀଙ୍କ ସହ ମିଶି ହସିହସି ସେ ଦୁଃଖକୁ ଚନ୍ଦନ ଭଳି ଦେହରେ ବୋଳି ହୋଇ ତାଙ୍କ ହସ୍ତଧରି ଚାଲିଛି କି ନାହିଁ ? ଜୀବନରେ ଗୋଟାଏ ବଡ଼ ଭୁଲ ମୁଁ କରି ଦେଇଥିଲି, ନାରୀର ମନ ନେଇ ପ୍ରଲୋଭିତ ହୋଇ ସ୍ୱର୍ଣ୍ଣମୃଗକୁ ଆଶାକରି । ତାର ଫଳ ମୋତେ ବିଧାତା ଠିକ୍ ଦେଇଛନ୍ତି । ରାବଣ ମୋତେ ବଳପୂର୍ବକ ନେଇ ଅଶୋକବନରେ ବନ୍ଦିନୀ କରି ରଖିଥିଲା । ସେ ସ୍ଥାନରୁ ମୋତେ ଉଦ୍ଧରି ଆଣିବା ପାଇଁ ପ୍ରଭୁ ମୋର ବହୁତ ଦୁଃଖ ସହିଛନ୍ତି । ସେ ଅତ୍ୟନ୍ତ ଉଦାର । ମୋତେ ସେ ସ୍ଥାନରୁ ଉଦ୍ଧାର କରି ନଥିଲେ ସେଠାରେ ମୋର ମୃତ୍ୟୁ ହୋଇଥାନ୍ତା । ସ୍ୱାମୀ ଭାବରେ ସ୍ତ୍ରୀ ପ୍ରତି ତାଙ୍କର ଯେଉଁ କର୍ତ୍ତବ୍ୟ ସେ କରିଛନ୍ତି । ଲଙ୍କାରୁ ଉଦ୍ଧାର ପରେ ସେ ମୋତେ ବିଶ୍ୱାସ କରିପାରି ନଥିଲେ । ମନରେ ସନ୍ଦେହ । ଦୁଇବର୍ଷ ପତ୍ନୀ ଯେତେବେଳେ ପତିଠାରୁ ଦୂରେଇ ଯାଇ ଅନ୍ୟସ୍ଥାନରେ ରହିଛି, ଜଣେ ସାଧାରଣ ମଣିଷ ଭାବରେ ସେ ମୋତେ ସନ୍ଦେହ କରିଥିଲେ । ତାଙ୍କର ସେ ସନ୍ଦେହ ଦୂର କରିବା ପାଇଁ ମୁଁ ହସିହସି ଜ୍ୱଳନ୍ତ ଅଗ୍ନିରେ ପଶି ଯାଇଥିଲି । ଅଗ୍ନିଦେବତା ମୋତେ ଅଗ୍ନି ଭିତରୁ ଉଦ୍ଧାର କରି ପ୍ରମାଣ କରି ଦେଇଥିଲେ ସୀତା ନିଷ୍କଳଙ୍କ । ଏକଥା କିଏ ନଜାଣିଛନ୍ତି । ଏହାପରେ ମୋ ସ୍ୱାମୀ ମୋତ ଗ୍ରହଣ କରି ରାଜରାଣୀର ସମ୍ମାନ ଦେଇ ବାମାଙ୍ଗରେ ଧାରଣ କରିଥିଲେ । କିଛିଦିନ ପରେ ମୁଁ ହୋଇଥିଲି ଅନ୍ତଃସତ୍ତ୍ୱା ସେହି ଅନ୍ତଃସତ୍ତ୍ୱା ଅବସ୍ଥାରେ କୌଣସି ପ୍ରଜାମୁଖରୁ ମୋ ନାମରେ ଅପବାଦର ସମ୍ବାଦ ପାଇ, ବିନା ବାଛ ବିଚାରରେ, ମୋ ଅଗୋଚରରେ ମୋତେ ନିର୍ବାସନ ଦଣ୍ଡରେ କଲେ ଦଣ୍ଡିତ । ଏବେ ସେ କୁହନ୍ତୁ ସେ ପ୍ରଜା ଯାହା କହିଥିଲା ତାହା ସତ୍ୟ ଥିଲା ନା ମୋ ସ୍ୱାମୀ ମୋତେ ପ୍ରକୃତରେ ସନ୍ଦେହ କରି ନିର୍ବାସନ ଦେଇଥିଲେ ? ସେ ଥିଲେ ଅଯୋଧ୍ୟାର ରାଜା । ମୁଁ ରାଜରାଣୀ । ଜଣେ ପ୍ରଜାର କଥାରେ ଜଣେ ରାଜା ଦୋଷୀର ଦୋଷକୁ ସାବ୍ୟସ୍ତ ନକରି କ'ଣ ନିର୍ବାସନ ଦେଇପାରନ୍ତି ? ଜଣେ ରାଜା ଭାବରେ ସେ ତାହା କରିପାରନ୍ତି । ହେଲେ ଜଣେ ପତି ଭାବରେ ସେ ତାଙ୍କ ପତ୍ନୀଙ୍କ ପ୍ରତି କ'ଣ ଉଚିତ ବିଚାର କରିଥିଲେ ? ନିଜ ରକ୍ତକୁ ସେ କ'ଣ ପରୋକ୍ଷରେ ଅସ୍ୱୀକାର କରିନଥିଲେ ? ତାହା ନକରି ସେ ମୋତେ ପ୍ରକୃତ କଥାଟି କହି, ପ୍ରଜାଙ୍କ ସ୍ୱାର୍ଥକଥା ବୁଝାଇ ଦେଇ ଯଦି ନିର୍ବାସନ ଦେଇଥାନ୍ତେ, ତାହେଲେ ମୁଁ ତାହା ହସିହସି ବରଣ କରିନେଇଥାନ୍ତି । ତାହା ନକରି ସ୍ୱାମୀ ମୋର ମୋ ସହିତ ଛଳନା କରି ମୋତେ ଦେବର ହସ୍ତରେ ପଠାଇ ଦେଇ ନିର୍ବାସନ ଦଣ୍ଡରେ କଲେ ଦଣ୍ଡିତ । ଏହାକଣ ସେ ଜଣେ ରାଜା ଭାବରେ, ସେ ପତି ଭାବରେ ପତ୍ନୀ ପ୍ରତି, ପତ୍ନୀ ଗର୍ଭରେ ବଢୁଥିବା ରଘୁବଂଶର ଉତ୍ତରଦାୟାଦଙ୍କ ପ୍ରତି, ଉପଯୁକ୍ତ ବିଚାର କରିଥିଲେ ? ମୋ ଶ୍ୱଶୁରଙ୍କ ସୁହୃଦ ବନ୍ଧୁ ମହର୍ଷି ବାଲ୍ମିକୀ ମୋତେ କନ୍ୟା ବୋଲି କହି ଆଦରି ନେଇଥିଲେ । ସେହିଦିନ ଠାରୁ ଆଜକୁ ଦଶବର୍ଷ ବିତିଗଲାଣି ଦିନେହେଲେ ମୋ ସ୍ୱାମୀ ମୋ ସମ୍ପର୍କରେ କୌଣସି ଖବର ରଖିଛନ୍ତି କି ? ଯେଉଁ ସୀତାଙ୍କୁ ସେ ଜୀବନ ବୋଲି ମଣୁଥିଲେ, ଯାହାଙ୍କୁ ନଦେଖିଲେ ତାଙ୍କ ତୁଣ୍ଡକୁ ଆହାର ଯାଉନଥିଲା, ଦିବାରାତ୍ର ମିଶି ଯିଏ ଶତଶତଥର ସୀତା ନାମକୁ ଜପି ହେଉଥିଲେ, ସେ ସୀତାକୁ ନିର୍ବାସନ ଦେଇ ଦିନେହେଲେ ବି ତା ଖବର ରଖିଲେ ନାହିଁ କେମିତି ? ସୀତା ମୃତ କିମ୍ବା ଜୀବିତ ତାହା ମଧ୍ୟ ବୁଝିଲେ ନାହିଁ । ଅନ୍ତଃସତ୍ତ୍ୱା ଅବସ୍ଥାରେ କୌଣସି ପୁରୁଷ କ'ଣ ତା' ପତ୍ନୀ ପ୍ରତି ଏମିତି ଆଚରଣ କରିପାରେ ? ସୀତା ଗର୍ଭରେ ଯେଉଁ ରକ୍ତକୁ ସେ ସ୍ଥାପନ କରିଥିଲେ, ସେ ରକ୍ତ ଭୂମିକୁ ଛୁଇଁଲାକି ନାହିଁ ସେ ଖବର ନେଇଥିଲେ କ'ଣ ତାଙ୍କ କର୍ତ୍ତବ୍ୟରେ ତ୍ରୁଟି ହୋଇଥା'ନ୍ତା ? ଆଜି ଯେଉଁଥିପାଇଁ ସେ ମୋତେ ପରୀକ୍ଷା ଦେବାକୁ କହୁଛନ୍ତି, ସେ ପରୀକ୍ଷା ସମ୍ପର୍କରେ ମହର୍ଷି ବାଲ୍ମିକୀ ତାଙ୍କୁ ଆଗରୁ ସୂଚନା ଦେଇ ସାରିଲେଣି । ମୋ ସହିତ ମାତା ତୁଲ୍ୟ ତପସ୍ୱିନୀ ଅନୁକମ୍ପା ଆସିଛନ୍ତି । କିଛି ମୁନିକନ୍ୟାମାନେ ମଧ୍ୟ ଆସିଛନ୍ତି । ସେମାନେ ସୂଚାଇ ଦେଇ ପାରିବେ, ଦଶବର୍ଷ ଭିତରେ ଏ ଜାନକୀ ପ୍ରଭୁ ଶ୍ରୀରାମଙ୍କ ନାମ ବ୍ୟତୀତ ଆଉ କାହା ନାମ ତୁଣ୍ଡରେ ଧରିଛି କି ? ଏତେ ସତ୍ତ୍ୱେ ସ୍ୱାମୀ ମୋର ଯଦି ମୋ ଠାରୁ ପରୀକ୍ଷା ନେବାକୁ ଚାହୁଁଛନ୍ତି, ସେ ପରୀକ୍ଷା ମୁଁ ନଦେବି କେମିତି ? "ହେ ଧର୍ମଦେବତା, ହେ ବସୁମାତା, ହେ ଅନ୍ତରୀକ୍ଷ ଆପଣମାନେ ସୀତାର ପରୀକ୍ଷା ପ୍ରଥମେ ନିଅନ୍ତୁ । ମୁଁ ଯେଉଁ ଯେଉଁ ପ୍ରଶ୍ନ ପଚାରିଲି ମୋ ସ୍ୱାମୀ ମୋର କୌଣସି ଗୋଟାଏ ପ୍ରଶ୍ନର ଉତ୍ତର ନଦେଇ ନିରବ ରହିଲେ । ତାଙ୍କ ନିରବତା ହିଁ ପ୍ରମାଣ କରିଦେଲା, ସେ ମୋ ଠାରୁ ପରୀକ୍ଷା ନେବାକୁ ଚାହୁଁଛନ୍ତି । ମୋ ପ୍ରଥମ ପରୀକ୍ଷା, ମୁଁ ଜନକ ତନୟା ଜାନକୀ, ବିଦେହ ରାଜକନ୍ୟା ବୈଦେହୀ, ବସୁଧା କନ୍ୟା ସୀତା, ଅଯୋଧ୍ୟାର ପୁତ୍ରବଧୂ ତଥା ଶ୍ରୀରାମଙ୍କ ପତ୍ନୀ ମୈଥିଳୀ ଆପଣମାନଙ୍କୁ ସାକ୍ଷୀ ରଖି, ଅଶ୍ୱମେଧ ଯଜ୍ଞର ଅଗ୍ନିକୁ ସାକ୍ଷୀରଖି, ନଭମଣ୍ଡଳରେ ଥିବା ସବୁ ଦେବତା ମଣ୍ଡଳୀ, ପାତାଳରେ ଥିବା ନାଗଲୋକ, ଯକ୍ଷଲୋକଙ୍କ ସହିତ ଦଶଦିଗପାଳ, ପଞ୍ଚ ମହାଭୂତ ସଭିଙ୍କୁ ସାକ୍ଷୀରଖି ଅଗ୍ନିଦେବତାଙ୍କୁ ଅନୁରୋଧ କରୁଛି, ଏ ହତଭାଗିନୀ ଯଦି ତା ହେତୁ ହେବା ଦିନରୁ ଆଜି ପର୍ଯ୍ୟନ୍ତ ପ୍ରଭୁ ଶ୍ରୀରାମଙ୍କ ବ୍ୟତୀତ ଅନ୍ୟ କୌଣସି ପୁରୁଷଙ୍କୁ ଗୋଚରରେ ଅଥବା ଅଗୋଚରରେ, ଦେହରେ ଅଥବା ବିଦେହରେ, ମନରେ ଅବା ସ୍ୱପ୍ନରେ ଚିନ୍ତା କରିଥିବ, ତାହେଲେ ହେ ଅଗ୍ନିଦେବତା ତୁମେ ମୋ ସମ୍ମୁଖରେ ପ୍ରଜ୍ୱଳିତ ହୁଅ, ମୁଁ ଏଇଠି ଜଳି ଭସ୍ମ ହୋଇଯିବି । ପ୍ରଜ୍ୱଳିତ ହୁଅ ଅଗ୍ନିଦେବ, ପ୍ରଜ୍ୱଳିତ ହୁଅ ।"

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


# ପ୍ରେମର ପରିବର୍ତ୍ତିତ ପରିଭାଷା: ନୂଆ ଶବ୍ଦକୋଷ

### ଡ଼ ଗୋଲକ ବିହାରୀ ଆଚାର୍ଯ୍ୟ



**ପ୍ରେମର ନୂଆ ଶବ୍ଦକୋଶ : ଏକ ଯୁଗର ଭାଷା ବିପ୍ଳବ**

ପ୍ରେମ-ଏକ ଅକ୍ଷୟ ଭାଷା। ସମୟ ଯେପରି ନିଜ ଅକ୍ଷରକୁ ପୁନଃଲିଖନ କରେ, ପ୍ରେମ ମଧ୍ୟ ତାହାର ଅର୍ଥକୁ ନୂଆ ଅର୍ଥାତ୍ମକତାରେ ରଚିଯାଏ। ପୁରୁଣା ଯୁଗରେ ଯେ ପ୍ରେମ ଥିଲା ଚିଠିରେ ମଳୟସୁଗନ୍ଧ ଭରା, ଯେଉଁଠାରେ ଚନ୍ଦନ ଓ ଚନ୍ଦ୍ରାଲୋକରେ ଗାଢ଼ ହେଉଥିଲା ଭାବନାର ସାଥୀ-ସେହି ପ୍ରେମ ଆଜି ନୂଆ ରୂପରେ ଜୀବନ୍ତ। ଏବେ ସେ ଅଛି 'ଡିଜିଟାଲ ସ୍କ୍ରିନରେ, ଇମୋଜିର ହସଉଠା ମୁହଁରେ, କିମ୍ବା ଅନୁତ୍ତରିତ ମେସେଜର ନିରବତାରେ।' ଯେଉଁଠି ମନ ନିଜକୁ ପ୍ରକାଶ କରେ, କିନ୍ତୁ ଶରୀର ବା ଦୃଷ୍ଟି ନୁହେଁ-ସେଠି ଜନ୍ମ ନେଉଛି ଏକ ନୂଆ ରୋମାନ୍ସ ଜଗତ, ଯେଉଁଠି ଅନୁଭବ ଓ ଭାଷା, ଦୁହେଁ ଆଧୁନିକତାରେ ରିପ୍ରୋଗ୍ରାମ୍ ହୋଇପାରୁଛି।

ଏହି ଯୁଗରେ ପ୍ରେମ ଗମ୍ଭୀର ଭାବନା ନୁହେଁ, ଏକ "ଇଣ୍ଟରଫେସ୍" ହୋଇପଡ଼ିଛି-'ସୋସିଆଲ ମିଡିଆର ଚାଟବକ୍ସ, ଡେଟିଂ ଆପ୍‌ର ନୋଟିଫିକେସନ୍ ଓ ଭିଡିଓକଲର ଆଲୋକ' ନିଜେ ପ୍ରେମର ନୂଆ ଭାଷା ଲେଖୁଛି। ସେଠାରେ "ଗୋଷ୍ଟିଙ୍ଗ", "ବ୍ରେଡକ୍ରମିଙ୍ଗ", "ସିଚୁଏସନସିପ୍" ଭଳି ଶବ୍ଦଗୁଡିକ ହେଉଛି ନୂଆ ଶବ୍ଦକୋଶର ଅକ୍ଷର-ଯେଉଁମାନେ ପୁରୁଣା ପ୍ରେମଗୀତରେ ଏକ ଅଦୃଶ୍ୟ, କିନ୍ତୁ ଗଭୀର ସ୍ୱର ଯୋଡ଼ିଦେଇଛନ୍ତିସେମାନଙ୍କୁ ଫୁତ୍କାର କରି ହସୁଛି । ଯେଉଁ ପ୍ରେମକାହାଣୀରେ ପୁରୁଣା ନାୟକ ଓ ନାୟିକା ଦୀର୍ଘବିରହରେ ଅମର ହେଉଥିଲେ, ଏବେ ସେଠି ଭିଡିଓକଲ୍‌ର ଦେଖା-ଦେଖିରେ, ସେକେଣ୍ଡରେ ମେସେଜରେ, ଓ "ଲାଷ୍ଟ ସିନ୍" ଭିତରେ ସବୁ ସଂବାଦ ନିଶେଷ ହେଉଛି। ପ୍ରେମ ଅଛି, ମଣିଷ ଅଛନ୍ତି-କିନ୍ତୁ ସେହି ଅପେକ୍ଷା, ସେହି ବିରହ, ସେହି ମାନସିକ ସାହିତ୍ୟିକ ଆତୁରତା-ସେମାନେ ନିଜ ସ୍ଥାନ ହରାଇଦେଇଛନ୍ତି।

ଆହା ! ଆଧୁନିକତା, ମୋବାଇଲ, ନେଟ୍, ମିଡିଆ ଓ ଏବେ ଏଆଇ-ସେମାନେ ଏମିତି ଜୀବନକୁ ନୂଆ ଭାଷା ଦେଇଛନ୍ତି ଯେ, ପ୍ରେମ ମଧ୍ୟ ଏବେ ଏକ ଅଲଗୋରିଦିମ୍‌ରେ ଅନୁଭବିତ।

ସମୟ ତାହାର ନିଜସ୍ୱ ଧାରାରେ ପ୍ରେମର ଭାଷାକୁ ବଦଳାଇଛି-ପତ୍ର ଓ ପଦ୍ୟର ଯୁଗରୁ ସ୍ମାର୍ଟଫୋନ ଓ ସୋସିଆଲ ନେଟ୍‌ର ଯୁଗକୁ। ଏବେ ପ୍ରେମ ହେଉଛି ସିଗ୍ନାଲ ଓ ସିମ୍‌କାର୍ଡର ମିଶ୍ରଣ; ସେହି ସଫଳତା ଓ ଅସଫଳତାର ଜଟିଳ ସଙ୍ଗୀତ ଯାହାର ତାଳ ଆଲଗୋରିଦିମିକ ହୋଇଯାଇଛି।

ଏହି ଲେଖା ତାହାର ଅଭିବ୍ୟକ୍ତି-ଯେଉଁଠାରେ ପ୍ରେମର ନୂଆ ଶବ୍ଦ, ନୂଆ ଚିନ୍ତା ଓ ନୂଆ ଆଚରଣ ଜନ୍ମ ନେଇଛି। ଆସନ୍ତୁ, ଦେଖିବା-ଏହି ଆଧୁନିକ ହୃଦୟର ନୂଆ ଶବ୍ଦମାନଙ୍କ ପରିଭାଷା କଣ:

**୧. Ghosting** (ଗୋଷ୍ଟିଂ)

ଯେତେବେଳେ କେହି ହଠାତ୍ କୌଣସି ବ୍ୟାଖ୍ୟା ବିନା ଜଣଙ୍କଠୁ ସମ୍ପର୍କ ଭଙ୍ଗ କରି ଦୂରେଇ ଯାଏ-ଫୋନ, ମେସେଜ କିମ୍ବା ମିଶିବା ସମ୍ଭବ ହୁଏନି-ତାହାକୁ "ଗୋଷ୍ଟିଂ" କୁହାଯାଏ। ଏହା ଏକ ଅଦୃଶ୍ୟ ହୋଇଯିବାର ଆଚରଣ, ଯାହା ଅନ୍ୟପକ୍ଷକୁ ଅସ୍ତବ୍ୟସ୍ତ କରେ। ବେଳେବେଳେ, ରାତିରେ ଯେପରି ଚନ୍ଦ୍ର ଅଦୃଶ୍ୟ ହୋଇଯାଏ, ସେପରି କେହି ହଠାତ୍ ନିଜ ସଂପର୍କରୁ ଗାୟବ ହୋଇଯାଏ-କୌଣସି ଉତ୍ତର ନାହିଁ, କୌଣସି ଚିହ୍ନ ନାହିଁ। ପଛେ ରହିଯାଏ ଏକ ପ୍ରଶ୍ନ-"ସେ ଅଛନ୍ତି କି ନାହିଁ ?"

ଏହି ସେହିପରି ଏକ ପ୍ରକ୍ରିୟା । ଏହାକୁ ଓଡ଼ିଆରେ 'ଭୂତେଇବା' କହିଲେ, ସମ୍ଭବତଃ ଏହାର ଅର୍ଥ ସ୍ୱଚ୍ଛ ହେବନି ।

**୨. Situationship** (ସିଚୁଏସନସିପ୍)

ଏହା ଏକ ଅସ୍ୱଷ୍ଟ ସମ୍ପର୍କ, ଯେଉଁଠି ଦୁଇଜଣ ଲୋକ ଏକାଠି ରହିଥାନ୍ତି କିନ୍ତୁ ସେମାନଙ୍କ ମଧ୍ୟରେ 'ପ୍ରେମିକ-ପ୍ରେମିକା' ବୋଲି କୌଣସି ସ୍ୱଷ୍ଟ ପରିଭାଷା ନଥାଏ। ସମ୍ପର୍କଟି ଅନିଶ୍ଚିତତା ଓ ଅସ୍ଥିରତାରେ ରହେ। ଏହା ପ୍ରେମ ନୁହେଁ, ଅପ୍ରେମ ମଧ୍ୟ ନୁହେଁ-ମଧ୍ୟବର୍ତ୍ତୀ ଏକ ଦେଶ, ଯେଉଁଠି ହୃଦୟ ଦୋହଲିଥାଏ, ଶବ୍ଦ ନିରବ ରହେ। ଦୁଇ ମଣିଷ ଏକାଠି ଅଛନ୍ତି, କିନ୍ତୁ ପରିଭାଷା ନାହିଁ। ଏକ ସମ୍ପର୍କ ଯାହା ଅଛି, ଆଉ ନାହିଁ ମଧ୍ୟ। କେତେ କରୁଣ ଏହି ସମ୍ପର୍କ ! ଏହାକୁ ପ୍ରେମ କହିବା ନା ସମ୍ପର୍କ ସହ ଉଦାସୀନତା ।

**୩. Benching** (ବେଞ୍ଚିଂ)

ଯେତେବେଳେ କେହି ଅନ୍ୟକୁ ଏକ 'ବ୍ୟାକଅପ୍ ଅପସନ୍' ଭାବରେ ରଖନ୍ତି-ଯେପରି ଖେଳାଳିଙ୍କୁ ବେଞ୍ଚରେ ବସାଇ ରଖାଯାଏ-ତାହାକୁ ବେଞ୍ଚିଂ କୁହାଯାଏ। ସେଠି ଆଶା ରହେ, କିନ୍ତୁ ନିଶ୍ଚିତତା ନାହିଁ। ଏମିତିକି ଜଣଙ୍କ ସହ ବସିଥିବ କିନ୍ତୁ ତାଙ୍କ ସାଥିରେ ଥିବା ବ୍ୟକ୍ତି ପ୍ରତି ଥିବ ଉଦ୍ଦେଶ୍ୟମୂଳକ ଲୋଭ । ପ୍ରେମ ତାଲିକାର ଏକ ସ୍ଥାନ, ଯେଉଁଠି ଆଶା ଖେଳିଯାଏ । ଜଣେ ଜଣେ ଏକାଧିକ ଲୋକଙ୍କ ସହ ପ୍ରେମାଭିନୟ କରି ହୁସିଆର ଥାଆନ୍ତି ଯେ ଜଣେ ଖସିଗଲେ ବା ଅଯୋଗ୍ୟ ଲାଗିଲେ ଆଉ ଜଣଙ୍କୁ ଗ୍ରହଣ କରିହେବ । ଚିନ୍ତା କରାଯାଉ ଏହା ପ୍ରେମତ !

**୪. Bread-crumbing** (ବ୍ରେଡ୍ କ୍ରମିଂ)

ଯେତେବେଳେ କେହି ଅନ୍ୟଜଣଙ୍କୁ ହାଲକା ଆଶା ଦେଇ ଅପେକ୍ଷାରେ ରଖନ୍ତି-କେବଳ ଛୋଟ ଛୋଟ ସଂକେତ ଦେଇ-କିନ୍ତୁ କେବେ ଗୁରୁତର ସମ୍ପର୍କ ଗଢ଼ିନଥାନ୍ତି, ତାହାକୁ ବ୍ରେଡ୍ କ୍ରମିଂ କୁହାଯାଏ।

(କ୍ରମଶଃ)


♥ କେଶଦୁରାପାଳ, କେନ୍ଦୁଝର- ୭୫୮୦୨୫
ମୋ: ୯୯୩୮୧୭୫୧୦୦


## ଏବେ ଏବେ
### ସୁଧୀର ମେହେର



ଏଇ ଏବେ ଏବେ
ଅନେକ କଥା ଜାଣି ପାରୁଚି,
ବୁଝି ପାରୁଚି ଆଉ ଶିଖି ପାରୁଚି ବି ।

ଜାଣି ପାରୁଚି-କାହାକୁ
ଆବଶ୍ୟକତା ଠାରୁ ଅଧିକ ଭଲପାଇବା
ଜମା ଭଲ ନୁହଁ,
କୁଆଡେ ତା'ମନରେ ଅହଂକାର ଆସେ
ତା'ର ଲୋଡିବାପଣକୁ ନେଇ,
ସେ ଖୋଜି ବସେ
ମାତ୍ରାଧିକ ଭଲପାଇବାର କାରଣ ।

ବୁଝୁଚି ବି
କାହା ଉପରେ ଭରସା କରି
ନିଜର ସର୍ବସ୍ୱ ଲୁଟେଇ ଦେଇ
ନିଜକୁ ଖତ କରି ଦେବା ବି ଠିକ୍ ନୁହଁ,
କାହିଁକି ନା ଅବିକା ସମୟରେ -
ମା' ପେଟର ଭାଇ ବି
ଭୂଲି ଯାଉଛି ରକ୍ତର ସଂପର୍କ ।

ଅବିକା ସମୟରେ
ଆପେ ବଞ୍ଚିଲେ ବୋପାର ନାଁ,
ଭାଇ, ବନ୍ଧୁ, ସଖା, ସହୋଦର ସବୁ
ନାମକୁ ମାତ୍ର !
କିଏ କେବେ ମନେ ପକାଏନି ଗଲା କଥା,
ମନେ ରଖେନି -
କାହା ଝାଳ ନାଳ, ଲୁହ ଲହୁର ବଳିଦାନ,
ସାଥି କେବଳ ସୁଖଦ ସମୟର
ବର୍ତ୍ତମାନର ।

ସତରେ
କେତେ ବଦଳି ଗଲୁଣି ଆମେମାନେ,
କେତେ ବଦଳି ଗଲାଣି ସଂସାର !!


♥ ଚିଚୈଗୁଡ଼ା, ଜୁନାଗଡ,
କଳାହାଣ୍ଡି,ପିନ୍-୭୬୬୦୧୪,
(ମୋ) ୯୫୮୩୫୮୮୮୮୭


## କବିତା...

## ଆଜନ୍ମ ତରଳୁଥିବା ପାହାଡ଼
### ଶୁଭସ୍ମିତା ତ୍ରିପାଠୀ



କେତେ ସହଜ,
ବାଲିରେ ତିଆରି ଦେଲେ ଘର
ଝିଅମାନେ ତାକୁ ଭାବନ୍ତି ମହଲ,
ତାଙ୍କୁ ଡାକିଲେ ଚଢେଇ
ନୁଆଇଁ ଆଣନ୍ତି ତାଙ୍କର
ଜମାରୁ ଡେଣା ପାଉନଥିବା ଆକାଶ,
ତାଙ୍କ ପାଦରେ ପିନ୍ଧେଇ ଦେଲେ
କାଶତଣ୍ଡୀ ରେଣୁର ତିଆରି ପାଉଁଜି ହଳେ
ପୁରା ନଈପଠା ବତୁରେଇ ଦିଅନ୍ତି
ଅଳତା ଚିହ୍ନରେ ।

ନ ହେଲେ, ରାତିରାତି ଲେଖି ବସନ୍ତି କବିତା
ବଢ଼େଇ ଚାଲନ୍ତି ଜହ୍ନ ତାରାଙ୍କ ଆୟୁଷ !

କେତେ ସହଜ ସତରେ,
ତମେ ତାଙ୍କୁ ଗୋଧୂଳି ଦିଅ
ଦିଅ, ଯତ୍ନରେ ସଜା ଘାସଫୁଲରୁ ମେଞ୍ଚେଞ୍ଚ
ଦିଅ, କିଛି ସୂର୍ଯୋଦୟର କାକଳି
ଅପରାହ୍ନର ନିର୍ଜନତା
ରାତିର ନିଦହଜା ତାରାଗଣା ବ୍ୟଗ୍ରତା
ଦିଅ, ହଳେ ମଧୁମାଳତୀ ଫୁଲର କାନଫୁଲ,
କିଣି ଶିଖ କିଛି ରଙ୍ଗ ବେରଙ୍ଗର ଚୁଡ଼ି
ବାନ୍ଧି ଶିଖ ଖଜୁରୀ ବେଣୀର ଢେଉ...

ଦେଖିବ, ସେମାନେ ପଦୁଅଁ କଢି ଭଳି
ବୁଜି ହେଇଯିବେ ଧୀରେ ଧୀରେ
ମିଶେଇ ପାରିବେନି ଆଖି,
ଓଠ ଖୋଲି କହିବା ପୂର୍ବରୁ ଗୋଟେ ଶବ୍ଦ
ଆବୃତ ହେବାକୁ ଖୋଜିବେ
ମେଘର ଓଢଣି
ଅଥଚ ମାଟି ବାସ୍ନାରେ ହେବେ ବିଭୋର !

କଷ୍ଟ ନୁହଁ ଜମା,
କେବେ ଅପ୍ରେମରେ ଝାଉଁଳି ଗଲେ ଝିଅମାନେ
ଆଙ୍କିଦିଅ ତା ହାତରେ ନୀଳକଇଁର ଚିତ୍ର
ବେଶୀ କିଛି ନାଇଁ,
କୁହ, କେତେ ସୁନ୍ଦର ତାର
ପ୍ରିୟ ରଙ୍ଗର ପ୍ରଜାପତି
କି କେତେ ସୁନ୍ଦର ତାକୁ
ଭଲ ଲାଗୁଥିବା କବିତା
କେତେ ମିଠା ତା ହାତରେ ଗଢ଼ା
ପଉଷ ପୁନିଅଁର ଉଷୁମ ପୋଡ଼ପିଠା...

ବିନା ସ୍ପର୍ଶରେ ଆଉଁସି ଦିଅ ତା ମଥା
ସଜାଡି ଦିଅ ତା ଉଡି ଯାଉଥିବା ଓଢଣି
ଜମା ନ ଛୁଇଁ ତାକୁ
ଦେଖିବ, କଣ୍ଟାବାଡେ ଅଭିମାନର
ଅଦିନରେ ବି ମାଡିଯିବ ଜହ୍ନିଲଟା
ଭାରି ଫୁଲ ସବୁ ଦିଶିବେ ପ୍ରେମିକା ପ୍ରେମିକା !

ଏତିକି ପରେ ଝିଅଟେ କହିଦେବ,
"ହାରିଗଲି ତମ ପାଖେ !"
ଏଇ ନିଅ, ମୋର ଛଅ ଋତୁ / ବାର ମାସ
ବୈଶାଖ ନିଅ, ନିଅ ବି ବସନ୍ତ
ନିଅ, ମୋ ଲୁହ ନିଅ, ହସ ନିଅ
ପ୍ରେମ ନିଅ, ରାଗ ନିଅ
ନିଅ ବି ମୋ ମଥାର ଖରା
ଦେହର ଛାଇ, ଓଠର ନାଲି
ବୁକୁର ସ୍ପନ୍ଦନ, ଆଖିର କମ୍ପନ
ନେଇଯାଅ ଏସବୁ...

ତମେ ଦିଅ ଖାଲି ପାପୁଲିଏ ପ୍ରେମ
ମୋ ଅସ୍ତବ୍ୟସ୍ତତାକୁ ସାଉଁଟିବାକୁ
ହୁଅ ହାତଟିଏ
ମୋ ଲୋଟି ପଡୁଥିବା ଭାବପ୍ରବଣତାର
ଲତା ଡାଳ ପାଇଁ କାନ୍ଧଟିଏ ହୁଅ
ମୋ ଭିତରେ ଭରି ରହିଛି ଯାହା କିଛି
ଅପୂର୍ବତା, ଯାହା କିଛି ମାଦକତା
ତା ପାଇଁ ଆଖି ହଳେ ହୁଅ
ଆଉ ମତେ ସବୁଦିନ ଦେଖୁଥାଅ...

ହୁଅ ବି ମୋ କବିତା ଖାତାରେ
ବାରମାସୀ ଗୋଟେ ଋତୁ
ଫିକ୍ କିନା ହସି ଉଡି ଯାଉଥିବା
ହଳଦୀ ବସନ୍ତ ଭଳି ମୋ ଓଠରେ
ହସ ଟିକେ ବି ହୁଅ
ଆଉ ସବୁଦିନ, ସବୁ ଜନ୍ମ ମତେ
ଭଲ ପାଉଥାଅ....!


♥ ବ୍ରହ୍ମପୁର, ଗଂଜାମ
(ମୋ) ୮୪୮୦୮୬୭୧୯୦


## ପାହିନି ରାତି
### ସୁଜିତ କୁମାର ମିଶ୍ର



ପାହିନି ସେ ରାତି,
ଏକାନ୍ତ ନିଜର ଅତି ।

ଏ ରାତି ଏତେ ନିଜର
ସକାଳଠୁ ଲାଗେ
ଅତି ଆପଣାର,
ସତେ କେଉଁ ସ୍ୱପ୍ନର
ଦୁର୍ମୂଲ୍ୟ ବେକହାର ।

ସୃଜନ ସ୍ମୃତିକୁ ସାଇତି ସିନ୍ଦୁକରେ
ସୃଜନ ପ୍ରାଣରୁ ପାଉଁଶ ହୋଇଛି ଦେହ,
ଏଇ ସେଇ ଖାନନଗର ମଶାଣି
ଯାହା ଥିଲା ଅନ୍ତିମ ମୋହ,
ତୁମେ ଅନନ୍ତ ପବନର ଏବେ
ବାସ୍ପାୟିତ ପ୍ରବାହ ।

ତରୁଣ ଓଠର ତୁମେ ମିଠା ହସ
ପିଲାଟିଏ ପରି ଶୈଶବକୁ ଓହ୍ଲାଇ ଆସ,
ଶକ୍ତ ଶ୍ରୋତାର ସାହସ,
ଅଫେରା ବସନ୍ତର ତୁମେ
ଅନବରତ ହସରସ ।

ସବୁ କିଛି ପାଇଲା ପରେ ବି
ଖୋଜୁଥାଅ କାହାକୁ ଗୋଟିଏ
ଦୃଷ୍ଟି ନିବଦ୍ଧ ଭିଜାଭିଜା ଆଖିରେ,
ଗାଉଥାଅ କାକରର ଗୀତ,
ବୁଲୁଥାଅ ଏ ଗଳି ଗଳି
ରାତିର କାଳିମାକୁ ଟାଳି,
ଉଡୁଥାଅ ଆହା ତୁମେ ବିହଙ୍ଗମ ଉଡାଣରେ,
ଭାବନାର ବାଦଶାହ ବି ବେଳେ ବେଳେ
ପାଗଳ ହୋଇ ବୁଲନ୍ତି
ଅସୀମ ସ୍ୱାର୍ଥର ଧୈର୍ଯ୍ୟରେ ।

ତୁମେ ଗଲାପରେ ବି
ଚମକୁଛି ତୁମ ଭୋରମୋତିର କାନଫୁଲ,
ତୁମ ଛାତି ତଳର ଥମୁନଥିବା
ନିଆଁଝୁଲ ।

ଲିଭିପାରେ କଣ
ଏ ଜୟନ୍ତୀୟ ଦୀପ
ଆଖିରେ ଲୁହ ଥିବା ଯାଏ, କୁହ ତ ?


♥ ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
(ମୋ) ୭୬୮୩୮୬୭୭୪୨


## ଲାଲ୍ ଗୋଲାପର କବର
### ଐଶ୍ୱର୍ଯ୍ୟା ପ୍ରଧାନ



କୁହ, କ'ଣ ବା ଦେବି ତୁମକୁ ?
ଚନ୍ଦ୍ରଭାଗା ମୁହାଣର ମୁଠାଏ ବାଲି
ନା ତ୍ରିବେଣୀ ସଙ୍ଗମର କିଛିଟା ପୁଣ୍ୟ
ଦାସ, ଦାସୀ
ନା କବରୀରେ ଖୋସିବ ବୋଲି
କେତୋଟି ତାଜା ତାଜା ଲାଲ୍ ଗୋଲାପ ।

ବାରିଧିର ବାଲୁକା ଶଯ୍ୟାରେ
ପହଁରୁ ଥିବା ମୋ ଲୁହର ଟୁକୁରା ଖଣ୍ଡ
ନା ମୋ ରକ୍ତ ଶୋଷି ନେଇଥିବା
କ୍ଷୁଧାୟିତ ରୂପସୀ
ନା ଦେବି ତୁମକୁ ପବିତ୍ର ଅବଢ଼ା
ନା ସ୍ୱର୍ଗର ଅମୃତ, ନା ମୋର ଆୟୁଷ ।

ତୁମ ମୁଦ୍ରିତ ନୟନ ଦ୍ୱୟରେ
ଲଗେଇ ଦେବି କି
ମୋ ପୋଡ଼ା ହୃଦୟର କାଳିମା
ନା ତୁମ ନିସ୍ତେଜ ଓଠରେ ଭରିଦେବି
ମୋ ଲହୁର ରକ୍ତାଭ ରଙ୍ଗ
ମିଛ, ମିଛ, ମିଛ
ମିଛ ହେଲା ମନ୍ଦିରର ସିନ୍ଦୂର,
ମସଜିଦର କବୁଲ / ଗୀର୍ଜାର କସମ୍
ଶେଷରେ ତୁମକୁ ଉପହାର ଦେଲି
ଲାଲ୍ ଗୋଲାପର କବର ।

ଏବେ ନା ମୁଁ ଆଣି ପାରିବି ସଞ୍ଜିବନୀ
ସିଞ୍ଚିବାକୁ ତୁମ ନିଶ୍ଚଳ, ନିସ୍ପନ୍ଦ, ସୁରମ୍ୟ ମୁଖରେ
ଜଳୁଛି ହୃଦୟ ଅପାରଗତାର ବହ୍ନି ରେ
ଭାବୁଛି ଆପଣେଇ ନେବି ଇଚ୍ଛା ମୃତ୍ୟୁକୁ
ମୋ ପାଇଁ ଟିକିଏ ଯାଗା ଦେବ ତୁମ ପାଖରେ
ସେ ଲାଲ୍ ଗୋଲାପର କବରରେ !!!!


♥ କନ୍ଧେଇମାଳ, ଉତ୍କେଲା, କଳାହାଣ୍ଡି

# ଯଦି ଲୋକଙ୍କ ହୃଦୟରେ ଆମେ ରହି ପାରିବା, ତେବେ ତାହାହିଁ ହେବ ଆମର ବଡ଼ ପୁରସ୍କାର : ନରହରି ମିଶ୍ର

**ନରହରି ମିଶ୍ର** ଓଡିଆ ସାହିତ୍ୟ ଜଗତର ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ । କେବଳ କବିତା ନୁହେଁ, ଅନେକ ଗୀତିକବିତା, ଗଳ୍ପ, ଆତ୍ମଜୀବନୀ ଓ ଭ୍ରମଣକାହାଣୀର ସ୍ରଷ୍ଟା ସେ । 'ବିଦଗ୍ଧ ମଧ୍ୟାହ୍ନ' ଠାରୁ ଆରମ୍ଭ ହୋଇଥିବା ଏ ଯାତ୍ରା ଏବେ ବି ଅବ୍ୟାହତ । ପ୍ରେମଠାରୁ ବଡ ମନ୍ତ୍ର ନାହିଁ, କି ପ୍ରେମଠାରୁ ଉତ୍କୃଷ୍ଟ ସ୍ତୋତ୍ର ନାହିଁ କହୁଥିବା କବିଙ୍କ କବିତାରେ ଦୃଶ୍ୟମାନ ହୁଏ ଯେଉଁ ରାଶି ରାଶି ପ୍ରେମ ତାହା ବିଶ୍ୱକୁ ମଧୁମୟ କରିବା ସ୍ୱପ୍ନରେ ବେଶ୍ ବିଭୋର । କଳ୍ପନାର କଳାପଟାରେ ସ୍ମୃତିକୁ ସୋରିଷଫୁଲ କରି ଆଙ୍କି ପାରୁଥିବା ଏହି କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



### ■ ଅଳ୍ପରେ ନରହରି ମିଶ୍ର



ନାମ - ନରହରି ମିଶ୍ର
ଜନ୍ମ ତାରିଖ-୦୫/୦୧/୧୯୬୧
ପିତା-ଦଇତାରୀ ମିଶ୍ର
ମାତା- ସରସ୍ୱତୀ ଦେବୀ
ଜନ୍ମ ସ୍ଥାନ : ସା/ପୋ- ସାହସପୁର, ଭାୟା- ଧୂସୁରୀ, ଜି- ଭଦ୍ରକ
ବର୍ତ୍ତମାନର ଠିକଣା : ସା- ମଧୁବନ (ଗୋଇସାହି), ପୋ- ବେଲଗଛିଆ, ବାରଙ୍ଗ, ଜି- କଟକ-୭୫୪୦୦୫
ମୋ: ୯୭୭୮୮୬୯୬୮୧



ପ୍ରାଣପ୍ରିୟା ପତ୍ନୀଙ୍କ ସହିତ କବି ନରହରି ମିଶ୍ର...

**■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?**

■■ ସ୍ରଷ୍ଟାଙ୍କ ସୃଷ୍ଟିରେ ଏ ସଂସାର କାବ୍ୟମୟ। କବିତା ନାହିଁ ତ ଜୀବନ ନାହିଁ । ଶିଶୁଟିର କ୍ରନ୍ଦନରୁ ଆରମ୍ଭ ହୁଏ କବିତା । ତା' ହସରେ ଫୁଲ ହୋଇ ଫୁଟେ, ଅମୃତର ଝର ହୋଇ ବହେ। କୈଶୋରରେ କବିତା ସାଜେ କସ୍ତୁରୀ ଆଉ ଯୌବନରେ ଉପଲବ୍ଧି କରିହୁଏ କବିତାର କଲ୍ଲୋଳ । କବିତା କଇଁଫୁଲ ହୋଇ ଫୁଟେ ବୟସର ବିମୁଗ୍ଧ ବେଳାରେ । ଜୀବନ ହୁଏ ମଧୁମୟ। ପ୍ରାଣ ହୁଏ ଉନ୍ମନା । ହତାଶାର ହୋମାନଳେ ହୃଦୟ ଯେତେବେଳେ ଜଳିଯାଏ ଦାଉ ଦାଉ ହୋଇ, ସେତେବେଳେ କବିତାର କନିକ ପ୍ରତିମା ଢାଳିଦିଏ ପୀୟୁଷର ଧାରା କିଛି ମୁହୂର୍ତ୍ତ ବଞ୍ଚିଯିବା ପାଇଁ କବିତା ପାଲଟିଯାଏ କଥା କୁହି କିନ୍ନରୀ, ମମତାର ମାଳତୀ, ଦରହାସୀ ପ୍ରେୟସୀ, ସୋହାଗର ଷୋହଳ ବୟସୀ । ଚଳଲି ଉଠେ ଚେତନା, ହଜିଯାଏ ଦୁଃଶ୍ଚିନ୍ତା। କବିତା ପାଲଟିଯାଏ ଗୁଣୁଗୁଣୁ ମିଠା ଜହ୍ନରାତି, ମଧୁଝରା ମାନିନୀ ।

କବିତା ସେ- ଚଇତର ଚଇତାଳି, ନିଦାଘର ଚନ୍ଦନ । ଆଷାଢ଼ର ଆକାଶ ତ ଶ୍ରାବଣର ସ୍ପନ୍ଦନ । କବିତା ଯେ ନ ଶୁଣିଛି ତା'ର କି ଜୀବନ ?

ବେଦ କବିତା, ଉପନିଷଦ କବିତା । ଭଗବାନଙ୍କ ମୁଖ ନିସୃତ ବାଣୀ ଗୀତା ବି' କବିତା । ରାମାୟଣ, ମହାଭାରତ, ଅଷ୍ଟାଦଶ ପୁରାଣ, ଜଣାଣ, ଭଜନ-କୀର୍ତ୍ତନ, ଭାଗବତ, ଭକ୍ତି ରସାମୃତ- ସବୁତ କବିତା । କବିତା କୋଉଠି ନାହିଁ ? ଭୂମିରୁ ଭୂମା ଯାଏ ସବୁଠି କବିତା । ସବୁଠି ରୂପ, ରସ, ଛନ୍ଦ ଓ ଶବ୍ଦର ଶିଳ୍ପ ସମ୍ଭାର । ତେଣୁ କବିତା ମୋତେ ମନ୍ତ୍ର ପରି ଲାଗେ। ସାହିତ୍ୟରେ ଯେତେ ବିଭାଗ ରହିଛି, ସେସବୁ ମଧ୍ୟରୁ କବିତା ଶ୍ରେଷ୍ଠ ହୋଇଛି । କାରଣ- କେବେ ସେ ହଜେଇ ଦିଏ ହୃଦୟର ସୁନା ଫରୁଆକୁ, କେବେ ସେ ମତେଇ ଦିଏ ମଣିଷ ମନକୁ, କେବେ ସେ ତତେଇ ଦିଏ ତୁଳୀ-ତଳ୍ପ ଶଯ୍ୟା । କେବେ ସାଜେ ଫୁଲର ଫଗୁଣ । କେବେ ସାଜେ ଲୁହର ଶ୍ରାବଣ । କବିତା ପ୍ରେମରେ ଥରେ ପଡ଼ିଗଲେ ଭୋକ ଶୋଷ ସବୁ ଭୁଲି ହୋଇଯାଏ ।

ହଁ, ମୁଁ ସେଇ କବିତା ସୁନ୍ଦରୀ ମାୟାରେ ଫସିଛି ପିଲାଦିନରୁ । ସେତେବେଳେ ଗାଁ ମାଟିର ପ୍ରାକୃତିକ, ସାମାଜିକ, ଅର୍ଥନୈତିକ, ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପରିବେଶ ମୋର ସୃଜନର ଆଦ୍ୟସ୍ଫୁରଣ ପାଲଟି ଯାଇଥିଲା । ତା ସହିତ ଝଡ଼ି, ବଢ଼ି ଓ ମରୁଡ଼ି ଏବଂ ଅଭାବ ଅନଟନ ଭାବନା ରାଜ୍ୟରେ ଅନେକ ପ୍ରଭାବ ପକାଇଥିଲା । ରେଡିଓରୁ ଗୀତ ଶୁଣି ଶୁଣି ସପ୍ତମ- ଅଷ୍ଟମ ଶ୍ରେଣୀରେ ପଢୁଥିଲା ବେଳେ ଅନେକ ଭଜନ ଓ ଗୀତ ଲେଖିଥିଲି । ସ୍କୁଲ ସାର୍‌ମାନଙ୍କୁ ସେସବୁ ଦେଖାଇବାରୁ ସେମାନେ ମୋତେ ଅଧିକ ପ୍ରେରଣା ଦେଉଥିଲେ । ଏହାଛଡ଼ା ପାଲା, ଦାସକାଠିଆ ଇତ୍ୟାଦି ମୋ ଉପରେ ପ୍ରଭାବ ପକାଇଥିଲା । ଡ୍ରାମା ଓ ଯାତ୍ରାରେ ମଧ ଅଭିନୟ କରୁଥିଲି । ସ୍କୁଲରେ ସବୁବେଳେ ପ୍ରଥମ ହେଉଥିଲି । ନାଟକରେ ନିଖୁଣ ଅଭିନୟ (ନାରୀ ଭୂମିକାରେ) ଏବଂ ମୋର ସମସ୍ତ ସୁଗୁଣ ଦେଖି ଭଦ୍ରକ କଲେଜରେ ଆଇ.ଏ. ପଢୁଥିଲା ବେଳେ ମୋ ଗାଁର ବିଶିଷ୍ଟ ବ୍ୟକ୍ତି ନବ କିଶୋର ପାଣିଗ୍ରାହୀ ତାଙ୍କ କନ୍ୟା ସହିତ ମୋର ଅନିଚ୍ଛା ସତ୍ତ୍ୱେ ବିବାହ କରାଇ ଦେଇଥିଲେ । କଲେଜରେ ପଢ଼ିବା ପାଇଁ କିଛି କିଛି ଆର୍ଥିକ ସାହାଯ୍ୟ କରିଥିଲେ ।

ବହୁ ରଙ୍ଗେ ରଙ୍ଗାୟିତ ଏ ମୋର ଜୀବନ
ବହୁ ଛନ୍ଦେ ଛନ୍ଦାୟିତ ମୋ କାବ୍ୟିକ ପ୍ରାଣ ।

**■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ସେତେବେଳେ ବୟସ ଘଣ୍ଟାରେ ମୋର ବାଜିଥିଲା ପାଖାପାଖି ସମୟ ସକାଳ ଛଅଟା। ଜନ୍ମଦାତ୍ରୀ ଜନନୀ ମୋ ଆଖି ବୁଜିଦେଲା ସର୍ପଦଂଶନ ହେତୁ ଶ୍ରାବଣ ସଞ୍ଜରେ । ଅସହାୟତାର ଅର୍ଗଳିରେ ଆବଦ୍ଧ ହୋଇ ପଡ଼ିଥିବା ବେଳେ ବଡ଼ ଜେଜୀମା ଓ ସାନ ଜେଜୀମା ପାତି ଦେଇଥିଲେ ସେମାନଙ୍କ ସ୍ନେହ ଓ ଶ୍ରଦ୍ଧାର ପଣତ କାନି। ସେତେବେଳେ ଆମର ଯୌଥ- ପରିବାର ଥିଲା । ପରେ ପୃଥକ୍ ହୋଇଥିଲୁ । ସନ୍ଧ୍ୟା ହେଲେ ବଡ଼ ଜେଜୀମା ଖୋଲି ଦଉଥିଲା ତା' ଗପର ପେଡ଼ି । ପାଞ୍ଚ ଛଅ ଜଣ ନାତି ନାତୁଣୀଙ୍କ ମଧ୍ୟରେ ମୁଁ ଥିଲି ତାଙ୍କର ଏକ ନମ୍ବର ପ୍ରିୟ ବୋଲକରା ଶିଷ୍ୟ । ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥିଲା ବେଳେ ବଡ଼ ବାପାଙ୍କର ବଡ଼ ଝିଅ ରଙ୍ଗନାନୀର ବାହାଘର ହୋଇଗଲା ମାତ୍ର ଚଉଦ ବର୍ଷରେ । ବଡ଼ ଜେଜୀମାର ଭାଲେଣି ପଡ଼ିଲା ଭାଗବତ ବହି ପଢ଼ିବ କିଏ ? ଶେଷରେ ମୋତେ ନିର୍ବାଚିତ କରାଗଲା । ମୁଁ ପଢ଼ିଲି। ପାଞ୍ଚ ସାତ ଜଣ ବୃଦ୍ଧା ହେଲେ ଶ୍ରୋତା । ବହୁତ ପ୍ରଶଂସା ପାଇଲି । ଏହା ପରେ ଘରେ ଗଚ୍ଛିତ ଥିବା ଅନେକ ପୋଥି ଓ ପୁରାଣ ସବୁ ପଢ଼ିବାକୁ ଲାଗିଲି । ପଠନ ସ୍ପୃହା ବୃଦ୍ଧି ପାଇଲା । ତେଣୁ ମୋ ବଡ଼ ଜେଜୀମା ଓ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ ହେଲେ ମୋ ସାରସ୍ୱତ ସାଧନାର ଆଦ୍ୟଗୁରୁ । ପରେ ଯେତେବେଳେ ୧୯୯୧ରେ ସଚିବାଳୟରେ ଯୋଗ ଦେଲି ମୋ ସାହିତ୍ୟ ସାଧନାର ପଥ ପ୍ରଦର୍ଶକ ହେଲେ କବି ତଥା କାବ୍ୟଲୋକ ପତ୍ରିକାର ସମ୍ପାଦକ ଶ୍ରୀ ଭିକାରୀ ଧଳ । ମୋର ପାଣ୍ଡୁଲିପି ସବୁ ଦେଖି ସେ ଖୁବ୍ ଆଶ୍ଚର୍ଯ୍ୟ ହେଲେ ଏବଂ ଗୋଟିଏ ପରେ ଗୋଟିଏ ପାଞ୍ଚ ଗୋଟି କବିତା ସଙ୍କଳନ ସେ ଛାପିଥିଲେ । ତାଙ୍କ ପାଖରେ ମୁଁ କୃତଜ୍ଞ।

**■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?**

■■ ଅଭାବୀ ପିଲା ହେତୁ ସ୍କୁଲ କଲେଜରେ ପଢୁଥିଲା ବେଳେ ସାହିତ୍ୟ ବହିସବୁ କ୍ରୟ କରିବାକୁ ଅର୍ଥ ବାଧକ ଥିଲା । ତେଣୁ ଲାଇବ୍ରେରିରୁ ଗଳ୍ପ, କବିତା ଉପନ୍ୟାସ ଓ ନାଟକ ବହିସବୁ ଆଣି ପଢୁଥିଲି । ସଂଘର୍ଷମୟ ଜୀବନ ଯାତ୍ରାରେ ଗତି କରି ଚାଲିଥାଏ । ଟିଉସନ କରି ପାଠ ପଢ଼ିବା, ପରିବାର ପୋଷିବା, ୧୯୮୨ ମସିହାଠାରୁ କଟକରେ ରହି ଚାକିରୀ ପାଇଁ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ଦେବା ମଧ୍ୟରେ ସମୟ ସରୁଥାଏ । ତଥାପି ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ଥିବା ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ, ପ୍ରଜାତନ୍ତ୍ରର ବିଷୁବ ଆସର ଯାଉଥିଲି ଜଣେ ଶ୍ରୋତା ଭାବରେ । ୧୯୯୭ ମସିହାରେ ବନ୍ଧୁ ଭିକାରୀ ଧଳ ବାଧ କରି ଥରେ ମୋତେ ସାଙ୍ଗରେ ନେଇଗଲେ ଭୁବନେଶ୍ୱର ସାହିତ୍ୟ ସମାଜକୁ। ଶ୍ରୀଯୁକ୍ତ ସତ୍ୟ ମହାପାତ୍ର ଥିଲେ ସଭାପତି । ପ୍ରତି ମାସର ଶେଷ ଶନିବାର ରେଡକ୍ରସ ଭବନ ନିକଟସ୍ଥ କୃଷକ ସମାଜ ହଲ୍‌ରେ ସଂଧ୍ୟା ପାଞ୍ଚଟାରେ ହୁଏ ସାହିତ୍ୟ ଆସର । ଅଫିସ କାର୍ଯ୍ୟ ସାରି ଭିକାରୀ ବାବୁଙ୍କ ସହିତ ଗଲି । କବିତା ପଢ଼ିଲି, ଓହୋ ! କି ଅନନ୍ୟ ଅନୁଭୂତି ! ସ୍ୱାମୀ ରାମକୃଷ୍ଣ ପରମହଂସ ବାଳକ ନରେନଙ୍କୁ ପ୍ରଥମ ଦେଖାରେ ଯେମିତି ଚିହ୍ନି ପାରିଥିଲେ ଯେ ସେ ହେବେ ତାଙ୍କର ଭବିଷ୍ୟତ, ଠିକ୍ ସେହିପରି ସତ୍ୟ ମହାପାତ୍ରଙ୍କ ଦୃଷ୍ଟିରେ ମୁଁ ବାଳକ ନରେନ ହୋଇଯାଇଥିଲି। ସଭା କକ୍ଷ କରତାଳିରେ ଉଚ୍ଛୁଳି ପଡ଼ିଲା । ଏତେଦିନ ଧରି ମୁଁ କେମିତି ଗୁପ୍ତ ବା ସୁପ୍ତ ହୋଇଥିଲି ! ଭୂରି ଭୂରି ପ୍ରଶଂସାରେ ପୋତି ହୋଇଗଲି । ସେହିଦିନରୁ ସମସ୍ତଙ୍କର ପ୍ରିୟ କବି ହୋଇଗଲି । ବାସ୍ତବରେ ଭୁବନେଶ୍ୱର ସାହିତ୍ୟ ସମାଜ ଏବଂ କଟକରେ ଥିବା ଉତ୍କଳ ସାହିତ୍ୟ ସମାଜ ମୋ କାବ୍ୟ ସାଧନାରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି । ୧୯୯୭ ପରଠାରୁ ମୋର ସାହିତ୍ୟ ସାଧନା ଏକ ପ୍ରବୃତ୍ତିରେ ପରିଣତ ହୋଇଛି । ଲେଖିଚାଲିଛି ରାଶିରାଶି କବିତା ଓ ଗୀତି କବିତା । ସାରା ଓଡ଼ିଶାରେ ଥିବା ବିଭିନ୍ନ ସାହିତ୍ୟ ସଭା/ କବିତା ଆସରରେ ଯୋଗ ଦେଇ ଯେଉଁ ସ୍ନେହ ଶ୍ରଦ୍ଧା ପାଇଛି ମୃତ୍ୟୁ ପର୍ଯ୍ୟନ୍ତ ଭୁଲି ପାରିବି ନାହିଁ । କବିତା ସହିତ ଆତ୍ମ ଜୀବନୀ, ଗଳ୍ପ ଓ ଭ୍ରମଣ କାହାଣୀ ମଧ ଲେଖିଛି । ବର୍ତ୍ତମାନ ସୁଦ୍ଧା ୧୪ ଗୋଟି ପୁସ୍ତକ ପ୍ରକାଶିତ । ଆସନ୍ତା ମାସରେ ଭ୍ରମଣ କାହାଣୀ ପୁସ୍ତକ 'ଅତୁଳ୍ୟ ଭାରତ' ପ୍ରକାଶିତ ହେବ । ପ୍ରିୟ ପୁସ୍ତକ କଥା ପଚାରିଲେ କଣ ଉତ୍ତର ଦେବି ? ସ୍ରଷ୍ଟା ପାଖରେ ସବୁ ସୃଜନ ସମାନ। ପୋରୁହାଁ ପୁଅ 'ବିଦଗ୍ଧ ମଧ୍ୟାହ୍ନ' ଓ ତା' ପରେ ପ୍ରକାଶିତ 'ନିଃଶବ୍ଦ ନୂପୁର' ପ୍ରଚୁର ପାଠକୀୟ ଶ୍ରଦ୍ଧା ପାଇଛି । ପ୍ରଣୟ କାବ୍ୟ 'ଅଧା ଲେଖା ଚିଠି'କୁ ଦିବଂଗତ ସ୍ରଷ୍ଟା ରମାକାନ୍ତ ରଥ ଉଚ୍ଚ ପ୍ରଶଂସା କରି ଚିଠି ଲେଖିଥିଲେ ସାଇତି ରଖିଛି । ସେହିପରି ପ୍ରଣୟ କାବ୍ୟ 'ଦେବଦାସର ଗୀତ' ଦିବଂଗତ ସ୍ରଷ୍ଟା ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ହୃଦୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ଗୀତି କବିତା ସଙ୍କଳନ 'ବର୍ଷା ବୈଶାଖର ଗୀତି' ଓ 'ବାସ୍ନାରେ ବାସ୍ନାରେ' ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ଗୀତିକାର ମାନଙ୍କ ହୃଦୟରେ କମ୍ପନ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

**■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?**

■■ ଓଡ଼ିଆ ସାହିତ୍ୟରେ ମୁଖ୍ୟ ଭୂମିକା ପ୍ରତିପାଦନ କରୁଥିବା କବିତା ଆଜି ଅଧିକାଂଶ ଲୋକ ପଢୁନାହାନ୍ତି, ଆଧୁନିକ ଉତ୍ତରାଧୁନିକ କହି କବିତାକୁ ହତ୍ୟା କରାଯାଉଛି । ଗଳ୍ପ ଓ ଉପନ୍ୟାସରେ ଓଡ଼ିଶାର ମାଟି, ପାଣି ଓ ପବନର ଚିତ୍ର କ୍ରମଶଃ ଅବଲୁପ୍ତ ହେବାରେ ଲାଗିଛି । ନାଟକ ବ୍ୟବସାୟୀକରଣ ଓ ଆଧୁନିକୀକରଣ ହେଉଛି ବୋଲି ସମାଲୋଚନା ଚାଲିଛି । ସାହିତ୍ୟିକମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ । ଗୋଷ୍ଠୀଭୁକ୍ତ ନହେଲେ ଲେଖକଙ୍କୁ ଏକ ଘରିକିଆ ଅବସ୍ଥା ଭୋଗିବାକୁ ହେଉଛି। ଯୁଗ ରୁଚି ଅନୁସାରେ ସାହିତ୍ୟ ବଦଳୁ, ମନାନାହିଁ । କିନ୍ତୁ ଛିନ୍ନ ମୂଳ ସାହିତ୍ୟ ରଚନା କରି ବାହାବା ନେବା ଆଦୌ ଗ୍ରହଣୀୟ ନୁହେଁ । ଆଜିର ଇଣ୍ଟରନେଟ ଯୁଗରେ ଅଧିକାଂଶ ଲୋକଙ୍କ ହାତରେ ସ୍ମାର୍ଟ ଫୋନ । ପାଠକ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ବସ୍ତୁବାଦୀ ସମାଜରେ ସାହିତ୍ୟର ଶ୍ରଦ୍ଧା କେବଳ ସାହିତ୍ୟିକଙ୍କ ପାଖରେ ଅଛି । ଅନ୍ୟମାନଙ୍କ ପାଖରେ ନାହିଁ। ଏପରି ସ୍ଥିତିରୁ ସାହିତ୍ୟ ମୁକୁଳିବା ନିଶ୍ଚୟ କଷ୍ଟକର । ତଥାପି ଆଶା କରାଯାଇପାରେ ଯେ ସାହିତ୍ୟ ସ୍ଥିତିଶୀଳତାରୁ ମୁକ୍ତ ହେବ । ସେଥିପାଇଁ କବି ଲେଖକମାନେ ଅଧିକ ଯତ୍ନବାନ ହେବା ବାଞ୍ଛନୀୟ । ବଡ଼ ସାହିତ୍ୟିକ ବା ସାନ ସାହିତ୍ୟିକ ବିଭେଦ ସୃଷ୍ଟି କରିବା ଉଚିତ ନୁହେଁ । ଯିଏ ଯେଉଁ ଧାରାରେ ଲେଖୁଛନ୍ତି ସେମାନଙ୍କୁ ପ୍ରେରଣା ଦିଆଯାଉ । ସମସ୍ତେ ଯେ ପାଶ୍ଚାତ୍ୟ ସାହିତ୍ୟାନୁସାରେ ଲେଖିବେ, ସେମିତି କିଛି ନିୟମ ନାହିଁ । ଓଡ଼ିଆ ଭାଷା ସାହିତ୍ୟର ତଥା ଆମର ନିଜସ୍ୱ ରୁଚି ରହିଛି । ଅରୁଚିକର ଓ ଅବୋଧଗମ୍ୟ ସାହିତ୍ୟ ସୃଷ୍ଟି କଲେ ଲୋକ ସାହିତ୍ୟ ମରିଯିବ । ଜଣଙ୍କ ପରିବର୍ତ୍ତେ ଗଣମାନଙ୍କ ପାଇଁ ସାହିତ୍ୟ ସୃଷ୍ଟି ହେବା ଆବଶ୍ୟକ । ସାହିତ୍ୟ ସମସ୍ତଙ୍କୁ ଛୁଇଁବା ଦରକାର । ସେଥିପାଇଁ ଗଣମାନଙ୍କୁ ସାମିଲ କରିବାର ଅଛି ।

**■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ। ଏଥିରେ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ସରକାରୀ ବିଦ୍ୟାଳୟମାନଙ୍କରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ । ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଇଂରାଜୀ ଭାଷାର ପ୍ରଚଳନ ବ୍ୟାପକ । ଓଡ଼ିଆ ଅସ୍ମିତା ଅନ୍ତସାରହୀନ ରାଜନୈତିକ ଭାଷଣବାଜିରେ ସୀମିତ। ଦଳେ ସାହିତ୍ୟିକ ଓଡ଼ିଆ ଭାଷାର ସଙ୍କଟକୁ ନେଇ ସ୍ୱର ଉତ୍ତୋଳନ କରୁଥିବା ବେଳେ ଆଉ ଦଳେ ସାହିତ୍ୟିକଙ୍କର ନୀରବତାର ପୋଷାକ ତଳେ ଆଶ୍ରୟ । ଭାଷାର ଉନ୍ନତି ହେବ କେମିତି ? ଆପଣ ପଚାରିଛନ୍ତି ଯେ ସଙ୍କଟରେ ଥିବା ମାତୃଭାଷାକୁ ସାହିତ୍ୟ ମାଧ୍ୟମରେ ମୁକ୍ତ କରାଯାଇପାରିବ କି ? ଆଜ୍ଞା, ପ୍ରଥମେ ଭାଷା ଓ ତା'ପରେ ଭାଷାକୁ ନେଇ ସାହିତ୍ୟ ହୁଏ । ଯେଉଁ ଭାଷାର ପ୍ରଚଳନ ଯେତେ ଅଧିକ ଥାଏ, ସେ ଭାଷାର ବ୍ୟାପକତା ସେତେ ଅଧିକ ହୋଇଥାଏ । ଓଡ଼ିଆ କହିବା, ପଢ଼ିବା ଏବଂ ଓଡ଼ିଆରେ ଲେଖିବା ଯଦି ହ୍ରାସ ପାଏ, ସେଠାରେ ଓଡ଼ିଆ ସାହିତ୍ୟ ଗୌଣ ହୋଇଯିବ।। ମୁଁ ଭାବୁଛି ଯେଉଁଦିନ ସରକାର ସମସ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆ ଭାଷାରେ ଶିକ୍ଷାଦାନକୁ ବାଧ୍ୟତାମୂଳକ କରିବେ, ଶିକ୍ଷା ପ୍ରଣାଳୀକୁ ବ୍ୟବସାୟୀ କରଣରୁ ମୁକ୍ତ କରିବେ ଏବଂ ଭାଷାକୁ ନେଇ ତୃଷ୍ଟି କରଣ ରାଜନୀତିରୁ କ୍ଷାନ୍ତ ହେବେ, ସେହିଦିନ ଓଡ଼ିଆ ଭାଷାର ସଠିକ୍ ଉନ୍ନତି ହେବ।। ନହେଲେ ଓଡ଼ିଆ ଭାଷା କେବଳ କେତୋଟି ଜିଲ୍ଲାରେ ସୀମାବଦ୍ଧ ହୋଇ ରହିବ।

**■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଯେଉଁ କବିତାରେ ଛଳଛଳ ଭାବ ଥାଏ ଏବଂ ହୃଦୟକୁ ଛୁଇଁଯାଏ, ତାହା ହିଁ ଭଲ କବିତା । କବିତାର ମୂଳ ହେଉଛି ଭାବ ଏବଂ ଭାବ ଯେତେବେଳେ ଶବ୍ଦ ଶିଳ୍ପୀର ଯାଦୁକରୀ ସ୍ପର୍ଶରେ ପ୍ରାଣବନ୍ତ ହୋଇଉଠେ, ଭଲ କବିତା ଆପେ ଲେଖି ହୋଇଯାଏ । ସାହିତ୍ୟ ମାଧ୍ୟମରେ ମାନସିକତା ପରିବର୍ତ୍ତନ କଥା ପଚାରିଛନ୍ତି; ଆଜ୍ଞା, ମୁଁ ଏଥିରେ ଶତ ପ୍ରତିଶତ ହଁ କହିବି । କାରଣ, ସାହିତ୍ୟ ଶାନ୍ତି ଦିଏ, ଜ୍ଞାନ ଓ ବୁଦ୍ଧି ଦିଏ । ଭାଙ୍ଗି ଯାଇଥିବା ହୃଦୟକୁ ଯୋଡ଼ିଦିଏ । ଅସହାୟ ବ୍ୟକ୍ତିକୁ ବଞ୍ଚିବାର ଶକ୍ତି ଦିଏ । ସାହସ ଦିଏ । ଅନ୍ଧକାରରୁ ଆଲୋକକୁ ପଥ ଦେଖାଏ । ମୁମୂର୍ଷୁ ଓଠରେ ଭରିଦିଏ ମୁଠାଏ ଶାନ୍ତ୍ୱନା । ହାହାକାରରେ ଦଗ୍ଧ ହେଉଥିବା ହୃଦୟରେ ବୋଳିଦିଏ ଚନ୍ଦନ । ସାହିତ୍ୟ ହେଉଛି ବ୍ୟକ୍ତି ଓ ସମାଜର ବଡ଼ ସମ୍ପତ୍ତି । ତେଣୁ ସାହିତ୍ୟ ମାଧ୍ୟମରେ କେବଳ ବ୍ୟକ୍ତିର ମାନସିକତା ପରିବର୍ତ୍ତନ ହୁଏନାହିଁ, ସାରା ସଂସାର ଓ ମସାଜ ମଧ୍ୟ ପରିବର୍ତ୍ତିତ ହୋଇପାରେ । କଥାରେ ଅଛି- ବଲମଠାରୁ କଲମ ବଡ଼ ।

**■ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?**

■■ ଓଡ଼ିଆ ଭାଷା ଓ ସାହିତ୍ୟ ଖୁବ୍ ସମୃଦ୍ଧ ଓ ଶକ୍ତିଶାଳୀ। ଏହାର ଭବିଷ୍ୟତ ନିଶ୍ଚୟ ଉଜ୍ଜ୍ୱଳ, କାରଣ ପୂର୍ବାପେକ୍ଷା ଏବେ ଲେଖକଙ୍କ ସଂଖ୍ୟା ଅଧିକ ।

**■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ନିଶ୍ଚୟ ଅଛି । ତେବେ ସମସ୍ତଙ୍କ ଭାଗ୍ୟରେ ଏହା ମିଳେ ନାହିଁ । ଏକଥା ଦିବଂଗତ ସାରସ୍ୱତ ସାଧକ ମନୋଜ ଦାସ ଗୋଟିଏ ସଭାରେ କହିଥିଲେ । ଏହା ନିରାଟ ସତ୍ୟ । ନମିଳିଲେ ମୋ ମତରେ ଏଥିରେ ଦୁଃଖ କରିବାର ନାହିଁ । କାରଣ କିଏ କେତେ ପୁରସ୍କାର ପାଉଛି । କେତେ ଲୋକ ମନେ ରଖିଛନ୍ତି ? ଆଜିକାଲି ଦବାନବା ଅଥବା ଧରାଧରି କରି ଯେଉଁ ପୁରସ୍କାର ସବୁ ଆଦାନ ପ୍ରଦାନ ହେଉଛି, ସେସବୁ ପନ୍ଥା ଅବଲମ୍ବନ ନକରି ସ୍ୱୀୟ ସାଧନାରେ ମଗ୍ନ ରହିବାକୁ ସମସ୍ତ ସାରସ୍ୱତ ସାଧକମାନଙ୍କୁ ନିବେଦନ କରିବି । ସେମାନେ ସାଧନା ଜାରି ରଖନ୍ତୁ । ଭଲ ମଣିଷ ହୁଅନ୍ତୁ । ନିଜର କୃତିକୁ କାଳ ଉପରେ ଛାଡ଼ି ଦିଅନ୍ତୁ । ପରସ୍ପରକୁ ଭଲ ପାଇବା ଶିଖନ୍ତୁ । ମନେ ରଖିବା ସେଇ ଭାଗବତ ବାଣୀ- 'ସର୍ବେ ଚଳିବେ କାଳ ବଳେ, ଯଶ ରହିବ ମହୀ ତଳେ' । ଯଦି ଲୋକଙ୍କ ହୃଦୟରେ ଆମେ ରହି ପାରିବା, ତେବେ ତାହାହିଁ ହେବ ଆମର ବଡ଼ ପୁରସ୍କାର । ❤❤



ସୁଖୀ ପରିବାର : ବଡପୁଅ ବାହାଘରର ମହାର୍ଘ ମୁହୂର୍ତ୍ତରେ କବି ନରହରି ମିଶ୍ର...



ସାହିତ୍ୟ ସଭାରେ ସତୀର୍ଥମାନଙ୍କ ସହ କବି ନରହରି ମିଶ୍ର...



# ତରୁଣର ସ୍ୱପ୍ନ

## ପ୍ରଦୀପ କୁମାର୍ ରାୟ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏଇ କିଛିଦିନ ତଳେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ବାଂଲା ଭାଷାରେ ରଚିତ ୪ତରୁଣେରପସ୍ୱପ୍ନ ଶୀର୍ଷକ ବହିଟିର ବିଜ୍ଞାପନ ଦେଖି ମଗାଇଥିଲି । ସିଭିଲ ସର୍ଭିସ ପରୀକ୍ଷାରେ ଚତୁର୍ଥ ସ୍ଥାନ ଅଧିକାର କରି ମଧ .ଆଇ . ସି. ଏସ. ପରି ମର୍ଯ୍ୟାଦାଜନକ ଚାକିରିର ମୋହ ପରିତ୍ୟାଗ କରି ତରୁଣ ସୁଭାଷ ଯେତେବେଳେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଛାତ୍ର ଅର୍ଥାତ୍ ୧୯୨୧ ମସିହାରେ ଭାରତର ବିଖ୍ୟାତ ଓକିଲ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଙ୍କ ପାଖକୁ ତାଙ୍କର ସ୍ୱପ୍ନ ସମ୍ପର୍କରେ ଏକ ଦୀର୍ଘ ଚିଠି ଲେଖିଥିଲେ । ୧୯୨୧ ମସିହାରୁ ୧୯୨୮ ମସିହା ପର୍ଯ୍ୟନ୍ତ ସେ ବିଭିନ୍ନ ବିଖ୍ୟାତ ବକ୍ତିମାନଙ୍କୁ ଲେଖିଥିବା ଚିଠି ସହିତ କିଛି ବକ୍ତୃତା ତଥା ଛାତ୍ର ଏବଂ ଯୌବନର ସ୍ୱପ୍ନକୁ ଆଧାର କରି ରଚିତ କିଛି ପ୍ରବନ୍ଧ ଏହି ପୁସ୍ତକରେ ସ୍ଥାନିତ ହୋଇଛି । ପ୍ରଥମେ ୧୯୭୬ ମସିହାରେ ବହି ଭାବରେ ଏହି ଅପୂର୍ବ ସଂକଳନଟି ପ୍ରକାଶ ପାଇଥିଲା ଏବଂ ତାପରେ ଏହାର ୨୬ଟି ସଂସ୍କରଣ ଏଯାବତ୍ ପ୍ରକାଶ ପାଇ ସାରିଛି ।

( ପ୍ରକୃତରେ ୧୯୨୮ ମସିହାରେ କ୍ଷୁଦ୍ର କଳେବର ର ' ତରୁଣେର ସ୍ୱପ୍ନ ' ପ୍ରକାଶିତ ହୋଇଥିଲା ଏବଂ ଏହାର ଦୁଇବର୍ଷ ପରେ ପ୍ରକାଶିତ ହୋଇଥିଲା ' ନୂତନେର ସନ୍ଧାନ' ପୁସ୍ତକ। ଏହି ଦୁଇ ପୁସ୍ତକ ପ୍ରକାଶିତ ହେବା ପରେ ସୁଭାଷ ଚନ୍ଦ୍ର ବୋଷ ଉଭୟ ପୁସ୍ତକକୁ ଏକତ୍ରିତ କରି ଏକ ଅଖଣ୍ଡ ସଂସ୍କରଣ ପ୍ରକାଶ କରାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଅନେକ ବର୍ଷ ପରେ ୧୯୭୬ ମସିହାରେ ସେହି ଅଖଣ୍ଡ ସଂସ୍କରଣ ' ତରୁଣେର ସ୍ୱପ୍ନ ' ଶୀର୍ଷକରେ ପ୍ରକାଶ ପାଇଥିଲା ଯାହା ଏବେ ଉପଲବ୍ଧ ଏବଂ ଯାହାର ୨୬ ଟି ସଂସ୍କରଣ ପ୍ରକାଶିତ ହୋଇ ସାରିଛି । )

ତରୁଣ ବିବେକାନନ୍ଦ ଏବଂ ତରୁଣ ସୁଭାଷ ଉଭୟଙ୍କର ସ୍ୱପ୍ନ ଦେଶମାତୃକାକୁ ନେଇ , କିନ୍ତୁ ପଥ ହୁଏତ ଭିନ୍ନ ଭିନ୍ନ । ତରୁଣ ବୟସରୁ ହିଁ ଉଭୟେ ନିଜ ନିଜର ସ୍ୱପ୍ନର ପଥ ବାଛି ନେଇଥିଲେ ଏବଂ ଖୁବ୍ ନିଷ୍ଠାର ସହ ସେହି ପଥରେ ଅଗ୍ରସର ହୋଇ ଅମର ହୋଇ ଯାଇଛନ୍ତି ।

ବହିଟି ପଢ଼ିବା ଆରମ୍ଭ କରିଛି , ଆହୁରି ବହୁତ ବାକି ଅଛି । କିନ୍ତୁ ବହିଟି ପଢୁ ପଢୁ କାହିଁକି କେଜାଣି ନିକଟ ଅତୀତରେ ଅର୍ଥାତ୍ ଗତ ଲୋକସଭା ନିର୍ବାଚନ ସମୟରେ ସୋସିଆଲ ମିଡ଼ିଆରେ ବହୁଳ ଭାବରେ ଭାଇରାଲ୍ ହୋଇଥିବା ଭିଡିଓର କଥା ବାରମ୍ବାର ମନକୁ ଆସିଥିଲା । ଭିଡିଓଟି ଉତ୍ତରପ୍ରଦେଶର କୌଣସି ଏକ ନିର୍ବାଚନୀ ସଭାକୁ ଯାଉଥିବା ଦୁଇଜଣ ତରୁଣଙ୍କ ଉପରେ ଆଧାରିତ । ଦୁଇଜଣ ଯୁବକ, ଜଣେ ବେଶ୍ ବଳିଷ୍ଠ ଚେହେରାର ସୌମ୍ୟଦର୍ଶୀ ଯୁବକ ଏବଂ ଅନ୍ୟ ଜଣେ ଦୁର୍ବଳ ସ୍ୱାସ୍ଥ୍ୟର ହେଲେ ମଧ ବେଶ୍ ସୁନ୍ଦର ଗଢ଼ଣର ଯୁବକ । ଉଭୟଙ୍କ କପାଳରେ ଦାଉ ଦାଉ ହୋଇ ଝଟକୁଥିଲା ବଡ଼ ବଡ଼ ସିନ୍ଦୂରର ତିଳକ , ଗଳାରେ ଗୈରିକ ଉତ୍ତରୀୟ , ହାତରେ ଗେରୁଆ ପତାକା ଏବଂ ସେମାନେ ଦର୍ପର ସହିତ ' ଜୟ ଶ୍ରୀରାମ ! ' , ' ବନ୍ଦେ ମାତରଂ !' ଏବଂ ' ହିନ୍ଦୁ ରାଷ୍ଟ୍ର ହମ୍ ବନାୟେଙ୍ଗେ !' ସ୍ଲୋଗାନ ଦେଇ ଚାଲିଥିଲେ । ହଠାତ୍ ଜଣେ ସାମ୍ବାଦିକ ସେମାନଙ୍କୁ ଅଟକାଇ ସେମାନଙ୍କ ସହିତ କଥାବାର୍ତ୍ତା କରି ଜାଣି ପାରିଥିଲେ ଯେ ବଳିଷ୍ଠ ଯୁବକ ଜଣକ ପୋଷ୍ଟଗ୍ରାଜୁଏଟ୍ ଛାତ୍ର ଏବଂ ଅପରଜଣକ ବିଏ ଫାଇନାଲ ଇଅର୍ ର ଛାତ୍ର । ସାମ୍ବାଦିକ ସେମାନଙ୍କୁ ଯେତେବେଳେ ବନ୍ଦେ ମାତରଂ ର ଗୋଟିଏ ମାତ୍ର ପଦ ଆବୃତ୍ତି କରିବା ପାଇଁ କହିଲେ , ବଳିଷ୍ଠ ଯୁବକ ଜଣକ ସାମ୍ବାଦିକଙ୍କ ବୁମ୍ କୁ ରୁକ୍ଷ ଭାବରେ ଠେଲିଦେଇ ' ଫାଲ୍ ?ତୁ ବାତ୍ ?କେ ଲିୟେ ଟାଇମ୍ ନେହିଁ ହୈ ' କହି ଆଗେଇ ଯାଉଥିଲେ । ସାମ୍ବାଦିକ ଜଣକ ଖୁବ୍ ବିନମ୍ର ଭାବରେ କହିଥିଲେ - ' ଆଚ୍ଛା ଠିକ୍ ଅଛି , କେବଳ ବନ୍ଦେ ମାତରଂ କିଏ ରଚନା କରିଥିଲେ ଦୟାକରି ସେତିକି କୁହନ୍ତୁ। ' ଦୁଇଜଣ ଯାକ ଯୁବକ ଉଭୟେ ଉଭୟଙ୍କୁ ଚାହିଁଥିଲେ ଏବଂ ତାପରେ ଜଣେ କହିଥିଲେ - 'ଯୋଗୀ ଆଦିତ୍ୟନାଥ !' ଅପରଜଣକ ତାକୁ ବାଧା ଦେଇ କହିଥିଲେ - ' ନରେନ୍ଦ୍ର ମୋଦୀ ।'

ବର୍ତ୍ତମାନର ଶିକ୍ଷିତ ତରୁଣଙ୍କର ଏହି ଭିଡିଓ ଭୀଷଣ ବିଚଳିତ କରିଥିଲା । ବନ୍ଦେ ମାତରଂ ସ୍ଲୋଗାନ ଦେଉଥିବା ତରୁଣ ବନ୍ଦେ ମାତରଂ ର ଗୋଟିଏ ପଦ କହି ନ ପାରିବା କିମ୍ବା ବନ୍ଦେ ମାତରଂ ର ରଚନାକାରଙ୍କ ନାମ କହି ନ ପାରିବା ଯେତେ ଦୁଃଖଦାୟକ ନୁହେଁ , ତାହାଠାରୁ ଅଧିକ ଦୁଃଖଦାୟକ ହେଉଛି କୌଣସି ନିଜସ୍ୱ ସ୍ୱପ୍ନ ନ ଥାଇ ଏମାନେ ଭିଡ଼ ସହିତ ମିଶି କେବଳ ଉନ୍ମାଦ ହୋଇ ଧାଇଁ ବାରେ ଲାଗିଛନ୍ତି । ବର୍ତ୍ତମାନର ଏହି ତରୁଣ ଗୋଷ୍ଠୀ ନେତା ମାନଙ୍କ ପଛରେ ଉନ୍ମାଦ ହୋଇ କେବଳ ପତାକା ଧରି, ସ୍ଲୋଗାନ ଦେଇ ଦେଇ ଯୌବନକୁ ନଷ୍ଟ କରିଦେବେ ଅଥଚ ଏମାନଙ୍କୁ ମତାଉଥିବା ନେତାମାନଙ୍କର ସନ୍ତାନମାନେ ସେହି ଭିଡ଼ରେ ପତାକାଧାରୀ ଭାବରେ ସାମିଲ ହେବେ ନାହିଁ ବରଂ ଅନେକ ଉଚ୍ଚ ପଦପଦବୀରେ ସେମାନଙ୍କୁ କିପରି ଥଇଥାନ କରାଯିବ ତାଙ୍କର ପିତାମାତାମାନେ ସେସବୁର ସୁଚିନ୍ତିତ ଯୋଜନା କରି ଚାଲିଥିବେ । ତାରୁଣ୍ୟ ଚାଲିଯିବା ପରେ ଏହି ତରୁଣ ଗୋଷ୍ଠୀଙ୍କ ଆଗରେ ଥିବ କେବଳ ଶୂନ୍ୟତା , ଅସହାୟତାର ବିସ୍ତୀର୍ଣ୍ଣ ମରୁଭୂମି - ଠିକ୍ ରାଜା ପରୀକ୍ଷିତଙ୍କ ପରି ।

ସ୍ୱପ୍ନ ଓ ଲକ୍ଷ୍ୟ ବିହୀନ ଭାବରେ ତତ୍କାଳ ଖ୍ୟାତି ପ୍ରତିପତ୍ତି, ପ୍ରତିଷ୍ଠା ପାଇଁ ବ୍ୟାକୁଳ ଆଜିର ଯୁବସମାଜକୁ ଦେଖିଲେ ଏକ ପୁରୁଣା ଲୋକକଥା ମନେ ପଡ଼ିଯାଏ ।

ଗପଟି ଏହିପରି......

ଏକଦା ଜଣେ ରାଜା ରାଜସଭା ଭିତରେ ପାରିଷଦ ବର୍ଗଙ୍କ ସହିତ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନାରତ ଥିବା ସମୟରେ ଦ୍ୱାରରକ୍ଷୀମାନଙ୍କୁ ଆହତ କରି ଜଣେ ବଳିଷ୍ଠ ସୁଦର୍ଶନ ଧନୁର୍ଧାରୀ ଯୁବକ ରାଜସଭା ଭିତରକୁ ଧସେଇ ପଶି ଆସିଲା । ରାଜାଙ୍କ ସୈନ୍ୟମାନେ ଯୁବକଙ୍କୁ ଘେରିଗଲେ । ରାଜା ସୈନ୍ୟମାନଙ୍କୁ ଫେରିଯିବାର ଆଦେଶ ଦେଇ ଖୁବ୍ ଶାନ୍ତ ଭାବରେ ଆଗନ୍ତୁକ ଯୁବକଙ୍କୁ ଏଭଳି ଅଭଦ୍ରୋଚିତ ଭାବରେ ରାଜସଭା ଭିତରକୁ ପଶି ଆସିବାର କାରଣ ପଚାରିଲେ ।

ଯୁବକ ଜଣକ ଦର୍ପର ସହ କହିଲା - ମହାରାଜ, ମୁଁ ଆପଣଙ୍କ ରାଜ୍ୟର ଶ୍ରେଷ୍ଠ ଧନୁର୍ଦ୍ଧର। ମୋତେ ଆପଣ ଶ୍ରେଷ୍ଠ ଧନୁର୍ଦ୍ଧର ଭାବରେ ସ୍ୱୀକୃତି ଦିଅନ୍ତୁ । ଯଦି ଆପଣ ଚାହାଁନ୍ତି ତେବେ ପ୍ରତିଯୋଗୀତାର ଆୟୋଜନ କରି ପାରନ୍ତି, ଯେଉଁଠାରେ ମୁଁ ମୋର ଶ୍ରେଷ୍ଠତ୍ୱ ପ୍ରମାଣ କରିଦେବି।

ରାଜା ଶାନ୍ତ ଭାବରେ ସ୍ମିତ ହସି କହିଲେ - ' ତୁମେ ହୁଏତ ଧନୁର୍ବିଦ୍ୟାରେ ପାରଙ୍ଗମ କିନ୍ତୁ ତୁମକୁ ରାଜ୍ୟର ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ଭାବରେ ସ୍ୱୀକୃତି ଦେଇ ପାରିବି ନାହିଁ କାରଣ ମୁଁ ଏଭଳି ଜଣେ ଧନୁର୍ଦ୍ଧରଙ୍କୁ ଜାଣେ ଯିଏ ତୁମ ଅପେକ୍ଷା ଧନୁର୍ବିଦ୍ୟାରେ ଅଧିକ ଶ୍ରେଷ୍ଠ । କିନ୍ତୁ ଦୁଃଖର ବିଷୟ ଏହିକି ଯେ ମୁଁ କୌଣସି ପ୍ରତିଯୋଗିତା ର ଆୟୋଜନ କଲେ ସେ ଆସିବେ ନାହିଁ କାରଣ ମୋର ସ୍ୱୀକୃତି ତାଙ୍କର ଲୋଡ଼ା ନାହିଁ । ଧନୁର୍ବିଦ୍ୟା ସମ୍ପର୍କରେ ଅଧିକ ଜ୍ଞାନ ଯଦି ଆହରଣ କରିବାକୁ ଚାହଁ ତେବେ ତାଙ୍କ ପାଖକୁ ଯାଇ ଶିକ୍ଷାଲାଭ କର।

ଯୁବକ ଜଣକ ରାଜାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ଚକିତ ହେଲା । କିଏ ସେହି ଧନୁର୍ଦ୍ଧର ଦେଖିବା ପାଇଁ ତା'ର ପ୍ରବଳ ଆଗ୍ରହ ଜନ୍ମିଲା । ଫଳରେ ସେ ରାଜାଙ୍କ ପ୍ରସ୍ତାବରେ ରାଜି ହୋଇଗଲା ।

ରାଜାଙ୍କ କର୍ମଚାରୀମାନେ ଯୁବକଙ୍କୁ ନେଇ ଘଞ୍ଚ ଜଙ୍ଗଲ ଭିତରେ ଜଣେ ବୃଦ୍ଧ କାଠୁରିଆଙ୍କ ପାଖରେ ପହଞ୍ଚାଇ ଦେଲେ ।

ବୃଦ୍ଧ କାଠୁରିଆକୁ ଦେଖି ଯୁବକ ମନେ ମନେ ଭାବିଲା ରାଜା ବୋଧହୁଏ ତା ସହିତ ପରିହାସ କରିଛନ୍ତି । କିନ୍ତୁ କିଛିଦିନ ରହି ବୃଦ୍ଧ କାଠୁରିଆଙ୍କ ଜ୍ଞାନ ପରୀକ୍ଷା କରିବା ପାଇଁ ଚାହିଁ ସେଠାରେ ରହିଗଲା । ମାତ୍ର ଅଳ୍ପ ଦିନ ଭିତରେ ଯୁବକ ଜଣକ ଜାଣି ପାରିଲା ଯେ ଧନୁର୍ବିଦ୍ୟାରେ ଏଭଳି ଅନେକ କିଛି କୌଶଳ ଅଛି ସେ ଜାଣି ନାହିଁ । ତେଣୁ ସେ ମନ ଲଗାଇ ବୃଦ୍ଧଙ୍କ ପାଖରୁ ଶିଖିବାକୁ ଲାଗିଲା। ଦିନେ ବୃଦ୍ଧ କାଠୁରିଆ ଯୁବକକୁ କହିଲେ - ମୋ ପାଖରେ ଯାହା ବିଦ୍ୟା ଥିଲା ତୁମକୁ ଦେଇ ସାରିଛି ଏବେ ତୁମେ ଯାଇପାର ।

ଯୁବକ ଜଣକ ମନେ ମନେ ଭାବିଲା ଏହି ବୃଦ୍ଧ ବଞ୍ଚିଥିବା ପର୍ଯ୍ୟନ୍ତ ରାଜା ମୋତେ ଶ୍ରେଷ୍ଠ ଧନୁର୍ଦ୍ଧର ଭାବରେ ସ୍ୱୀକୃତି ଦେବେ ନାହିଁ , ତେଣୁ କୌଶଳକ୍ରମେ ବୃଦ୍ଧଙ୍କୁ ହତ୍ୟା କରିବାକୁ ପଡ଼ିବ ।



ପରଦିନ ସକାଳେ ବୃଦ୍ଧ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ଆସୁଥିବା ସମୟରେ ଲୁଚି ରହିଥିବା ଯୁବକ ବୃଦ୍ଧଙ୍କୁ ଲକ୍ଷ୍ୟ କରି ତୀର ବିନ୍ଧିଲା। ହଠାତ୍ କାଠ ଫାଳିଆଟିଏ ଆସି ତା ମୁଣ୍ଡରେ ବାଜିଲା ଏବଂ ତା'ର ଲକ୍ଷ୍ୟଭ୍ରଷ୍ଟ ହେଲା।

ବୃଦ୍ଧ କାଠୁରିଆ ଯୁବକକୁ କହିଲେ - ମୁଁ ଜାଣେ, ତୁମର ମନ ହେଉଛି ପ୍ରତିଯୋଗୀର ମନ। ପ୍ରତିଯୋଗୀ ସବୁବେଳେ ଚାହେଁ ତାର କୌଣସି ପ୍ରତିଦ୍ୱନ୍ଦୀ ନ ରହନ୍ତୁ । ତେଣୁ ତୁମେ ମୋତେ ହତ୍ୟା କରିବ ଏକଥା ମୁଁ ଜାଣିଥିଲି ଏବଂ ସବୁ ଶିକ୍ଷା ଦେବା ପରେ ମଧ ଆତ୍ମରକ୍ଷାର ଏହି କୌଶଳ ମୁଁ ତୁମକୁ ଶିଖାଇ ନ ଥିଲି । ତେବେ ତୁମେ ଯଦି ଭାବୁଥାଅ ଯେ ମୋତେ ହତ୍ୟା କରିବା ପରେ ତୁମେ ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ହୋଇଯିବ ତେବେ ତାହା ତୁମର ଭ୍ରମ , କାରଣ ମୋର ଗୁରୁ ଏବେ ମଧ ଜୀବିତ । ଆହୁରି ଅନେକ କିଛି ଶିଖିବାର ଅଛି ଯାହା ମୋର ଗୁରୁ ହିଁ ତୁମକୁ ଶିଖାଇ ପାରିବେ । ଯଦି ଜଣେ ସାର୍ଥକ ଧନୁର୍ବିଦ୍ ହେବାକୁ ଚାହଁ ତେବେ ତାଙ୍କ ପାଖକୁ ଯାଇ ଶିକ୍ଷା ଲାଭ କର ।

ବୃଦ୍ଧଙ୍କ ପାଖରୁ ଠିକଣା ନେଇ ଯୁବକ ଜଣକ ଚାଲିଲା । ବହୁ ଜଙ୍ଗଲ ପାହାଡ ପର୍ବତ ଅତିକ୍ରମ କରି ଶେଷରେ ଏକ ବିରାଟ ପାହାଡ଼ ପାଦଦେଶରେ ପହଞ୍ଚି ଦେଖିଲା ପାହାଡ଼ର ତୀଖରେ ଜଣେ ସନ୍ୟାସୀ ଗୋଟିଏ ପାଦ ସ୍ଥାନରେ ଅବିଚଳ ହୋଇ ଛିଡା ହୋଇଛନ୍ତି । ଯୁବକ ଦୂରରୁ ଚିତ୍କାର କରି ତାର ଅଭିପ୍ରାୟ ଜଣାଇଲା ।

ପାହାଡ଼ର ତୀଖରୁ ସନ୍ୟାସୀ କହିଲେ ଧନୁ ଫୋପାଡ଼ି ଦେଇ ମୋ ପାଖକୁ ଆସ । ଯୁବକ ବୁଝି ପାରିଲା ନାହିଁ ଯେ ଧନୁ ବିନା ଧନୁର୍ବିଦ୍ୟା ଶିଖିବ କିପରି । ତଥାପି ଧନୁ ଫୋପାଡି ଦେଇ ଉପରକୁ ଚଢିଲା । କିନ୍ତୁ କିଛିବାଟ ଯିବାପରେ ଆଉ ଆଗକୁ ବଢ଼ି ପାରିଲା ନାହିଁ । ତାର ପାଦ ଥରିବାକୁ ଲାଗିଲା । ପ୍ରତି ମୁହୂର୍ତ୍ତରେ ତାର ମନେ ହେଲା ସେ ପଡ଼ିଯିବ। ଯଦି ପଡିଯାଏ ତେବେ ଶହ ଶହ କୋଶ ତଳକୁ ଖସିପଡିବ । ତାର ମୃତ୍ୟୁ ସୁନିଶ୍ଚିତ । ତେଣୁ ସେଠାରୁ ବିକଳ ହୋଇ କହିଲା - ଗୁରୁଦେବ, ମୁଁ ଆଗକୁ ବଢି ପାରୁନାହିଁ ।

ସନ୍ୟାସୀ କହିଲେ - ଧନୁର୍ଦ୍ଧର ହେବାକୁ ହେଲେ ପ୍ରଥମେ ଦେହ ଓ ମନ ସ୍ଥିର କରିବାକୁ ପଡ଼ିବ । ଦେହ ଓ ମନ ସ୍ଥିର ନ ହେବା ପର୍ଯ୍ୟନ୍ତ ପାଦ ଟଳମଳ ହେବ । ଦେହ ଓ ମନ ସ୍ଥିର ହେବା ପରେ ଲକ୍ଷ୍ୟ ସ୍ଥିର ହେବ । ଲକ୍ଷ୍ୟ ସ୍ଥିର ହେଲାପରେ ଅର୍ଜୁନଙ୍କୁ ଯେପରି ସ୍ତମ୍ଭ ଉପରେ ଘୁରୁଥିବା ମାଛକୁ ତଳେଥିବା ପାଣି କୁଣ୍ଡରେ ଥିବା ଜଳରେ ଦେଖି ବାମ ଆଖିକୁ ବିନ୍ଧିବା ବେଳେ କେବଳ ବାମ ଆଖି ହିଁ ଦେଖା ଯାଇଥିଲା , ସେପରି ତୁମେ ତୁମର ଲକ୍ଷ୍ୟକୁ ଦେଖି ପାରିବ । ଧନୁ ଓ ତୀର ଗୌଣ ମାତ୍ର । ହାତ ଟେକି ଉଡ଼ି ଯାଉଥିବା ପକ୍ଷୀକୁ ବି ତୁମେ ହାତ ମୁଠାକୁ ନେଇ ଆସି ପାରିବ ।

ଯୁବକର ମୋହ ଭଙ୍ଗ ହେଲା ଏବଂ ଗୁରୁଙ୍କ ନିର୍ଦ୍ଦେଶରେ ତାର ସାଧନା ଆରମ୍ଭ ହେଲା ।

ଭାରତମାତା ର ସୁଯୋଗ୍ୟ ସନ୍ତାନ ବିବେକାନନ୍ଦ ଏବଂ ସୁଭାଷ ବୋଷ , ଉଭୟେ ଭିନ୍ନ ଭିନ୍ନ ଭାବରେ ତାରୁଣ୍ୟରେ ଏଭଳି ଲକ୍ଷ୍ୟ ପଛରେ ଧାଇଁବାର ସ୍ୱପ୍ନ ଦେଖିବା ପାଇଁ ତାଙ୍କର ଜୀବନ ମାଧ୍ୟମରେ ପ୍ରବର୍ତ୍ତାଇଛନ୍ତି ।

ମୋର ବିଶ୍ୱାସ ସୁଭାଷ ଚନ୍ଦ୍ର ବୋଷଙ୍କ ଏହି ବହିଟି ଆଜିର ବିଚଳିତ ତରୁଣ ମନକୁ ନିଜ ନିଜର ଲକ୍ଷ୍ୟ ସ୍ଥିର କରି ସେହି ଲକ୍ଷ୍ୟ ସାଧନ ପାଇଁ ସ୍ୱପ୍ନ ଦେଖିବାକୁ ଶକ୍ତି, ସାହସ , ନିଷ୍ଠା ଓ ସାଧନାର ପଥରେ ଅଗ୍ରସର କରାଇବାରେ ସହାୟକ ହେବ।

ବହିଟି ସମ୍ପର୍କରେ ସବିଶେଷ ଆଉଦିନେ........!

( ପ୍ରତ୍ୟେକ ତରୁଣଙ୍କ ପାଇଁ ଏହା ଏକ ଉପାଦେୟ ପୁସ୍ତକ ) (ସମାପ୍ତ)

❤ କୁଚିଣ୍ଡା, ସମ୍ବଲପୁର

---

# ବହୁମନ୍ତ

## ପୂଜା ପତ୍ରିକା ସମୀକ୍ଷା




### ସଂଜୀବନ

ସମ୍ପାଦକ :
ସେଖ୍ ଜାଫର ଅଲ୍ଲୀ
ଠିକଣା : ପବ୍ଲିକ ୱେଲଫେୟାର ସୋସାଇଟି, ଥର୍ମାଲ ରୋଡ, ଘଡଘଡିହୁଡା, ଚୌଦ୍ୱାର
କଟକ-୭୫୪୦୨୫
(ମୋ) ୬୩୭୧୮୬୫୭୯୯

"ସାହିତ୍ୟ କ୍ଷେତ୍ରରେ ଏଆଇ ଆସିଗଲେ କଣ ବୋଲି କଣ ହୋଇଯିବ ବୋଲି ଆମେ ଆଶଙ୍କା କରୁଛନ୍ତି । କିନ୍ତୁ ଆମେ ଆଶଙ୍କା କଲେ ଯେ ସେ ଆସିବନି ସେମିତି ନୁହେଁ । ସେ ଭଲ ସାହିତ୍ୟ ପ୍ରସ୍ତୁତ କରିବ, ଆମେ ବି ସେସବୁ ପଢିବା । ହେଲେ ଲେଖକ ହିସାବରେ ଆମକୁ ଡର କଣ ! ଏଆଇକୁ ଆମ ଭଳି ଜଣେ ଲେଖକ ଭାବିନେଲେ ବି ଚଳିବ ! ଯେମିତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଯେବେ ଲେଖନୀ ଚାଳନା କରି ସମସ୍ତଙ୍କୁ ଚମତ୍କୃତ କଲେ, ଦୀନକୃଷ୍ଣଙ୍କ ଲେଖା କଣ ଚଳିଲାନି ? ରାଧାନାଥ ଲେଖିଲେ ବୋଲି କଣ ଗଙ୍ଗାଧରଙ୍କୁ ଲୋକ ପଢିଲେନି ? ଏବେ ବି ନୂଆ ନୂଆ କବି ଓ ଲେଖକ ଆସୁଛନ୍ତି ଆଉ ଆମେ ସେମାନଙ୍କୁ ପଢି ଅଭିଭୂତ ହେଉଛୁ ଆଉ ତା ସାଙ୍ଗରେ ଏଆଇ ଦ୍ୱାରା ପ୍ରସ୍ତୁତ ଲେଖା ପଢି ବି ସେମିତି ହେବା । ଏମିତି ହୋଇପାରେ ଏଆଇ ଯୋଗୁ ଭଲ ଲେଖାର ମାନ ଉଚ୍ଚକୁ ଯାଇପାରେ । ଏଥିରେ କ୍ଷତି କଣ ?" ବୋଲି ବକ୍ତବ୍ୟ ରଖିଛନ୍ତି ସଂଜୀବନର ସମ୍ପାଦକ ସେଖ୍ ଜାଫର ଅଲ୍ଲୀ ମହୋଦୟ, ଯାହା ନିଶ୍ଚିତ ଚିନ୍ତାଦ୍ୟୋତକ ।

ପତ୍ରିକାଟି ଚତୁସ୍ତ୍ରିଂଶ ବର୍ଷ ଦ୍ୱାତ୍ରିଂଶ ସଂଖ୍ୟାରେ ପଦାର୍ପଣ କରିଥିବା ବେଳେ ଏହାର ପ୍ରଚ୍ଛଦରେ ସମ୍ପାଦନାର ବକ୍ତବ୍ୟକୁ ଚିତ୍ର କରି ମୋବାଇଲ ଓ ଏଆଇର ଚେର କିପରି ମଣିଷର ଶିରାପ୍ରଶିରାରେ କାୟା ବିସ୍ତାର କଲାଣି ତାହା ସୂଚୀତ କରୁଛି ।

ଏଥିରେ ପ୍ରବନ୍ଧ ଓ ଆଲୋଚନା ସ୍ତମ୍ଭରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଫକୀର ମୋହନ ସାହୁ, ଡ. ଅଜୟ କୁମାର ମିଶ୍ର, ଡ. ମୃଣାଳ ଚାଟାର୍ଜୀ, ଜ୍ଞାନୀ ଦେବାଶୀଷ ମିଶ୍ର, ଡ. ଦେବୀପୂର୍ଣ୍ଣିମା ପ୍ରିୟଦର୍ଶିନୀ, ହିମାଂଶୁ ଶେଖର ଦ୍ୱିବେଦୀ, ସୁନୀତା ମହାପାତ୍ର, ବିଭୂତି ଭୂଷଣ ସେନାପତି, ଓ ଯମୁନା ସାହୁଙ୍କ ଲେଖା ପଥ୍ରକାଶିତ ହୋଇଥିବା ବେଳେ କବିତାରେ ନୀଳମାଧବ କର, ରବି ଶତପଥୀ, ବୈଦ୍ୟନାଥ ଖିଲାର, ବାବାଜୀ ଚରଣ ଜେନା, ସଂଯୁକ୍ତ ନାୟକ, ଡ. ଚିନ୍ମୟ କୁମାର ବେହେରା, ମିନାକ୍ଷୀ ଦ୍ୱିବେଦୀ, ଡ. ହୃଷିକେଶ ମହାରଣା, ପିନାକୀ ମିଶ୍ର, ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ, ଭିକାରୀ ଧଳ, ଶୁଭଶ୍ରୀ ରାଉତ, ସୁଶାନ୍ତ କୁମାର ପଟ୍ଟନାୟକ, ସରୋଜିନୀ ଜେନା, ଦେବେନ୍ଦ୍ର କୁମାର ବାଉରୀ, ଦିପ୍ତୀମୟୀ ସାହୁ, ପ୍ରତିପ୍ଲାବିନୀ ଦାସ, ପ୍ରଦୀପ୍ତଭାନୁ ମହାନ୍ତି, ପଲ୍ଲବୀ ଦାସ, ସୁମନ୍ତ ମଲ୍ଲିକ, ଜ୍ୟୋତିପ୍ରକାଶ ଷଡଙ୍ଗୀ, ଅଜିତ କୁମାର ସ୍ୱାଇଁ, ପ୍ରାଚୀ ପ୍ରିୟଦର୍ଶିନୀ ସାହୁ, ସୌମ୍ୟଜିତ ପାଣି, ଚିନ୍ମୟୀ ରଣାଙ୍କ କବିତା ସ୍ଥାନିତ ହୋଇଛି ।

ଅନୁବାଦ ଗଳ୍ପରେ ଭାଗବତ ରାଉତ, ଲିପିକା ମହାପାତ୍ର, ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତଙ୍କ ଗଳ୍ପ ପ୍ରକାଶ ପାଇଥିବା ବେଳେ ଭ୍ରମଣ କାହାଣୀରେ ଗାୟତ୍ରୀ ବେହେରାଙ୍କ ଲେଖା ପ୍ରକାଶିତ ହୋଇଛି । ଉତ୍ତରଣ ନାମରେ ଦୁଇଟି ସ୍ତମ୍ଭ ଥିବାବେଳେ ଗୋଟିଏ ସ୍ତମ୍ଭରେ ରମାଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ କବିତା ସ୍ଥାନ ପାଇଛି ଓ ଅନ୍ୟଟିରେ ଉତ୍କଳ ବିଶ୍ୱବିଦ୍ୟାୟର ଛାତ୍ରଛାତ୍ରୀଙ୍କ ଲେଖା ସ୍ଥାନିତ ହୋଇଛି । ଏଥିରେ ସୁଜାତା ସାହୁ, ଅର୍ପିତା ବେହେରା, ଲିଜାରାଣୀ ପାଇଟଲ, ଦୀପା ମୁଦୁଲି, ଦିପ୍ତୀମୟୀ ବରାଳ, ସତ୍ୟଜିତ ଦାସ, କବିତା ବେହେରା, ଦୀନେଶ ନାଏକ, ଜ୍ୟୋତିର୍ମୟୀ ପୃଷ୍ଟିଙ୍କ ଲେଖା ସ୍ଥାନିତ ଭବିଷ୍ୟତ ପିଢି ପାଇଁ ସମ୍ପାଦକଙ୍କର ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପର ସୂଚନା ଦିଏ ଯାହା ନିହାତି ଆବଶ୍ୟକ ।

କଥାକାହାଣୀ ସ୍ତମ୍ଭରେ ପାରମିତା ଶତପଥୀ, ସୈରିନ୍ଧ୍ରୀ ସାହୁ, ଚିନ୍ମୟୀ ବାରିକ, ସଂଘମିତ୍ରା ଭଂଜ, ମାନସ ପଣ୍ଡା, ସବିତା ବାରିକ ରାଉତ, ସୁକାନ୍ତି ମହାପାତ୍ର, ଡ. ଶ୍ରୀପ୍ରସାଦ ମହାନ୍ତି, ଡ. ନଳିନୀପ୍ରଭା ମହାପାତ୍ର, ନମିତା ପାଇକରାୟ, ସନ୍ତୋଷ କୁମାର ମିଶ୍ର ଓ ଜ୍ୟୋତିଶଙ୍କର ମିଶ୍ରଙ୍କ ଲେଖା ପ୍ରକାଶିତ ହୋଇଛି ।

ମୋଟାମୋଟି ଭାବରେ କହିବାକୁ ଗଲେ ସୁନିର୍ବାଚିତ ଲେଖା, ପରିଚ୍ଛନ୍ନ ପରିପାଟୀକୁ ନେଇ ସମୃଦ୍ଧ ହୋଇଛି 'ସଂଜୀବନ'ର ଶାରଦୀୟ ସଂଖ୍ୟାର କଳେବର । ଏହା ପାଠକ ମହଲରେ ଆଦୃତି ଲାଭ କରିବ ବୋଲି ନିଶ୍ଚିତ ଭାବେ ଆଶା ପୋଷଣ କରାଯାଇପାରେ । ❤

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

---

# ମନଗହନର କଥା...



ସ୍ନେହମୟୀ ଆଈ 'ଜେମାଦେଈ'। ଶୈଶବରୁ ସେ ମୋ'ପାଇଁ ଗଳ୍ପସାଗର 'ଗୁଣାଢ୍ୟ'। ତା'ର ଅସରଂତି କଥା-କାହାଣୀର ବିମୁଗ୍ଧ ଶ୍ରୋତାଟିଏ ମୁଁ। ସେଇ ମୁଗ୍ଧ ଅନୁଭବର ମୁହୂର୍ତ୍ତ ଗୁଡ଼ିକ ମୋ ଗପୁଡ଼ିପଣର ପାଥେୟ।

ତରୁଣ ବୟସରେ ଆରମ୍ଭ କରିଥିଲି ଗପ ଲେଖିବା। ସ୍କୁଲ, କଲେଜ ଛାତ୍ରଜୀବନର ମୋଟେ ସାତଟି ବର୍ଷ ତା'ର ଆୟୁକାଳ (୧୯୭୩-୧୯୮୦)। ତା'ପରେ ପାଖାପାଖି ଚାରି ଦଶନ୍ଧିର କାଳଖଣ୍ଡ ଚୁପ୍ ରହିଲା ବକ୍‌ବକ୍ କରୁଥିବା କଲମ। ଜୀବନ-ଜଂଜାଳର ଅନ୍ଧଗଳିରେ ବାଟବଣା ହେଇ ଯାଇଥିବା ବାଟୋଇ ଉତ୍ତୀର୍ଣ୍ଣ ଅପରାହ୍ଣରେ କେଜାଣି କାହିଁକି ଥରେ ଫେରି ଚାହିଁଲା ପଛକୁ। ଏକୁଟିଆ ଏକୁଟିଆ ଲାଗିଲେ ନିଜସହ ବକ୍‌ବକ୍ କରିବାକୁ ଲୋଡ଼ାପଡ଼ିଲା ଭୁଲାଭୁଲା ଗପୁଡ଼ିପଣ। ସେମିତି କିଛି ଖାଁ ଖାଁ ଏକଲାପଣରୁ ଏସବୁ-

ଗଳ୍ପ କି ଜଳ୍ପ କେଜାଣି ?




ଉଦାସ ନିସ୍ପୃହତାର ଚାରି ଦଶନ୍ଧି ଭିତରେ ତ ଲେଖା ସରିବଣି ଅସଂଖ୍ୟ ଗପ। ସମବୟସ୍କ ଆଉ ଅପେକ୍ଷାକୃତ କନିଷ୍ଠ ଅନେକ ପ୍ରତିଭାଧର କଥାଶିଳ୍ପୀ ଝଟକି ଉଠିଲେଣି ସାରସ୍ୱତ ଆକାଶରେ। ତ୍ରିବିକ୍ରମ ପରି କ୍ଷେପି ଗଲେଣି ଭାବ, ବିଭବ ଓ ଅନୁଭବର ତ୍ରିଜଗତରେ। ତା' ଭିତରେ ସୂଚ୍ୟଗ୍ରଭୂମି ଲୋଡ଼ିବି ନାହିଁ ନିଜପାଇଁ। ସେ ଦୁରାଶା କେବେ ନଥିଲା, ଆଜି ବି ନାହିଁ।

ନିଜସହ କଥା ହେବା ଯାହା, ନିଜ ଖୁସି ପାଇଁ ଲେଖିବା ମୋଟାମୋଟି ସେୟା ବୋଲି ଭାବୁଚି। ତେଣୁ ତ ଲେଖୁଚି। ନ ଲେଖି ଆଉ କରନ୍ତି କ'ଣ ଅବା ?

ପାରିଘାଟର ମାଝି (ଗଳ୍ପ ସଂକଳନ)ର ମୁଖବନ୍ଧରେ ପ୍ରକାଶିତ...

- ଅର୍ଜୁନ ପୃଷ୍ଟି

❤ ଉଦୟନ, ଜାରକା, ଯାଜପୁର
(ମୋ) ୯୦୪୦୭୪୫୬୦୨

---

# ଚାପରେ ଚତୁର୍ଥ ସ୍ତମ୍ଭ



## ସୌଭାଗ୍ୟ ରଞ୍ଜନ ମହାନ୍ତି

ଗଣତନ୍ତ୍ର ଚାରୋଟି ସ୍ତମ୍ଭ ଉପରେ ନିର୍ଭରଶୀଳ ତାହା ହେଉଛି କାର୍ଯ୍ୟପାଳିକା, ବିଧାନସଭା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ। ପ୍ରଥମ ତିନୋଟି ସମ୍ଭ ଦେଶର ସାମ୍ବିଧାନିକ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରୁଥିବାବେଳେ ଚତୁର୍ଥ ସ୍ତମ୍ଭଟି ସ୍ୱାଧୀନ ଭାବେ ଜନସାଧାରଣଙ୍କ ସ୍ୱର ଏବଂ ରାଷ୍ଟ୍ରର ବିବେକ ଭାବେ କାର୍ଯ୍ୟ କରିବା ଆଶା କରାଯାଏ। ଏହାର ଭୂମିକା କେବଳ ସମ୍ବାଦ ପରିବେଷଣ ମଧ୍ୟରେ ସୀମିତ ନୁହେଁ, କିନ୍ତୁ ପ୍ରଶ୍ନ କରିବା, ବିଶେଷ୍ଲଣ କରିବା ଏବଂ କ୍ଷମତା ବଦଳକୁ ଉତରଦାୟୀ କରିବା ହେଉଛି ମୁଖ୍ୟ କର୍ତବ୍ୟ। ମାତ୍ର ଗଣମାଧ୍ୟମ ଏବେ ଏଥିରୁ ଦୂରେଇ ଯାଉଥିବା ମନେହୁଏ। ଏହା ଏବେ ଜନସାଧାରଣଙ୍କ ମୁଖପାତ୍ର ଭାବେ କାର୍ଯ୍ୟ କରିବା ପରିବର୍ତ୍ତେ ପ୍ରଭାବଶାଳୀଙ୍କ ସ୍ୱାର୍ଥ ସପକ୍ଷରେ ଏବଂ ଲାଭ ପାଇଁ କାର୍ଯ୍ୟ କରୁଥିବା କୁହାଯାଇପାରେ। ସାଂପ୍ରତିକ ଡିଜିଟାଲ ଯୁଗରେ ଗଣମାଧ୍ୟମ ସମ୍ବାଦପତ୍ର ଏବଂ ବେତାର (ରେଡିଓ) ଠାରୁ ଆରମ୍ଭ କରି ଟେଲିଭିଜନ ଏବଂ ସାମାଜିକ ପ୍ଲାଟଫର୍ମରେ ସମ୍ବାଦ, ସୂଚନା ପରିବେଷଣ କରୁଛି। ଏବେ ମୋବାଇଲ ଫୋନ ସମଗ୍ର ବିଶ୍ୱରେ ନୂତନ ସମ୍ବାଦଦାତା ଭାବେ ଉଭା ହୋଇଛି। ଏପରିକି ଆମ ଦେଶର ଦୁର୍ଗମ ଅଂଚଳ ଏଥିରୁ ବାଦ ପଡିନାହିଁ। କିନ୍ତୁ ଭିଜୁଆଲ ମେଡିଆ ବିଶେଷକରି ଟେଲିଭିଜନ ଏବଂ ସାମାଜିକ ପ୍ଲାଟଫର୍ମ ଏବେ ଅତୁଳନୀୟ ଗ୍ରହଣୀୟ ହୋଇପାରିଛି। ବାରମ୍ବାର କଥିତ ଅତି ଅଳଙ୍କାରିକ ତଥା ଅର୍ଥହୀନ ଏବଂ ଆବେଗିକ ଭାବରେ ଭିଜୁଆଲ ପରିବେଷଣ ଘଟଣା ଠାରୁ ଅଧିକ ମାତ୍ରାରେ ଜନମତକୁ ପ୍ରଭାବିତ କରିବାରେ ସମର୍ଥ ହୋଇଛି। ଟେଲିଭିଜନ ଓ ସାମାଜିକ ମଂଚରେ ବିତର୍କ ଏବେ ମାତ୍ରାରେ ପ୍ରଭାବଶାଳୀ ହୋଇଛି ଯେ, ଯାହାକୁ ନେଇ ସର୍ବୋଚ୍ଚ ଅଦାଲତ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେହିପରି ସାମାଜିକ ଗଣମାଧ୍ୟମ ସତ ହେଉ ବା ସମ୍ପୂର୍ଣ୍ଣ ମିଥ୍ୟା, କପୋଳକଳ୍ପିତ ସମ୍ବାଦ ପରିବେଷଣ କରି ଜନମତକୁ କେବଳ ବିଭ୍ରାନ୍ତ କରିନାହିଁ। ଅଶାନ୍ତି ସୃଷ୍ଟିର କାରଣ ହୋଇଛି। ଗୁଜବ ପ୍ରଚାର କରିବାରେ ମୁଖ୍ୟ ଭୂମିକା ନେଇଛି। ଯାହାର ପରିଣତି ସ୍ୱରୂପ ସାମ୍ପ୍ରତିକ ଯୁଗରେ ଜ୍ଞାନର ଭଣ୍ଡାର ଭାବେ ପରିଚିତ 'ଇଂଟରନେଟ'କୁ ପ୍ରଶାସନ ବାରମ୍ବାର ବନ୍ଦ କରିବାକୁ ବାଧ ହେଉଛି। ଅଧିକ ଭିୟୁର ପାଇଁ ମନଗଢା, ମିଥ୍ୟା, କପୋଳକଳ୍ପିତ, ଗୁଜବ ପ୍ରଚାର ସାମାଜିକ ଗଣମାଧ୍ୟମର ମୁଖ୍ୟ ଲକ୍ଷ୍ୟ ହୋଇଥିବା କୁହାଯାଇପାରେ। ଯାହା ଏବେ ସରକାର ଏବଂ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଅନ୍ୟପକ୍ଷରେ ମୁଦ୍ରିତ(ଛାପା) ଗଣମାଧ୍ୟମ ଯାହାର ସର୍ବାଧିକ ବିଶ୍ୱସନୀୟତା ରହିଛି, ଅତି ସଂଜମ ଓ ସତର୍କତାର ସହ ଏବଂ ବିଶ୍ଲେଷଣାତ୍ମକ ଜରିଆରେ ସୀମିତ, ଶିକ୍ଷିତ ପାଠକଙ୍କ ନିକଟରେ ପହଁଚି ସ୍ୱାଧୀନ, ନିରପେକ୍ଷ, ଜନମତ ଗଠନ କରିବାରେ ସହାୟକ ହୋଇଆସୁଛି। ଏହା ସତ୍ୟ ଯେ, ମୁଦ୍ରିତ ଗଣମାଧ୍ୟମ ଏବେ କେତେକ ବାଧବାଧକତାର ସମ୍ମୁଖୀନ ହୋଇଛି, ତାହା ହେଉଛି ସୀମିତ ପାଠକ, ଆର୍ଥୀକ ଚାପ ଏବଂ ଭିନ୍ନମତ ପ୍ରକାଶର ସ୍ଥାନ ସଂକୋଚନ। ତଥାପି ଏହା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ବିଚାରଶୀଳ ଗଣମାଧ୍ୟମ ଭାବେ କାର୍ଯ୍ୟ କରୁଛି। ତେବେ ପ୍ରକୃତ ଚିନ୍ତାର କାରଣ ହେଉଛି, ବୈଦ୍ୟୁତିକ ଗଣମାଧ୍ୟମର ଅବାଂଛିତ ପ୍ରଭାବ, ଯାହାକି ଯେକୌଣସି ଛୋଟ ଘଟଣାକୁ ଅତି ସମ୍ବେଦନଶୀଳ କରିଦେଇଥାଏ। ଟେଲିଭିଜନ ବିତର୍କ, ଯାହାକି ଏକଦା ଏକ ମହତ୍ୱପୂର୍ଣ୍ଣ ବୌଦ୍ଧିକ ଆଲୋଚନାର କ୍ଷେତ୍ର ଭାବେ ଜଣାଶୁଣା ଥିଲା, ଏବେ କିନ୍ତୁ ନାଟକୀୟ ମଂଚରେ ପରିଣତ ହୋଇଛି। ରାଜନୈତିକ ଦଳର ନେତା ହୁଅନ୍ତୁ ବା ଅଭିନେତା, ଅଭିନେତ୍ରୀ ହୁଅନ୍ତୁ ପ୍ରଭାବ ବିସ୍ତାର ପାଇଁ ସଂଯମତା ହରାଇ ମୁହାଁମୁହିଁ ହେବା ମଂଚରେ ପରିଣତ ହେଉଛି। ତୃଣମୂଳର ସ୍ୱର ଏବଂ ନିରପେକ୍ଷ, ସ୍ୱାଧୀନ ବକ୍ତାମାନେ ଆପେ ଆପେ ନିଜକୁ ଦୂରେଇ ନେବା ସାର ହେଉଛି। ଏବେ ଏହି ମଂଚରେ ତଥ୍ୟଭିତିକ ପ୍ରସଙ୍ଗ ସ୍ଥାନ ପାଇବା ପରିବର୍ତ୍ତେ ଅବାନ୍ତର ସମାଜ ବିରୋଧି, ରାଷ୍ଟ୍ର ବିରୋଧ ପ୍ରସଙ୍ଗ ସ୍ଥାନ ପାଉଛି। ପରିଣତି ସ୍ୱରୁପ ଏହା କ୍ରମଶଃ ଗୁରୁତ୍ୱ ହରାଉଥିବା କହିଲେ ଭୁଲ ହୋଇନପାରେ। କିନ୍ତୁ ମୁଦ୍ରିତ ଗଣମାଧ୍ୟମ ବହୁ ଚାପର ସମ୍ମୁଖୀନ ହେବା ସତ୍ୱେ ଅନୁସନ୍ଧାନ ଭିତିକ ତଥ୍ୟ ପ୍ରକାଶ ତଥା ଅନୁସନ୍ଧାନ ମୂଳକ ସମ୍ବାଦ ପରିବେଷଣକୁ ନିଜର ଗୁରୁଦାୟୀତ୍ୱ ଭାବେ ଗ୍ରହଣ କରିଆସିଛି। ଆର୍ଥୀକ ସହ ବିଭିନ୍ନ ଚାପ ସତ୍ୱେ ନିଜ ଆଦର୍ଶ, ଲକ୍ଷ୍ୟମାର୍ଗରୁ କଦାପି ବିଚ୍ୟୁତ ହୋଇ ନାହିଁ, ଯେଉଁଥିପାଇଁ କି ମୁଦ୍ରିତ ଗଣମାଧମର ବିଶ୍ୱାସନୀୟତା ଏବେ ବି ଅନ୍ୟ ତଥା ବୈଦ୍ୟୁତିକ ଏବଂ ସାମାଜିକ ଗଣମାଧମଠାରୁ ଅଧିକ ରହିଛି। ଏକ ସର୍ଭେ ରିପୋର୍ଟରେ ମୁଦ୍ରିତ ଗଣମାଧମର ବିଶ୍ୱସନୀୟତା ନେଇ ୬୫ ପ୍ରତିଶତ ମତଦାତା ମତ ଦେଇଥିବା କୁହାଯାଇଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ମୁଦ୍ରିତ ହେଉ ବା ବୈଦ୍ୟୁତିକ ଗଣମାଧ୍ୟମରେ ବିଜ୍ଞାପନ ହ୍ରାସ, ସରକାରୀ ପାତରଅନ୍ତର ଯୋଗୁଁ ଗୁରୁତର ଆର୍ଥୀକ ଚାପର ସମ୍ମୁଖୀନ ହୋଇଛନ୍ତି। ସରକାର ବର୍ଷ ବର୍ଷ ଧରି ବିଜ୍ଞାପନ ଦର ବଢାଇ ନାହାଁନ୍ତି। ଗଣମାଧ୍ୟମ ଉପରେ ଯେଉଁ ଆର୍ଥୀକ ଚାପ ପଡୁଛି, ତାହା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ସେହିପରି ଗଣମାଧ୍ୟମର ସ୍ୱାଧୀନତା ମଧ ଏବେ ଅତ୍ୟନ୍ତ ଗମ୍ଭୀର। ୪୬ଟି ଜନବହୁଳ ରାଷ୍ଟ୍ରରେ ଗଣମାଧ୍ୟମରେ କୌଣସି ସ୍ୱାଧୀନତା ନଥିବା ବେଳେ ୧୮୦ଟି ରାଷ୍ଟ୍ରମଧ୍ୟରେ ଭାରତରେ ଗଣମାଧ୍ୟମ ସ୍ୱାଧୀନତା ୧୫୯ତମ ସ୍ଥାନରେ ରହିଛି। ଜାତୀୟ ପ୍ରେସ୍ ଡେ ଅବସରରେ ଚତୁର୍ଥ ସ୍ତମ୍ଭର ପବିତ୍ରତା, ସ୍ୱାଧୀନତା, ନିରପେକ୍ଷତା ବଜାୟ ରଖିବା ସମସ୍ତଙ୍କର ଧ୍ୟେୟ ହେଉ।

❤ ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ: ୭୯୭୮୬୬୬୪୦୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୬ ନଭେମ୍ବର ୨୦୨୫



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

# ମଧୁରୋକ୍ତି...( ୬ )



## ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ସେ ଜନକରାଜାଙ୍କ କନ୍ୟା ମିଥିଳା ରାଜକୁମାରୀ ଥିଲେ; ଆଜି ସେ ଅବଧପୁରୀର ଜ୍ୟେଷ୍ଠ ବଧୂ ଏବଂ ପରମ୍ପରାର ବାହକ ହୋଇଛନ୍ତି; କିନ୍ତୁ ସର୍ବପ୍ରଥମେ ସେ ଶ୍ରୀରାମଚନ୍ଦ୍ରଙ୍କ ପତ୍ନୀ ଅଟନ୍ତି। ଆଉ ପତ୍ନୀ ଧର୍ମ ଆଗରେ ବଳକା ସବୁ ଧର୍ମ ଫିକା ଅଟେ। ଯଦି ପତି ବଚନ ପାଳନରେ ବନ୍ଧା ହୁଅନ୍ତି ତେବେ ପତ୍ନୀ ମଧ ସେହି ବଚନରେ ସ୍ୱତଃ ବାନ୍ଧି ହୋଇଯାଆନ୍ତି। ପତି ଯଦି ରାଜା ରାଜେଶ୍ୱର ହୁଅନ୍ତି ତେବେ ପତ୍ନୀ ମଧ ମହାରାଣୀ ହୋଇ ଯାଆନ୍ତି। ପତି ସାଧୁ ସନ୍ୟାସୀ ହେଲେ ପତ୍ନୀ ସାଧ୍ୱୀ ହୁଅନ୍ତି। ଏହି ଆକଳନ ଅନୁସାରେ ଆଜି ରାଜା ରାମଚନ୍ଦ୍ର ଯଦି ବନବାସୀ ହେବେ ତେବେ ସେ ବନଚାରିଣୀ ହିଁ ହୋଇ ପାରିବେ। ଏହି ତର୍କ ଆଗରେ ତୁମେ ମଧ ନତ ମସ୍ତକ ହୋଇଥିଲ। ଆଉ ସମସ୍ତଙ୍କୁ ବୁଝେଇ ମାତା ସୀତାଙ୍କୁ ସାଙ୍ଗରେ ନେଇ ବନବାସ ଯିବାକୁ ନିଜ ମନ ସ୍ଥିର କରିଥିଲ।

ମାତା ସୁମିତ୍ରା ତୁମର ଏପରି ପିତୃସତ୍ୟ ପାଳନ କରିବା ପଣ ଦେଖି ସାଙ୍ଗେ ସାଙ୍ଗେ ନିଜ ପୁତ୍ର ଲକ୍ଷ୍ମଣଙ୍କୁ ତୁମ ଦୁହିଁଙ୍କ ସୁରକ୍ଷା ନିମନ୍ତେ ସଦା ସର୍ବଦା ତୁମ ସହିତ ରହିବାକୁ ଆଦେଶ ଦେଇଥିଲେ। ତେଣୁ ଲକ୍ଷ୍ମଣ ମଧ ବନବାସରେ ଯିବାକୁ ନିଷ୍ପତ୍ତି ନେଇଥିଲେ।

ନିଜର ଦୁଇ ପୁଅ ଆଉ ନବ ବିବାହିତା ବଧୂକୁ ଏପରି ବନବାସରେ ବାହାରି ଯାଉଥିବା ଦେଖି ମହାରାଜ ଦଶରଥ ଆହୁରି ଦୁର୍ବଳ ହୋଇ ପଡ଼ିଥିଲେ। ହୁଏତ ବଞ୍ଚିବାର ଆଶା ଟିକକ ମଧ ତାଙ୍କ ପାଖରୁ ଧିରେ ଧିରେ ଦୂରେଇ ଯାଉଥିଲା..!!?? ଚାରି ଚାରିଟା ଯୋଗ୍ୟ ପୁତ୍ର ଥାଇ ମଧ ନିଜ ଶେଷ ସମୟରେ ହୁଏତ କେହି ପାଖରେ ରହିବେନି...!!?? ସେହି ଆଶଙ୍କାରେ ସେ ବିଚଳିତ ହୋଇ ପଡୁଥିଲେ। ଆଗକୁ କଣ ସବୁ ସମୟ ଗର୍ଭରେ ଲୁଚି ରହିଥିଲା ସେକଥା କେବଳ ବିଧାତା ହିଁ ଯେପରି ଜାଣିଥିଲା। ଭାଗ୍ୟ ଚକ୍ରରେ ସେ ସମସ୍ତଙ୍କୁ ବୁଲେଇ ଦେଇ କି ଖେଳ ଖେଳୁଥିଲା ସେକଥା ହୁଏତ ତୁମେ ହିଁ ଜାଣିଥିଲ। ଭବିଷ୍ୟ ଆଉ ଭାଗ୍ୟ ସବୁ ତୁମ ଅଧୀନରେ ଥିଲେ ମଧ ତୁମେ ସମୟକୁ ତା ନିଜ ବାଟରେ ଆଗେଇ ଯିବାକୁ ସୁଯୋଗ ଦେବାକୁ ମନସ୍ଥ କରି ବନଗମନ ପାଇଁ ଗୁରୁଜନଙ୍କ ଆଶୀର୍ବାଦ ନେବାକୁ ଆଗେଇ ଆସିଥିଲ।

ସାରା ରାଜ୍ୟରେ ହାହାକାର ପଡ଼ି ଯାଇଥିଲା। ସେମାନଙ୍କ ଭାବୀରାଜା ଶ୍ରୀରାମ ବନବାସୀ ହୋଇଯିବେ...!!?? ଭରତ ରାଜା ହେବା ଖବରଟା ଯେତେ ସମସ୍ତଙ୍କୁ ବଡ ଲାଗୁ ନଥିଲା ତୁମର ବଣକୁ ଯିବା ସମାଚାର ତା ଠୁଁ ଅଧିକ...ବହୁତ୍ ଅଧିକ ଦୁଃଖଦାୟୀ ଥିଲା। ନିଜକୁ ସମ୍ଭାଳି ନେବାକୁ ହୁଏତ ପ୍ରତ୍ୟେକ ପ୍ରଜା ଅସମର୍ଥ ଥିଲେ। କୈକେୟୀଙ୍କ ପ୍ରତି ସମସ୍ତଙ୍କ ଘୃଣା ବଢ଼ି ଚାଲିଥିଲା। କିନ୍ତୁ ନିଜ କୈକେୟୀ ମାତାଙ୍କ ଉପରେ ଆସିଥିବା ଏ ଲାଞ୍ଛନା ତୁମ ପାଇଁ ଅସହ୍ୟ ଥିଲା। ଆଉ ସେଇଥିପାଇଁ ତୁମେ ସମସ୍ତଙ୍କୁ ଯୋଡ ହସ୍ତରେ ବିନତି କରି କହିଥିଲ ଯେପରି ତୁମ ଅନୁପସ୍ଥିତିରେ କୌଣସି ପ୍ରକାରେ ଅରାଜକତା କି ବିଦ୍ରୋହ ରାଜ୍ୟରେ ସୃଷ୍ଟି ନହୁଏ...!!

ମହାମନ୍ତ୍ରୀ ସୁମନ୍ତଙ୍କୁ ରାଜାଦେଶ ଦିଆଗଲା ଯେ ସେ ତୁମକୁ ବନର ଆଦ୍ୟପ୍ରାନ୍ତରେ ନେଇ ଛାଡ଼ି ଆସିବେ। ରଥରେ ବସେଇ ସୁମନ୍ତ ଯେତେବେଳେ ଆଗେଇ ଗଲେ; ପ୍ରତ୍ୟେକ ନଗରବାସୀ ଆଖିରେ ଆଖିଏ ଲୁହ ନେଇ ତୁମ ପଛେ ପଛେ ରଥକୁ ଅନୁସରଣ କରି ଆଗେଇ ଆସିଲେ। ସରଜୁ ନଦୀ କୂଳରେ ରାତ୍ରି ଯାପନ କରିବା ଅବସରରେ ତୁମେ ଲକ୍ଷ୍ୟ କଲ ଯେ ପ୍ରଜାମାନଙ୍କୁ କେତେ କଷ୍ଟ ହେଉଥିଲା। ଆଉ ସେଥିପାଇଁ ନିଷ୍ପତ୍ତି ନେଲ ଯେ ସେମାନଙ୍କୁ ଅଯୋଧ୍ୟା ଫେରିଯିବାକୁ ହେବ। ରାତ୍ରିର ଅନ୍ଧକାରରେ ତୁମେ ମାତା ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହିତ ଆଗେଇ ଯାଇଥିଲ। ସରଜୁ ନଦୀ ଡେଇଁ ତୁମର ମିତ୍ର ଗୁହକ ରାଜାଙ୍କ ପାଖକୁ ଯିବା ପରେ ଆଗାମୀ ଯାତ୍ରା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲ ତୁମେ। ଆଉ ସୁମନ୍ତଙ୍କୁ ବୁଝେଇ ପଠେଇଥିଲ ଯେ ସେ ଯେପରି ନଗରର ପ୍ରଜାଙ୍କୁ ତୁମର ଆଭିମୁଖ୍ୟ ଜଣେଇବେ। ପିତୃସତ୍ୟ ପାଳନ ଦିଗରେ ସହାୟକ ହେବାକୁ ପ୍ରବର୍ତ୍ତାଇବେ। ସର୍ବୋପରି ଭରତଙ୍କୁ ରାଜା ସ୍ୱୀକାର କରିବା ସହ କୈକେୟୀଙ୍କ ପ୍ରତି କୌଣସି ବିରୋଧ ମନୋଭାବ ରଖିବେନି।

ସକାଳୁ ଉଠି ଯେତେବେଳେ ସମସ୍ତେ ଜାଣିବାକୁ ପାଇଥିଲେ ତୁମେ ସେମାନଙ୍କଠାରୁ ଦୂରେଇ ଯାଇଛ...ଭାଙ୍ଗି ପଡ଼ିଥିଲେ ଦୁଃଖରେ। କିନ୍ତୁ ସୁମନ୍ତ ତୁମର ଦିବ୍ୟ ସନ୍ଦେଶ ଦେଇ କର୍ତ୍ତବ୍ୟ ପାଳନର ମହତ୍ତ୍ୱ ବୁଝାଇଥିଲେ ଆଉ ଅଯୋଧ୍ୟାବାସୀ ନିଜ ମନର ରାଜା ରାମଙ୍କର ଏପରି ଦୃଢ଼ ନିର୍ଣ୍ଣୟର ଆଉ ବିରୋଧ ନକରି ମନ ଦୁଃଖରେ ରାଜ୍ୟକୁ ଫେରି ଆସିଥିଲେ। ଆଉ ନିଷ୍ପତ୍ତି ନେଇଥିଲେ ସେମାନେ ମଧ ଏହି ଚଉଦ ବର୍ଷର ପ୍ରତ୍ୟେକ ମୁହୂର୍ତ୍ତ ବନବାସ ସଦୃଶ ବିତେଇବେ ଆଉ ପ୍ରତୀକ୍ଷା କରି ରହିବେ ସେହି ଶୁଭ ମୁହୂର୍ତ୍ତକୁ ଯେତେବେଳେ ନିଜ ଭାଇ ଆଉ ପତ୍ନୀଙ୍କ ସହିତ ପ୍ରଭୁ ଫେରି ଆସିବେ ତାଙ୍କ ଶୂନ୍ୟ ଜୀବନକୁ ଆଉ ଶୂନ୍ୟ ଅଯୋଧ୍ୟା ନଗରୀକୁ।

ଶୂନ୍ୟ ରଥ ଦେଖି ମହାରାଜ ଦଶରଥ ବୁଝି ଯାଇଥିଲେ ଯେ ତାଙ୍କ ପୁତ୍ର ନିଜ ଧର୍ମ ପାଳନ ଦିଗରେ ଦୃଢ଼ ବିଶ୍ୱାସରେ ଆଗେଇ ଯାଇଛନ୍ତି। କିନ୍ତୁ ସେହି ସମୟରେ ସେ ଆହୁରି ମଧ ବୁଝି ଯାଇଥିଲେ ଯେ ତାଙ୍କ ଅନ୍ତ ସମୟ ଆସି ଯାଇଛି। ତୁମଠାରୁ ବିଚ୍ଛିନ୍ନ ହୋଇ ତୁମ ବିରହରେ ବଞ୍ଚିବା ଆଉ ସମ୍ଭବପର ନଥିଲା ମହାରାଜ ଦଶରଥଙ୍କ ପାଖରେ। ତୁମ ନାମ ନେଇ ନେଇ...ତୁମ କଥା ଭାବି ଭାବି ସେ ହୁଏତ ନିଜ କଲା କର୍ମର ପ୍ରାୟଶ୍ଚିତ କରିଥିଲେ ମୃତ୍ୟୁର କୋଳରେ...!!

ମାତୃଳ ଗୃହରେ ଆନନ୍ଦଭରା ସମୟ ଟିକେ କାଟିବାକୁ ଯାଇଥିବା ଭରତ ଏବଂ ଶତ୍ରୁଘ୍ନ ଅଯୋଧ୍ୟାକୁ ତୁରନ୍ତ ଆସିବା ପାଇଁ ମହାରାଣୀଙ୍କ ନିକଟରୁ ଆଜ୍ଞା ପାଇଥିଲେ। ଚମକି ଯାଇଥିଲେ ଭରତ...!! ପିତା ମହାରାଜ ଥାଉ ଥାଉ ମାତା କୈକେୟୀ କିପରି ରାଜାଜ୍ଞା ଦେଇ ପାରିଲେ ତାହା ତାଙ୍କୁ ଆଶ୍ଚର୍ଯ୍ୟ କରୁଥିଲା।

ଅଯୋଧ୍ୟାକୁ ପ୍ରବେଶ କରିବା ସମୟରେ ତାଙ୍କ ମନ ହତାଶରେ ଭରି ଯାଇଥିଲା। ଚତୁର୍ଦ୍ଦିଗରେ କିପରି ଏକ ଅସମ୍ଭବ ଶୂନ୍ୟତା ଥିଲା। ଏକ ଖାଁ ଖାଁ ଭାବ ଗ୍ରାସ କରି ରହିଥିଲା। ଅନ୍ଧକାରମୟ ଭୟାଳୁ ପରିବେଶ...ମୃତ୍ୟୁର ନିଶବ୍ଦ ଡାକରା ତାଙ୍କୁ ଅଥୟ କରି ପକାଉଥିବା ବେଳେ ନିଜ ପ୍ରିୟ ରାଜ୍ୟବାସୀଙ୍କର ଅଦ୍ଭୁତ ବ୍ୟବହାର ମଧ ବ୍ୟଥିତ କରି ଦେଉଥିଲା। ସେ ଯିବା ସମୟରେ ଯେଉଁ ମାର୍ଗ ସବୁ କୋଳାହଳ ଯୁକ୍ତ ହୋଇଥିଲେ ସେହି ମାର୍ଗ ସବୁ କେମିତି ଏକ ଅଭାବମୟ ଶୂନ୍ୟତାରେ ଭରି ଯାଇଥିଲେ। ତା ପରେ ଯେତେବେଳେ ମହଲ ଭିତରେ ସେ ନିଜ ମାତା ମାନଂକର ଶୂନ୍ୟ ମଥା ଓ ଖାଲି କଚଟି ଦେଖିଥିଲେ ନିଜକୁ ସମ୍ଭାଳି ପାରି ନଥିଲେ। ପିତାଙ୍କ ମୃତ୍ୟୁ ସମାଚାର ତାଙ୍କୁ ଭାଙ୍ଗି ଦେଉଥିବା ବେଳେ ମହଲ ଭିତରେ ନିଜ ବଡଭାଇଙ୍କର ଅନୁପସ୍ଥିତି ସ୍ପଷ୍ଟ ଜଣାପଡି ଯାଉଥିଲା। ସେ କିଛି ବୁଝି ନପାରି ଦୌଡ଼ି ଯାଇଥିଲେ ମାତା କୈକେୟୀଙ୍କ ନିକଟକୁ। ଆଉ ସେଇଠି ଯାଇ ସେ ଯାହା ଶୁଣିଲେ ସେଥିରେ ତାଙ୍କ ମୁଣ୍ଡ ଘୁରେଇ ଦେଲା। ପ୍ରଥମ କରି ନିଜ ଜନ୍ମ ଉପରେ ଘୃଣା ଆସି ଯାଉଥିଲା ତାଙ୍କୁ। ନିଜ ଘରର ଭଗ୍ନ ସ୍ତୁପ ଉପରେ ନିଜ ସ୍ୱପ୍ନର ମହଲ ତିଆରି କରିବା ପରି କୁସଂସ୍କାର ସେ ପାଇ ନଥିଲେ। ପୁଅ ହୋଇ ମଧ ନିଜ ମାତାଙ୍କୁ ଅଭିଶାପ ଦେଇ ଦେଇଥିଲେ ଯେ ଦୁନିଆରେ କେହି ମଧ ନିଜ ସନ୍ତାନର ନାମ କୈକେୟୀ ଦେବେ ନାହିଁ...!! ଶତ୍ରୁଘ୍ନ ନିଜେ ବାଡେଇ ବାଡେଇ ଦାସୀ ମନ୍ଥରାକୁ ମହଲ ବାହାରକୁ ପଠେଇ ଦେଇଥିଲେ।

ପିତାଙ୍କ ଶୁଦ୍ଧିକାର୍ଯ୍ୟ ଯଥା ସମ୍ଭବ ସଂପୂର୍ଣ୍ଣ କରି ନିଜ ଦୁଇ ଭାଇ ଓ ଭାଉଜଙ୍କୁ ଫେରେଇ ଆଣିବାକୁ ବଣ ଭିତରକୁ ଯିବା ପାଇଁ ବାହାରିଗଲେ ଭରତ...!! ଭରତଙ୍କ ଭର୍ତ୍ସନା ଶୁଣିବା ପରେ କୈକେୟୀ ମଧ ନିଜ ଭୁଲ ବୁଝି ପାରୁଥିଲେ। ଭୀଷଣ ଲଜ୍ଜିତ ଥିଲେ ସେ। ମହାରାଜ ଦଶରଥଙ୍କ ଜୀବନ ଅକାରଣରେ ଚାଲି ଯାଇଥିଲା। କିନ୍ତୁ ରାମଙ୍କୁ ଫେରେଇ ଆଣିବା ପାଇଁ ଯଥା ସମ୍ଭବ ଚେଷ୍ଟା କରିବାକୁ ସେ ମଧ ମନସ୍ଥ କରିଥିଲେ। ଲକ୍ଷ୍ମଣ ଚାଲିଯିବା ସମୟରେ ଉର୍ମିଳା ତାଙ୍କର ସମସ୍ତ ନିଦ୍ରାକୁ ଯୋଗଶକ୍ତି ସାହାଯ୍ୟରେ ନିଜ ପାଖକୁ ନେଇ ଯାଇଥିଲେ। ଅତଏବ ସେ ଚିରନିଦ୍ରା ପରି ନିଘୋଡ଼ ନିଦରେ ଶୋଇ ଯାଇଥିଲେ। ମାଣ୍ଡବୀ ଏବଂ ଶ୍ରୁତକିର୍ତ୍ତୀ ମଧ କୌଶଲ୍ୟା ଆଉ ସୁମିତ୍ରାଙ୍କ ସହିତ ଭରତଙ୍କ ତତ୍ତ୍ୱାବଧାନରେ ବନ ଅଭିମୁଖେ ଯାତ୍ରା କରିବାକୁ ବାହାରିଲେ...!!

ଗୁହକରାଜଙ୍କ ପାଖରେ ପହଞ୍ଚି ତୁମେ ସେଠାରେ ରାତ୍ରୀଯାପନ କରିଥିଲ। ସେ ତୁମ ସ୍ୱାଗତ ଅଭ୍ୟର୍ଥନା ପାଇଁ ଯଥାସାଧ ବ୍ୟବସ୍ଥା କରିଥିଲେ ମଧ ତୁମେ ଏକ ବନବାସୀ ପରି ତୃଣଶଯ୍ୟାରେ ଶୟନ କରି ଫଳମୂଳ ଖାଇ ସେଦିନ ରହିଥିଲ। ତା ପରଦିନ ଗୁହକଙ୍କୁ ତୁମେ ଗଙ୍ଗାନଦୀ ପାର କରେଇ ଦେବାକୁ ବ୍ୟବସ୍ଥା କରିବାକୁ କହିଲ। ସେ ଯେତେ ଆଗ୍ରହ କଲେ ମଧ ତୁମେ ତାଙ୍କୁ କୂଳ ଆରପଟେ ରହି ଯିବାକୁ ନିର୍ଦ୍ଦେଶ ଦେଲ ଆଉ ନିଜେ ସୀତା ମାତା ଏବଂ ବୀର ଲକ୍ଷ୍ମଣ ଭାଇଙ୍କ ସହିତ ଗଙ୍ଗାତୀରରେ ପହଞ୍ଚିଲ। ଗଙ୍ଗାକୂଳରେ ପହଞ୍ଚି ଗୁହକରାଜଙ୍କୁ ବିଦାୟ ଦେବା ପରେ ନଦୀତଟରେ ଥିବା ନାଉରିଆକୁ ନାବରେ ନଇ ପାର କରିଦେବାକୁ କହିଥିଲ।

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

# କେଶବ ମେହେର : ବ୍ୟଥାତୁର ବିସ୍ମୃତି ଓ ଆଶାଦୀପ୍ତ ଶତବାର୍ଷିକୀ



## ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଅନେକ ବିଶିଷ୍ଟ ପ୍ରତିଭାଶାଳୀ କବି ଲେଖକଙ୍କୁ ଧୀରେ ଧୀରେ ସମାଜ କିପରି ବିସ୍ମୃତ ହୋଇଯାଏ, ତାହାର ଏକ ଉଦାହରଣ ହେଉଛନ୍ତି ଡକ୍ଟର କେଶବ ଚନ୍ଦ୍ର ମେହେର। ସୁପ୍ରତିଷ୍ଠିତ କବି ଓ ଉଚ୍ଚକୋଟୀର ସାହିତ୍ୟ ସମାଲୋଚକ ତଥା ବାନ୍ଧ-ବିଶେଷଜ୍ଞ ଭାବରେ ସେ ଦିନେ ଥିଲେ ଏକ ବହୁ ଚର୍ଚ୍ଚିତ ଚରିତ୍ର। ଭୋଗ୍ୱାଦୀ ବାତାବରଣ ଭିତରେ ସେ ବଢିନାହାନ୍ତି। ବରଗଡ଼ ଜିଲ୍ଲା ଶହୀଦ ତୀର୍ଥ ଘେଁସ ନିକଟସ୍ଥ ଝର ଗ୍ରାମରେ ତାଙ୍କର ଜନ୍ମହୁଏ ଶହେ ବର୍ଷ ତଳେ।ତାରିଖ ହେଲା ୨୬ ମେ ୧୯୨୫। ବାଲ୍ୟକାଳରୁ ମାତୃସ୍ନେହରୁ ସେ ଯେପରି ବଂଚିତ ହୋଇଛନ୍ତି ତାହା ଦୁର୍ବିସହ ଓ ସମ୍ପୂର୍ଣ୍ଣ ଭିନ୍ନ। ଝର ଅଞ୍ଚଳର ବଣ ଝରଣା, ପାର୍ବତ୍ୟ ସୁଷମା ମଧ୍ୟରେ ସେ ଅନ୍ୱେଷଣ କରିଛନ୍ତି ତେଣୁ ମାତୃ -ସ୍ନେହର ଗଭୀରତାକୁ। ତାଙ୍କ ସ୍ନେହମୟୀ ପିଉସୀମାନଙ୍କ ବାତ୍ସଲ୍ୟ-ବଳୟ ମଧ୍ୟରେ ବିତିଯାଇଛି ବାଲ୍ୟ ଓ କୈଶୋରର ମୁହୂର୍ତ୍ତ। ନାନା ପ୍ରତିକୂଳ ବାତାବରଣ ଅତିକ୍ରମ କରି ସେ ପହଂଚିଯାଇ ପାରିଛନ୍ତି ଗଙ୍ଗାଧର ମେହେର ମହାବିଦ୍ୟାଳୟକୁ। ଡକ୍ଟର ମାୟାଧର ମାନସିଂହ ସେତେବେଳେ ଅଧ୍ୟକ୍ଷ। କୈଶୋର କାଳରୁ ଯେଉଁ କବି ପ୍ରତିଭାର ଉନ୍ମେଷ ସମ୍ଭବ ହୋଇଥିଲା ତାହା କଲେଜର ସାହିତ୍ୟିକ ବାତାବରଣ ମଧ୍ୟରେ ହୋଇଉଠିଛି ସୁବିକଶିତ।କବିତାର ଛନ୍ଦ ମାଧୁର୍ଯ୍ୟରେ ସେ ଯେପରି ପାଠକ ପ୍ରାଣକୁ ଝଙ୍କୃତ କରିଛନ୍ତି,ସେହିପରି ମେହେର ସାହିତ୍ୟ ସମାଲୋଚନାରେ ପ୍ରଦର୍ଶନ କରିଛନ୍ତି ଅସାମାନ୍ୟ ଦକ୍ଷତା। 'ଫଲଗୁର ଫୁଆରା','ସୁଷମା', 'ଛାୟାଲୋକ', 'ଗିରିନଦୀ' 'ଉତ୍ତିଷ୍ଠତ 'କବିତା ସଂକଳନରେ ଆବେଗାନୁଭୂତି ସହିତ ପ୍ରକଟିତ ବଳିଷ୍ଠ ସାମାଜିକ ପ୍ରତିବଦ୍ଧତା। ଗଙ୍ଗାଧର ମେହେରଙ୍କ ସମଗ୍ର ଗ୍ରନ୍ଥାବଳୀ ପାଠରେ ନିଜେ ହଜି ଯାଇଛନ୍ତି ଦିନ ଓ ରାତି।ଲେଖିଛନ୍ତି 'ମେହେର ସାହିତ୍ୟ', 'ଜୀବନ ଓ ପ୍ରତିଭା', 'କାଳଜୟୀ କବି ଗଙ୍ଗାଧର', 'ଯୁଗଲଙ୍ଘୀ କବି ଗଙ୍ଗାଧର' ଆଦି ପୁସ୍ତକ। ଗଙ୍ଗାଧରଙ୍କ ସାଧୁ, ନିରଭିମାନ, ସମାଜ-ସଚେତନ, ଅକୁତତୋଭୟ ବ୍ୟକ୍ତିତ୍ୱ, ସହାନୁଭୂତିଶୀଳ ହୃଦୟବତ୍ତା ସହିତ ତାଙ୍କ କବିତ୍ୱର ମୌଳିକତା ପ୍ରତିପାଦନ କରି ଦେଇଛନ୍ତି ଚିତ୍ତମନ୍ମୋହକ ଭାବରେ।କବିଙ୍କ ଜୟନ୍ତୀ ଓ ଶ୍ରାଦ୍ଧସଭାରେ ମୁଖ୍ୟବକ୍ତା, ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଶତ ସହସ୍ର ବିଦଗ୍ଧ ଶ୍ରୋତାମଣ୍ଡଳୀଙ୍କୁ ବାରମ୍ବାର କରିଛନ୍ତି ମୁଗ୍ଧ, ସ୍ତବ୍ଧ ଓ ଲୋତକାପ୍ଲୁତ। କବି ଗଙ୍ଗାଧର ମେହେରଙ୍କ କନିଷ୍ଠା ପୌତ୍ରୀ ପଦ୍ମାଳୟା ମେହେରଙ୍କ ସହ ତାଙ୍କ ବୈବାହିକ ବନ୍ଧନ ତାଙ୍କ ସାହିତ୍ୟିକ ଓ ସାଂସାରିକ ଜୀବନକୁ ଅଧିକ ଗୌରବାନ୍ୱିତ କରିଦେଇଥିଲା। ନାଟକ 'ସୁପର୍ଣ୍ଣ', ଗୀତିନାଟ୍ୟ 'କ୍ରାନ୍ତିଚକ୍ର', ସାହିତ୍ୟ ସମାଲୋଚନା ପୁସ୍ତକ 'ସୃଷ୍ଟିର ସ୍ୱର', 'ପ୍ରତିଭା ଓ ପ୍ରତିଭୂ' 'ପୁରାଣ ରହସ୍ୟ' 'ରାଧାନାଥ ଓ ଚନ୍ଦ୍ରଭାଗା' ଆଦି ତାଙ୍କ ବହୁମୁଖୀ ପ୍ରତିଭାର ଏକ ଏକ ସାର୍ଥକ ସଂକେତ। ଗଙ୍ଗାଧରଙ୍କ ଭକ୍ତି କବିତା ଇଂରାଜୀରେ ଅନୁବାଦ କରି ସ୍ୱତନ୍ତ୍ର ଭାବରେ କେବଳ ସେହି ଗୋଟିଏ କବିତାକୁ କେନ୍ଦ୍ର କରି ଲେଖିଲେ ଏକ ପୁସ୍ତକ **BHAKTI:The Devotion of Gangadhar.** ପୁସ୍ତକଟି ଦେଶ ଭିତରେ ଓ ଦେଶ ବାହାରେ ସମ୍ପ୍ରସାରିତ ହୋଇଛି। ସନ୍ଥ ବିନୋବା ଭକ୍ତି କବିତା ବିଷୟରେ ଯେଉଁ ଉଚ୍ଚକୋଟୀର ଅଭିମତ ପ୍ରଦାନ କରିଛନ୍ତି ଓ ବିଶିଷ୍ଟ ଲେଖିକା ଲୀଳା ରାୟ କବିଙ୍କୁ ଯେଉଁ ଋଷି ପ୍ରତିମ ପ୍ରତିଭା ବୋଲି ବର୍ଣ୍ଣନା କରିଛନ୍ତି, ତାହା ଏ ପୁସ୍ତକର ଅନନ୍ୟ ଆକର୍ଷଣ। ପ୍ରଣୟ ବଲ୍ଲରୀ କାବ୍ୟ କୁ ନେଇ ଲେଖିଲେ ସେ 'ଅଙ୍କ ଓ ଅଙ୍କୁର'। ତାହାକୁ ପୁଣି ଇଂରାଜୀରେ ରୂପାୟିତ **Kŭf The Sign and The Shoot** ନାମରେ।

କେବଳ ସେତିକି ନୁହେଁ, ଅନୁବାଦ କାର୍ଯ୍ୟରେ ମଧ ସ୍ୱକୀୟ ଦକ୍ଷତାର ପରିଚୟ ରଖି ଯାଇଛନ୍ତି ସେ। ହିନ୍ଦୀ କବୟିତ୍ରୀ ପ୍ରଭା ଖୈତାନଙ୍କ ଅହଲ୍ୟାକୁ ଓଡ଼ିଆ ରୂପଦାନ କରି ସତେ ଯେମିତି ସେ ନାରୀଚେତନା ମଧ୍ୟରେ ଅପୂର୍ବ ଇଚ୍ଛାଶକ୍ତି ଭରି ଦେଇଛନ୍ତି। ଏଯୁଗର ପ୍ରସ୍ତରୀଭୂତା ସୀତାଙ୍କୁ ଉଦ୍ଧାର କରିବା ପାଇଁ ଆଉ ଶ୍ରୀରାମଚନ୍ଦ୍ରଙ୍କ ଶୁଭାଗମନ ହେବାର ସମ୍ଭାବନା ନାହିଁ। ନାରୀ ନିଜେ ହିଁ ନିଜର ମୁକ୍ତି ଘୋଷଣା କରୁ-ଏହି ଶକ୍ତିଶାଳୀ ବାର୍ତ୍ତା କବିତା ସଂକଳନଟିକୁ ପ୍ରଦାନ କରିଛି ଅପୂର୍ବ ଶକ୍ତି ଓ ସ୍ଫୁର୍ତ୍ତି।'କୃଷ୍ଣଧର୍ମା' ମଧ ଆଉ ଏକ ଉଲ୍ଲେଖନୀୟ ଅନୁବାଦ।'କନ୍ନଡ଼ ଲଘୁକଥା' କେଶବ ମେହେରଙ୍କ ଏକ ବୃହତ ଅନୁବାଦ ପୁସ୍ତକ, ଯେଉଁଥି ପାଇଁ ସେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ।ଓଡ଼ିଶାର ବାନ୍ଧ ଓ ବୟନକଳା ବିଷୟରେ ରଚିତ ତାଙ୍କର କେତୋଟି ପୁସ୍ତକରେ ଗଭୀର ବିଶ୍ଳେଷଣ କଳାର ଆଉ ଏକ ଦିଗକୁ ଉଦ୍ଭାସିତ କରିଦେଇଛି। 'ଗୋଟିଏ ସ୍ୱପ୍ନ', 'ସମବାୟ ଓ ତନ୍ତୁବାୟ', 'ବସ୍ତ୍ରବିଦ୍ୟା' 'ଓଡ଼ିଶାର ବୟନ କଳା'ଓ **Orissan Art of Weaving** ପୁସ୍ତକ ଗୁଡିକ ବୟନ କୌଶଳ ସମ୍ପର୍କରେ ବିସ୍ତୃତ ନନ୍ଦନତାତ୍ତ୍ୱିକ ବ୍ୟାଖ୍ୟା।

ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ



ଡକ୍ଟର କେଶବ ଚନ୍ଦ୍ର ମେହେର

ହୋଇ ସେ ଓ୍ବାର୍ଦ୍ଧା ସ୍ଥିତ ସେବାଗ୍ରାମ ଠାରେ ତାଲିମ ଗ୍ରହଣ କରିଥିଲେ। ଟେକ୍ସଟାଇଲରେ ଡିପ୍ଲୋମା ଲାଭକରି ନିଜ କର୍ମମୟ ଜୀବନ ଅତିବାହିତ କରିଥିଲେ ଖୋର୍ଦ୍ଧା ସ୍ଥିତ ଗୁରୁଜଙ୍ଗ, ବଲାଙ୍ଗୀର, ସୋନପୁର ଆଦି ବିଭିନ୍ନ ସ୍ଥାନରେ। ପ୍ରଡକ୍ସନ ଅଫିସର ଭାବରେ ଅବସର ଗ୍ରହଣ କରିବା ପରେ ବରଗଡ଼ ଜିଲ୍ଲାର ରେମଣ୍ଡା କଲେଜରେ ଅଧକ୍ଷ ଭାବରେ ମଧ ଅବସ୍ଥାପିତ ହୋଇଥିଲେ।

ନିଜ ଜୀବନର ଏହି ବହୁବିଧ ଅନୁଭୂତି ଅବଲମ୍ବନରେ ଶେଷରେ ଲେଖିଛନ୍ତି ଆତ୍ମଜୀବନୀ 'ଦୂର ପଥର ପଥିକ'। ବାଲ୍ୟ କାଳରୁ ଆରମ୍ଭ କରି ଯେଉଁ ସଂଘର୍ଷମୟ ଜୀବନର ଏକ ପରେ ଏକ ପର୍ଯ୍ୟାୟ ଅତିକ୍ରମ କରି ସେ ପହଂଚି ପାରିଛନ୍ତି ନିଜ ଲକ୍ଷ୍ୟପଥକୁ, ତାହା ଯେ କୌଣସି ପାଠକ ପାଇଁ ପ୍ରେରଣା ଉଦ୍ଦୀପକ ନିଶ୍ଚୟ। ପଦ୍ମାଳୟା ଦେବୀ ଓ କେଶବ ଚନ୍ଦ୍ର ମେହେରଙ୍କ ଚାରି ସୁକନ୍ୟା ମୈଥିଳୀ, ମନୋରମା, ମଞ୍ଜୁଳା, ମଞ୍ଜରୀ ଓ ଦୁଇ ପ୍ରତିଭାଦୀପ୍ତ ସୁପୁତ୍ର ମନୋରଞ୍ଜନ, ମୃତ୍ୟୁଞ୍ଜୟ ମଧ ମାତୃଭୂମିର ସେବା ସକାଶେ ନୀରବରେ ଉତ୍ସର୍ଗୀକୃତ।

ସ୍ୱର୍ଗକ୍ଷଶିଷ ଲାଭ ପୂର୍ବକ କେଶବ ଚନ୍ଦ୍ର ମେହେର ଧରାବତରଣ କରିଥିଲେ। ନିଜର ଭୂମିକା ସମ୍ପାଦନ କରି ସେ ପୁନଶ୍ଚ ପ୍ରତ୍ୟାବର୍ତ୍ତନ କରିଛନ୍ତି ସେହି ଆତ୍ମାର ସ୍ୱଦେଶକୁ ବିଗତ ୨୦୦୮ ମସିହା ଅଗଷ୍ଟ ୨୨ ତାରିଖ ଦିନ।ନିଜର ଏକ କବିତାରେ ଲେଖିଛନ୍ତି ସେ:

'ତୁମରି ଆଦେଶେ ଭବେ ଆସିଛି ମୁଁ ଧାଇଁ
ଅଗଣିତ ଗ୍ରହ ଚନ୍ଦ୍ର ତାରକା ଏଡାଇ
ସାଧି ବିଶ୍ୱର କଲ୍ୟାଣ
ଫେରିବି ସେ ପଥେ ମୁହିଁ ଆଲୋକ ସନ୍ତାନ।

ଯେଉଁ ମହାନ ସାହିତ୍ୟ ସ୍ରଷ୍ଟାମାନେ ତାଙ୍କ ମୌଳିକ ପ୍ରତିଭାକୁ ଦିନେ ସ୍ୱୀକୃତି ଓ ସମ୍ମାନ ଦେଇଥିଲେ ସେମାନେ ମଧ କେହି ଆଜି ସଶରୀରେ ନାହାନ୍ତି। ଚିରପୂଜ୍ୟ ପଦ୍ମଶ୍ରୀ ଡକ୍ଟର ମାୟାଧର ମାନସିଂହ, ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ, ଜ୍ଞାନପୀଠ ବିଜେତା ଗୋପୀନାଥ ମହାନ୍ତି, ରବୀନ୍ଦ୍ର ପୁରସ୍କାର ବିଜେତା ବ୍ରଜନାଥ ରଥ,ଜ୍ଞାନପୀଠ ବିଜେତା ସଚ୍ଚିଦାନନ୍ଦ ରାଉତରାୟ, ବିଶିଷ୍ଟ ନାଟ୍ୟକାର ମଙ୍ଗଳୁ ଚରଣ ବିଶ୍ୱାଳ ପ୍ରମୁଖ ସମସ୍ତେ ଆଜି ଯେଉଁ ସୂକ୍ଷ୍ମ ଜଗତର ଆଲୋକରେଖାରେ ପରିଣତ ହୋଇ ଯାଇଛନ୍ତି, ସେମାନଙ୍କ ସହ ସଂଯୁକ୍ତ ହୋଇ ଯାଇଛନ୍ତି ଡକ୍ଟର କେଶବ ଚନ୍ଦ୍ର



ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ତଳେ କବିପୁତ୍ର ଭଗବାନ ମେହେରଙ୍କ ସହ କନିଷ୍ଠା କନ୍ୟା ପଦ୍ମାଳୟା ଜାମାତା କେଶବ ଚନ୍ଦ୍ର ମେହେର ସପରିବାର।

ମେହେର ୧୬। ୧୧। ୨୦୨୫ ରବିବାର ଦିନ ବରଗଡ଼ର ଗାନ୍ଧୀ ଭବନଠାରେ ଜନ୍ମଶତବର୍ଷର୍ଷିକୀ କମିଟି ତରଫରୁ ଆୟୋଜିତ ହୋଇଛି ସ୍ମୃତି ସଭା। 'କେଶବ-କ୍ରାନ୍ତି 'ନାମକ ସ୍ମରଣିକା ପ୍ରକାଶିତ ହେଉଛି ଏ ଉପଲକ୍ଷ୍ୟେ। ଜନମନରେ ଯାହାଙ୍କ ସ୍ମୃତି ନିଷ୍ପ୍ରଭ ହୋଇଆସୁଥିଲା, ଏହି ଶତବାର୍ଷିକୀ ପାଳନ,ସେଇ ପରିବେଶରେ ନିଶ୍ଚୟ ସୃଷ୍ଟି କରିପାରିବ ନବ-ଚେତନାର ଏକ ସ୍ଫୁରଣ ଓ ଉତ୍ତର ପିଢ଼ି ଏ ବିଷୟରେ ହୋଇପାରିବେ କିଂଚିତ ସଚେତନ, ଏହି ଆଶା ଓ ଆସ୍ଥାଶୀଳତା ହିଁ ଆମର ଏକାନ୍ତ କାମ୍ୟ। ଡକ୍ଟର କେଶବ ଚନ୍ଦ୍ର ମେହେରଙ୍କ ମହତ ଅବଦାନ ନିମିତ୍ତ ସେତ ନିଶ୍ଚୟ ପ୍ରଣମ୍ୟ। ଜନ୍ମଶତବାର୍ଷିକୀ ପାଳନ ଅବସରରେ ଓଡ଼ିଆ ଜାତି ତାଙ୍କ ଉଦ୍ଦେଶ୍ୟରେ ଅର୍ପଣ କରୁଛି ଆଜି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

♥ ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୧୫ ସୁଜାତାଙ୍କ ହସ୍ତରୁ କ୍ଷୀରି ଗ୍ରହଣ

ସେନାନି ନାମକ ଏକ ଗ୍ରାମରେ ଜଣେ ବହୁତ ସୁନ୍ଦରୀ ଏବଂ ଧନୀ ଯୁବତୀ ରହୁଥିଲେ, ଯିଏ ବିବାହ କରି ପୁତ୍ରସନ୍ତାନଟିଏ ପ୍ରାପ୍ତି ନିମନ୍ତେ ଋହୁଁଥିଲେ। ସେ ଅନେକ ବର୍ଷ ଅପେକ୍ଷା କରିବା ସତ୍ତ୍ୱେ ଏଥିରେ ସଫଳ ହେଲେନାହିଁ। ଲୋକମାନେ ତାଙ୍କୁ କହିଲେ ଯେ ସେ ନିରଂଜନା ନଦୀ କୂଳରେ ଥିବା ବରଗଛ ନିକଟକୁ ଯାଆନ୍ତୁ ଏବଂ ସେହି ବୃକ୍ଷ-ଦେବତାଙ୍କୁ ଏକ ସ୍ୱାମୀ ଓ ସୁନ୍ଦର ପୁତ୍ର ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରନ୍ତୁ। ତତ୍‌କାଳୀନ ସମୟରେ ଲୋକମାନେ ବିଶ୍ୱାସକରି କୌଣସି ସାହାଯ୍ୟ ନିମନ୍ତେ ବୃକ୍ଷ ତଥା ମୂର୍ତ୍ତିଗୁଡ଼ିକୁ ପ୍ରାର୍ଥନା କରୁଥିଲେ। ସେ ମଧ ଲୋକମାନଙ୍କ କଥା ମାନି ସେହିପରି କଲା। ପରେ ସେ ଜଣେ ସୌମ୍ୟକାନ୍ତ ଯୁବକଙ୍କୁ ବିବାହ କଲା ଓ ସେମାନଙ୍କର ପୁତ୍ରଟିଏ ଜାତ ହେଲା। ସେ ଅତ୍ୟନ୍ତ ଖୁସି ଥିଲା ଏବଂ ନିଷ୍ପତ୍ତି ନେଲା ଯେ କାମନା ପୂରଣ ହେଲେ ଯେଉଁସବୁ ଜିନିଷ ବୃକ୍ଷଦେବତାଙ୍କୁ ଦେବାକୁ ମନାସି ଥିଲା ତାହା ଦେବ। ତେଣୁ ପ୍ରତିଜ୍ଞା ପୂରଣ କରିବାକୁ ଋହୁଁଥିବା ଦିନ ସେ ତା'ର ଋକରକୁ ସେହି ବରଗଛ ତଳକୁ ସଫା କରିବା ପାଇଁ ପଠାଇଲା।

ସେହି ସୁନ୍ଦରୀ ଯୁବତୀର ନାମ ଥିଲା ସୁଜାତା। ତାଙ୍କର ଏକ ହଜାର ଗାଈ ଥିଲା। ସେ ଏହି ଗାଈମାନଙ୍କ କ୍ଷୀର ମିଠା ହେବା ପାଇଁ ସେମାନଙ୍କୁ ବଲମୀ ନାମକ ଏକ ମିଠା ଲତାକୁ ଖୁଆଇଥିଲା। ତା'ପରେ ସେ ଏହି ହଜାରେ ଗାଈକୁ ଦୁହିଁ ସେହି କ୍ଷୀରକୁ ପାଞ୍ଚହଜାର ଗାଈଙ୍କୁ ଖୁଆଇଲା। ତା'ପରେ ସେମାନଙ୍କ କ୍ଷୀରକୁ ଦୁଇଶହ ଗାଈଙ୍କୁ, ପରେ ପଚାଶ ଗାଈ ଏବଂ ଶେଷରେ ଆଠଟି ଗାଈଙ୍କୁ ସେମାନଙ୍କ କ୍ଷୀର ପିଆଇଲା। ସେ ଏପରି କରିବାର କାରଣ ସେହି ଅଳ୍ପସଂଖ୍ୟକ ଗାଈମାନଙ୍କଠାରୁ ସବୁଠୁ ମିଠା ଓ ପୁଷ୍ଟିକାରକ କ୍ଷୀର ପାଇ ବୃକ୍ଷ-ଦେବତାଙ୍କ ନିମନ୍ତେ ସ୍ୱାଦିଷ୍ଟ କ୍ଷୀରି ପ୍ରସ୍ତୁତ କରିବ। ତା'ପରେ ସେ ଏହି କ୍ଷୀରରେ କ୍ଷୀରି ପ୍ରସ୍ତୁତ କଲା। ହଠାତ୍ ଆଶ୍ଚର୍ଯ୍ୟ ହୋଇ ସେ ଦେଖିଲା ଯେ ତା'ର ଋକର ଖୁବ୍ ଆନନ୍ଦର ସହ ତା' ଆଡ଼କୁ ଦୌଡ଼ି ଦୌଡ଼ି ଆସୁଛି। ଉତ୍ସାହିତ ହୋଇ ସେ କହିଲା -

"ଆଜ୍ଞା, ବରଗଛର ଦେବତା ତୁମ ଖାଦ୍ୟ ଗ୍ରହଣ କରିବା ପାଇଁ ନିଜେ ଗଛରୁ ତଳକୁ ଓହ୍ଲାଇ ଆସିଛନ୍ତି। ସେ ଗଛ ତଳେ ଧ୍ୟାନରେ ବସିଛନ୍ତି। ଜଣେ ଦେବତା ବ୍ୟକ୍ତିଠାରୁ ସ୍ୱୟଂ ଖାଦ୍ୟଗ୍ରହଣ କରିବା ପାଇଁ ଋଲିଆସିବା ଘଟଣାରୁ ତୁମେ କେଡ଼େ ଭାଗ୍ୟବାନ ଜଣାଯାଉଛି।"

ସୁଜାତା ମଧ ବହୁତ ଖୁସି ଏବଂ ଉତ୍ସାହିତ



ହୋଇଗଲା। ସେ ଋକର ସହ ଆନନ୍ଦରେ ନାଚିଲା। ତା'ପରେ ସେମାନେ କ୍ଷୀରି ପ୍ରସ୍ତୁତ କରିବା ନିମନ୍ତେ ଅଧିକ ଧ୍ୟାନ ଦେବାରେ ଲାଗିଲେ।

ପରେ ଏହି ସ୍ୱାଦିଷ୍ଟ କ୍ଷୀରିକୁ ଉଭୟେ ନେଇ ବରଗଛ ନିକଟକୁ ଗଲେ। ସୁଜାତା ମଧ ସେହି ବୃକ୍ଷଦେବତାଙ୍କୁ ନିଜେ ଦେଖି ବହୁତ ଆଶ୍ଚର୍ଯ୍ୟାନ୍ୱିତ ଓ ଉତ୍ସାହିତ ହୋଇଗଲା, ଯିଏ ଖୁବ୍ ସୁନ୍ଦର ଦେଖାଯାଉଥିଲେ ଓ ଶାନ୍ତ ସହକାରେ ଧ୍ୟାନରେ ବସିଥିଲେ। ସେ ଜାଣିନଥିଲେ ଯେ ସେ ଥିଲେ ପ୍ରକୃତରେ ତପସ୍ୱୀ ଗୌତମ। ଯେତେବେଳେ ସୁଜାତା ଏକ ପାତ୍ରରେ ସେହି ସ୍ୱାଦିଷ୍ଟ କ୍ଷୀରିକୁ ପ୍ରଦାନ କଲେ, ସେତେବେଳେ ଗୌତମ କହିଲେ, "ମୋ ପରି ତୁମେ ତୁମର ଇଚ୍ଛା ପୂରଣ କରିବାରେ ସଫଳ ହୁଅ।"

ତପସ୍ୱୀ ଗୌତମ ସେହି ଖାଦ୍ୟକୁ ଖାଇଲେ ଏବଂ ଖାଲି ପାତ୍ରଟିକୁ ନିଜ ହାତରେ ଧରି ନିରଞ୍ଜନା ନଦୀ ଅତିକ୍ରମ କରି ଗୟା ପଥରେ ଯାତ୍ରା କଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ପ୍ରହ୍ଲାଦ ମହାନ୍ତି ଥିଲେ ବାଲେଶ୍ୱର ସାହିତ୍ୟର ଦ୍ରୋଣାଚାର୍ଯ୍ୟ

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନରେ ସ୍ମୃତିସଭା ଓ ବିଶ୍ୱ ମଧୁମେହ ଦିବସ ପାଳନ




ବାଲେଶ୍ୱର, ୧୫/୧୧ (ନି.ପ୍ର): ବାଲେଶ୍ୱରର ଦିବଂଗତ ଦିଗ୍‌ଗଜ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଓ ସ୍ରଷ୍ଟା ନାଟ୍ୟାନୁଷ୍ଠାନ ପକ୍ଷରୁ ମିଳିତ ଭାବେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବକ୍ତାମାନେ ଡ. ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ତାଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରି କହିଥିଲେ ଡ. ମହାନ୍ତି ହେଉଛନ୍ତି ବାଲେଶ୍ୱର ସାହିତ୍ୟର ଦ୍ରୋଣାଚାର୍ଯ୍ୟ। ତାଙ୍କ ଦେହାନ୍ତରେ ଗୋଟିଏ ଯୁଗର ଅବସାନ ଘଟିଛି। ତାଙ୍କର ଅନାବିଳ ସ୍ନେହପୂର୍ଣ୍ଣ ବ୍ୟବହାର, ହସହସ ମୁହଁ ଆଉ ଦେଖିବାକୁ ମିଳିବ ନାହିଁ। ସେ ଜଣେ ବ୍ୟକ୍ତି ନ ଥିଲେ, ବରଂ ଥିଲେ ଗୋଟିଏ ଅନୁଷ୍ଠାନ। ସାହିତ୍ୟ ବ୍ୟତୀତ ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ମଧ ତାଙ୍କର ଅବଦାନ ଅତୁଳନୀୟ। ଉପସଭାପତି ନିରଂଜନ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ମୃତିସଭାରେ ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା, ହେମେନ୍ଦ୍ର ମହାପାତ୍ର, ଡ. ରମାକାନ୍ତ ନାୟକ, ଶରତ କୁମାର ମହାପାତ୍ର, କଲ୍ୟାଣୀ ନନ୍ଦ, ଡ. କ୍ଷୀତିଶ ଚନ୍ଦ୍ର ଦାଶ, ଦୀନବନ୍ଧୁ ଲେଙ୍କା, ତପନ ରାୟ, ଡ. ଭାଗବତ ପ୍ରସାଦ ଦାସ, ଅଞ୍ଜଳି ପଣ୍ଡା, ଡ. ହେମମାଳା ଦାଶ, ଦୀପକ ଦାସ, ପଣ୍ଡିତ ସଂଜୟ ପଣ୍ଡା, ଲମ୍ବୋଦର ନାୟକ, ପ୍ରଭାକର ସାହୁ, ପଦ୍ମଲୋଚନ ପ୍ରଧାନ, ବାସନ୍ତୀ ଦେ, ଗୀତାଞ୍ଜଳି ଶତପଥୀ, ସୁବ୍ରତା ମହାନ୍ତି, ଅରୁଣ ଚାଟାର୍ଜୀ, ବିଦ୍ୟାଧର ସାହୁ, ଡ. ଶତୃଘ୍ନ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍ ବକ୍ତବ୍ୟ ପ୍ରଦାନ ଓ ଦୀପକ ବୋଷ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଜ୍ଞାନରନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ଶତାଧିକ ବ୍ୟକ୍ତିଙ୍କର ନିଃଶୁଳ୍କ ରକ୍ତପରୀକ୍ଷା କରାଯାଇଥିଲା। ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଶିବିର ପରିଚାଳନା କରିବା ସହ ମଧୁମେହ ରୋଗର କାରଣ ଓ ନିରାକରଣ ସଂପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଦୀପ ଚାଟାର୍ଜୀ, ଡ. ସାରଙ୍ଗଧର ତ୍ରିପାଠୀ, ଦୀପକ ବେହେରା, ସ୍ନେହଲତା ପଟ୍ଟନାୟକ ଓ ରାଜକିଶୋର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବାସୁଦେବପୁର ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ




ବାସୁଦେବପୁର, ୧୫/୧୧ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ପୋଲିସ ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ପାଳିକାର ଅଧକ୍ଷା ନିବେଦିତା ବେହେରା, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମ୍ବିତ ମାଝି, ଏସ ଡି ପି ଓ ବିଚିତ୍ରା ନନ୍ଦ ସେଠୀ, ଧାମ ନଗର ଏସ ଡି ପି ଓ ତ୍ରିଲୋଚନ ସେଠୀ, ଭଦ୍ରକ ମୁଖ୍ୟ କାର୍ଯ୍ୟାଳୟ ଇନ୍ସପେକ୍ଟର ତଥା ସାଇବର ସଂଯୋଜକ ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ଖୁବ୍ ସୁନ୍ଦର ଭାବେ ସାହିତ୍ୟର ମଧୁର ବାକ୍ୟ ଓ ମିଠା ଶବ୍ଦ ମାଧମରେ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ତୃପ୍ତି ମହିଳା ମହାବିଦ୍ୟାଳୟ ପାଖରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା। ଅଟଳ ବିହାରୀ ହାଇସ୍କୁଲର ଭରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ରାଉତ, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଏହି ସାଇବର ରଥକୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ଏହି ଉତ୍ସବରେ ନାରୀ ନେତ୍ରୀ ସମାଜ ସେବୀ ମମତା ଜେନା, କାଉନସିଲର ଭକ୍ତ ରଞ୍ଜନ ପଟ୍ଟନାୟକ, ସମାଜ ସେବୀ ବିଜୟ କୁମାର ମହାନ୍ତି, କାଉନସିଲର ଜଗବନ୍ଧୁ ଦାସ, ଅସିତ୍ କୁମାର ଦାଶ, ମହେଶ୍ୱର ଧଳ, ଶିକ୍ଷକ ନେତା ସୁବ୍ରତ କୁମାର ଧଳ, ପ୍ରତାପ ସେନାପତି, ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବାସୁଦେବପୁର ପୋଲିସ ଷ୍ଟାଫ୍ ପୁନମ ଦେବୀ ବେହେରା, ବିନୋଦ କୁମାର ସାହୁ, ଅଧିକାରୀ ଦେବୀ ପ୍ରସାଦ ମହାପାତ୍ର, ଶୁଭେନ୍ଦୁ ମହାନ୍ତି, ସଞ୍ଜୟ ଲେଙ୍କା, ଭାଗ୍ୟଜିତ ନାୟକ, ଲକ୍ଷ୍ମୀକାନ୍ତ ଉପାଧ୍ୟାୟ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଆଜିଠୁ ପାଳନ ହେବ ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ

ଭୁବନେଶ୍ୱର, ୧୫/୧୧ (ନି.ପ୍ର): ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ବ୍ୟାପକ ଜଣସଚେତନତା ମାଧମରେ ଏହି ସଂଖ୍ୟା ହ୍ରାସ କରିହେବ ଓ ଏଥିପାଇଁ ନଭେମ୍ବର ୧୬ ରୁ ୩୦ ଯାଏଁ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଥିନେଇ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମୟରେ ଚାରିଟି 'ଇ' ଯଥା- ଏନଫୋର୍ସମେଣ୍ଟ, ଇଂଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ ବୋଲି ଇସ୍ପାତ ଓ ଖଣି ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ବିଜେଡି ହାରିଲା...

ସେପଟେ ଏଲିନା ଦାସ ବି ଏକ ଭିଡିଓ ଛାଡି ବିଜେଡିର ପରାଜୟ ପାଇଁ ବରିଷ୍ଠ ନେତାଙ୍କୁ ନିଶାନା କରିଛନ୍ତି । ଭିଡିଓରେ ବବି ଦାସ, ଦେବୀ ମିଶ୍ର କୋଳାକୋଳି ଏବଂ ଅରୁଣ ସାହୁ ରୋଷେଇ କରୁଥିବାର ଭିଡିଓ ପୋଷ୍ଟ କରି ଏଲିନା ଲେଖିଛନ୍ତି... ଏ କୋଳା କୋଳି ଥିଲା କଣ ପାଇଁ... ଜିତେଇବା ପାଇଁ ନା ହରେଇବା ପାଇଁ । ଜାଣି ଥିଲ ନା ଜାଣି ଅଜଣା ହଉଥିଲ । ନିଜ ରାଜନୈତିକ ଅସ୍ତିତ୍ୱକୁ ବଞ୍ଚାଇବା ପାଇଁ ଜଣେ ଜନନାୟକ ତଥା ଅଭୁଲା ବ୍ୟକ୍ତିତ୍ୱଙ୍କୁ ପ୍ରଚାର ପଡିଆକୁ ଓହ୍ଲେଇ ଲୋକହସା କଲ,ଏହି ବୟସରେ ଜଣେ ବିଶେଷ ବ୍ୟକ୍ତିତ୍ୱଙ୍କୁ ମାନସିକ ଓ ଶାରରୀକ ଚାପ ଦେଇ କି ଲାଭ ପାଇଲ ? ବଡ଼କଥା ହେଉଛି, ଦଳୀୟ ନେତ୍ରୀ ଏଲିନା ଏବଂ ନିଲମ୍ବିତ ନେତ୍ରୀ ଶ୍ରୀମୟୀଙ୍କ ସମାଲୋଚନାକୁ ସୋସିଆଲ ମିଡିଆରେ ସମର୍ଥନର ସ୍ୱର ବଢ଼ିବାରେ ଲାଗିଛି । ଯାହାକୁ ରାଜ୍ୟ ରାଜନୀତିକୁ ଆହୁରି ଉଷ୍ମ କରିଦେଇଛି ।

## ୨ ଦୁର୍ଦ୍ଦାନ୍ତ ସମେତ ...

ଟେକନିକ ଟିମର ସଦସ୍ୟ ଆବ୍ୱାସ ନାରାୟଣ ଓରଫ ରମେଶ। ଏହି ଦୁଇ ନକ୍ସଲ ଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମାଓ ସଂଗଠନରେ କାମ କରୁଥିଲେ। ଆଜାଦ୍ ଏବଂ ତେଲେଙ୍ଗାନା ଏରିଆ କମିଟିର ସଚିବ ଦାମୋଦର ମଧରେ ରହିଥିବା ଅନ୍ତର୍ଦ୍ୱନ୍ଦ ହିଁ ଆତ୍ମସମର୍ପଣ କରିବାକୁ ବାଧ କରିଥିଲା। ତେଲେଙ୍ଗାନା ଏରିଆ କମିଟିରେ ଆଜାଦର ମଧ ଦବଦବା ରହିଥିଲା। ପୁଲିସ ଦିନେ କିମ୍ବା ଦୁଇ ଦିନରେ ଏହା ସ୍ପଷ୍ଟ କରିବ ବୋଲି ଜଣାପଡିଛି। ତେବେ ଏହି ଦୁଇ ମାଓବାଦୀଙ୍କର ଆତ୍ମସମର୍ପଣ ତେଲେଙ୍ଗାନା ଏବଂ ଛତିଶଗଡ ସୀମାରେ ରହିଥିବା ନକ୍ସଲଙ୍କ ପ୍ରଭାବିତ କରିବ ବୋଲି କୁହାଯାଇଛି। ଆଜାଦ ଉପରେ ସରକାର ୪୦ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ। ସେହିପରି ରମେଶ ନାମରେ ୨୦ ଲକ୍ଷ ଟଂକା ପୁରସ୍କାର ରହିଥିବା ଜଣାପଡ଼ିଛି।

## ସ୍ପେଶାଲ୍ ଓଟିଇଟି ...

୭୫ ହଜାର ୪୦୩ ଜଣ ଫର୍ମପୂରଣ କରିଥିବା ବେଳେ ପରୀକ୍ଷା ଦେଇଥିଲେ ୭୨ ହଜାର ୪୧୩ ଜଣ। ସେମାନଙ୍କ ମଧରୁ ୪୮ ହଜାର ୧୫୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପାସ୍ ହାର ୬୬.୫୦% ରହିଛି। ସ୍ପେଶାଲ ଓଟିଇଟି- ୨୦୨୫ର ଫଳାଫଳ **www.bseodisha.ac.in** ରେ ଉପଲବ୍ଧ ଅଛି। କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ଆବଶ୍ୟକ ଫି' ଦେଇ ବୋର୍ଡ ୱେବ୍‌ସାଇଟ୍‌ରୁ ସେମାନଙ୍କର ଡିଜିଟାଇଜ୍‌ଡ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିପାରିବେ। ଆଜି (୧୫/୧୧/୨୦୨୫) ଅପରାହ୍ନ ୪ଟାରୁ ୧୫/୦୧/୨୦୨୬ ମଧରାତ୍ର ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଆବଶ୍ୟକ ଫି' ଦେଇ ବୋର୍ଡ ୱେବ୍‌ସାଇଟ୍‌ରୁ ଜିଟାଇଜ୍‌ଡ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିପାରିବେ।

## ରାଜନୀତି ଛାଡ଼ିଲେ...

ବାପା ଲାଲୁଙ୍କୁ କିଡ୍‌ନୀ ଦାନ କରିବା ନେଇ ବିଭିନ୍ନ ପ୍ରକାରର ଅଭିଯୋଗ ଓ ସନ୍ଦେହ ସୃଷ୍ଟି ହେବାରୁ ରୋହିଣୀ ନିଜର ନିନ୍ଦୁକମାନଙ୍କୁ ଅଭିଯୋଗକୁ ପ୍ରମାଣ କରିବାକୁ ଚ୍ୟାଲେଞ୍ଜ ଦେଇଥିଲେ। ଅଭିଯୋଗ ପ୍ରମାଣ ହୋଇଗଲେ ସେ ରାଜନୀତି ଛାଡ଼ି ଦେବେ ବୋଲି ମଧ କହିଥିଲେ। ସେହିପରି ଜଣେ ଯୁବତୀଙ୍କ ସହ ତେଜ ପ୍ରତାପଙ୍କ ଫଟୋ ଭାଇରାଲ ହେବା ପରେ ଲାଲୁ ତାଙ୍କୁ ଦଳରୁ ବହିଷ୍କାର କରିବା ଓ ତାଙ୍କ ସହ ସବୁ ସମ୍ପର୍କଛିନ୍ନ କରିବା ମଧ ରୋହିଣୀଙ୍କ ଅସନ୍ତୋଷର ଅନ୍ୟତମ କାରଣ ।

# ରେମୁଣା ଡିଗ୍ରୀ ମହାବିଦ୍ୟାଳୟରେ ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ନିଶା ବିରୋଧୀ ସଚେତନତା ଶିବିର



ବାଲେଶ୍ୱର, ୧୫/୧୧ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ 'ମନା', ବାଲେଶ୍ୱର ଓ ରେମୁଣା ଡିଗ୍ରୀ ମହାବିଦ୍ୟାଳୟର ମିଳିତ ସହଯୋଗରେ ନିଶାବିରୋଧୀ ସଚେତନତା ଶିବିର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହିତ ରାଜ୍ୟରେ ନିଶା ପ୍ରାଦୁର୍ଭାବ ବଢ଼ି ଚାଲିଥିବାବେଳେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉପଦେଷ୍ଟା ସୁବ୍ରତ କର ନିଜ ବକ୍ତବ୍ୟରେ କହିଲେ ଯେ ସମାଜକୁ ନିଶାମୁକ୍ତ କରିବାକୁ ହେଲେ ସରକାର ନିଶା ନିବାରଣ ଆଇନ୍ କାର୍ଯ୍ୟକାରୀ କରିବା ଉଚିତ୍ ଏବଂ ଯୁବପିଢ଼ି ମଧ ନିଶାର କୁପରିଣାମ ବିଷୟରେ ସଚେତନ ହେବା ଉଚିତ୍। 'ମନା'ର ଉପ-ସଭାପତି ତଥା ଜିଲ୍ଲା ସଚେତନତା କାର୍ଯ୍ୟକ୍ରମର ସଂଯୋଜକ ଡ. କ୍ଷିତୀଶ୍ୱର ଦାଶ ଶିବିର ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ମାଳତୀ ସାମଲ ସ୍ୱାଗତ ଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ନିଶା ସେବନର ଅପକାରିତା ବିଷୟରେ ବୁଝାଇବା ସହିତ ସଚେତନତା ସୃଷ୍ଟି କରିବା ଦିଗରେ 'ମନା'ର ଏହି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। 'ମନା'ର ସମ୍ପାଦିକା ସୁଶ୍ରୀ ଗୀତାଞ୍ଜଳି ସିଂହ ଯୁବପିଢ଼ି ଦେଶର ଭବିଷ୍ୟତ, ତେଣୁ ସେମାନେ ନିଶାସେବନରୁ ନିବୃତ୍ତ ରହିଲେ ଏକ ସୁସ୍ଥ ସୁନ୍ଦର ସମାଜ ଗଠନରେ ବ୍ରତୀ ହୋଇପାରିବେ ବୋଲି ମତବ୍ୟକ୍ତ କରିତ୍ଲେ। ଅନ୍ୟତମ ଉପ-ସଭାପତି ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ସଭ୍ୟ ପ୍ରଭାକର ସାହୁ (ଖ), ସଙ୍ଗୀତା ମହାନ୍ତି, ମିନତୀ ଦାସ, ସନାତନ ଦାସ ପ୍ରମୁଖ ନିଶା ସେବନର କୁପ୍ରଭାବ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନିଶାବିରୋଧୀ ବକ୍ତୃତା ଦେଇଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ଆଦିତ୍ୟ ନାରାୟଣ ଭୁକ୍ତ ଓ ମୋନାଲିସା ମଲ୍ଲିକଙ୍କୁ ସଂଗଠନ ତରଫରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅଧାପିକା ରିନୁ ଲିପ୍‌ସା ପଣ୍ଡା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଏନ୍.ଏସ୍.ଏସ୍. ଅଫିସର୍ ଅଧାପିକା ରଶ୍ମିତା ଭୂୟାଁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବିର୍ସାମୁଣ୍ଡା ଜୟନ୍ତୀ ତଥା ଜନଜାତି ଗୌରବ ଦିବସ ପାଳିତ



ଜଳେଶ୍ୱର, ୧୫/୧୧ (ନି.ପ୍ର): ଆଦିବାସୀ ସମ୍ପ୍ରଦାୟର ଭଗବାନ ବୋଲାଉଥିବା ବିର୍ଷା ମୁଣ୍ଡାଙ୍କ ଜନ୍ମଜୟନ୍ତୀ ଯାହା ସାରା ଦେଶରେ ଜନଜାତି ଗୌରବ ଦିବସ ରୂପେ ପାଳିତ ହୋଇଅଛି।ଆଜି ଯୁବନେତା ବିପ୍ଳବ ପ୍ରଧାନଙ୍କ ଉଦ୍ୟମରେ ଆଦିବାସୀ ବହୁଳ ଖୁଦିଆ ମାଝିସାହି ପଞ୍ଚାୟତ ଅଧୀନସ୍ଥ ଅଡ଼ିଆସାହି ଛକ ନିକଟରେ ସହିଦ ସ୍ୱାଧୀନତା ସଂଗ୍ରାମୀ ବିର୍ଷା ମୁଣ୍ଡାଙ୍କର ଜନ୍ମଜୟନ୍ତୀ ଧୂମଧାମରେ ପାଳିତ ହୋଇଯାଇଛି। ଏହି ପବିତ୍ର ଦିନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଜନଜାତି ଦିବସ ରୂପେ ପାଳନ କରୁଅଛି।ବିର୍ଷା ମୁଣ୍ଡା ସମଗ୍ର ଭାରତ ବାସୀଙ୍କ ପାଇଁ ପ୍ରେରଣାର ଉତ୍ସ।ତାଙ୍କ ଡାକରାରେ ହଜାର ହଜାର ଆଦିବାସୀ ଇଂରେଜ ସରକାର ବିରୋଧରେ ପାରମ୍ପରିକ ଅସ୍ତ୍ର ଧରି ଲଢ଼ିବାକୁ ବାହାରି ଆସିଥିଲେ। ବରିଷ୍ଠ ଶିକ୍ଷକ ଚନ୍ଦନ ଶାସମଲ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ବିର୍ଷା ମୁଣ୍ଡାଙ୍କ ଇତିହାସ ବିଷୟରେ ପ୍ରେରଣାଦାୟୀ ଭାଷଣ ପ୍ରଦାନ କରିଥିଲେ।ସୁଶାନ୍ତ ଘୋଷ,ତରୁଣ ସାହୁ,ଗଣେଶ ସିଂ,ଲକ୍ଷ୍ମଣ ସିଂ,ସନାତନ ସିଂ,ରାମ ସିଂ,ସୁଶାନ୍ତ ସିଂ,ମୋହନ ସିଂ,ଚନ୍ଦନ ସିଂ ପ୍ରମୁଖ ଶତାଧିକ ଲୋକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ଅନଲାଇନ ଆବେଦନକୁ ଭିନ୍ନକ୍ଷମ ମଂଚର ବିରୋଧ

ଉଦଳା, ୧୫/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହେଉଛି । ଏଥିପାଇଁ ଅନଲାଇନ ଆବେଦନକୁ ବାଧ୍ୟତା ମୂଳକ କରାଯାଇଛି । ଏହାକୁ ଭିନ୍ନକ୍ଷମ ମଂଚ ତରଫରୁ ବିରୋଧ କରାଯାଇଛି । ବହୁ ଭିନ୍ନକ୍ଷମ ଅନଲାଇନ ଆବେଦନ କିପରି କରାଯାଏ ଜାଣିନଥିବାରୁ ସେମାନଙ୍କ ପାଇଁ ଅଫଲାଇନ ବ୍ୟବସ୍ଥା କରାଯାଉ ବୋଲି ମଂଚ ତରଫରୁ ଦାବି କରାଯାଇଛି । କପ୍ତିପଦା ଭିନ୍ନକ୍ଷମ ମଂଚର ସଭାପତି ମନୋରଂଜନ ଜେନା ଏ ବାବଦରେ କହିଛନ୍ତି – ବହୁ ଭିନ୍ନକ୍ଷମ ଅନଲାଇନ ବ୍ୟବସ୍ଥା ଦ୍ୱାରା ସରକାରୀ ସୁବିଧା ସୁଯୋଗରୁ ବଂଚିତ ହେବେ । ତାଛଡ଼ା କିଛି ଭିନ୍ନକ୍ଷମଙ୍କର ଆଖି ଓ ଆଙ୍ଗୁଳି ଟିପ ଚିହ୍ନର ଫୋଟ ନିଆଯାଇପାରୁ ନଥିବା ଯୋଗୁଁ ସେମାନଙ୍କର ଆଧାରକାର୍ଡ଼ ହୋଇପାରୁ ନାହିଁ । ଏହି ଭିନ୍ନକ୍ଷମ ଭାଇ ଭଉଣୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେମାନଙ୍କ କଥା ମଧ ବିଚାରକୁ ନିଆଯାଉ ବୋଲି ମନୋରଂଜନ ଅନୁରୋଧ ଜଣାଇଛନ୍ତି।

# ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଏଥେଲେଟିକ୍ସ, ସଫ୍ଟବଲ ଓ ବେସବଲ ପ୍ରତିଯୋଗିତା ୨୦୨୫- ୨୬ ଉଦଯାପିତ



ବାଲେଶ୍ୱର, ୧୫/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆୟୋଜନରେ ହେଉଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଏଥେଲେଟିକ୍ସ, ସଫ୍ଟବଲ ଓ ବେସବଲ ପ୍ରତିଯୋଗିତାର ଉଦଯାପନ ଉତ୍ସବ ଆଜି ସ୍ଥାନୀୟ ପରମିଟ୍ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୧ ତାରିଖରୁ ଆରମ୍ଭ ହୋଇ ୫ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୧୧୨୯ ଜଣ ପ୍ରତିଯୋଗୀ, ୧୪୦ ଜଣ ମେନେଜର, ୨୮୩ ଜଣ ଅଫିସିଆଲ୍ ଓ ୬୦ ଜଣ ପରିଚାଳନା ସହଯୋଗୀ, ସମୁଦାୟ ୧୬୧୨ ଜଣ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି। ପ୍ରତିଯୋଗିତାର ଫଳ: ସଫ୍ଟବଲ ୧୭ ବର୍ଷରୁ କମ୍ ବାଳକ ଚମ୍ପିୟାନ - ଭୁବନେଶ୍ୱର ,ରନର୍ସଅପ୍- ରାୟଗଡ଼ା । ସଫ୍ଟବଲ ୧୭ବର୍ଷରୁ କମ୍ ବାଳିକା ଚମ୍ପିୟାନ- ଭୁବନେଶ୍ୱର , ରନର୍ସଅପ୍- ରାୟଗଡ଼ା। ବେସବଲ ୧୭ବର୍ଷରୁ କମ୍ ବାଳକ ଚମ୍ପିୟାନ- ଭୁବନେଶ୍ୱର , ରନର୍ସଅପ୍- କେନ୍ଦ୍ରାପଡ଼ା। ବେସବଲ ୧୭ ବର୍ଷରୁ କମ୍ ବାଳିକା ଚମ୍ପିୟାନ - ଭୁବନେଶ୍ୱର , ରନର୍ସଅପ୍ - ରାୟଗଡ଼ା। ଏଥେଲେଟିକ ଏକକ ଚମ୍ପିୟାନ-୧୭ବର୍ଷରୁକମ୍ ବାଳକ - ନବରଙ୍ଗପୁର , ବାଳିକା - ଭୁବନେଶ୍ୱର । ୧୪ ବର୍ଷରୁ କମ୍ ବାଳକ - ନବରଙ୍ଗପୁର , ବାଳିକା - ଭୁବନେଶ୍ୱର। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥଲେ। ରାଜ୍ୟ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା କ୍ରୀଡ଼ା ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବରେ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ବାଲେଶ୍ୱର କ୍ରୀଡ଼ା ସଙ୍ଗଠନର ସହ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଦାସ, ସଦର ବି ଇ ଓ ଯଜ୍ଞେଶ୍ୱର ଜେନା, ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଅଧିକାରୀ ନିରଞ୍ଜନ ଶତପଥୀ ସଭା କାର୍ଯ୍ୟକୁ ସଂଯୋଜନା କରିଥଲେ। ବାଲେଶ୍ୱର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡ଼ାଇ ଧନ୍ୟବାଦ ଦେଇଥିଲେ। କନଭେଣ୍ଟ ସ୍କୁଲର ଛାତ୍ର ଛାତ୍ରୀ ଉଦଯାପନୀ ସଙ୍ଗୀତ ଗାନ କରିଥଲେ। ଶେଷରେ ମୁଖ୍ୟଅତିଥି କ୍ରୀଡ଼ା ପତାକା ଅବତଳନ କରି କ୍ରୀଡ଼ା ପରିସମାପ୍ତିର ଘୋଷଣା କରିଥଲେ।

# ମହିଳାମାନଙ୍କ ସୁରକ୍ଷା ନେଇ ଆଇନ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର , ୧୫/୧୧ (ନି.ପ୍ର): ସମାଜରେ ଯୌତୁକ ନିର୍ଯାତନାରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଥିବା ଆଇନ୍ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ଅଭିଯୋଗ ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରୀମାନଙ୍କ ସୁରକ୍ଷା ଓ ନିରାପଦ ଜୀବନଯାପନ ପାଇଁ ସରକାର ନେଉଥିବା ପଦକ୍ଷେପ ବିଷୟରେ ତାଲିମ୍ ଦିଆଯାଇଛି । ତାଲିମ୍ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀସୁଧାକର ନାଏକଙ୍କ ଅଧକ୍ଷତା କରି ନାରୀ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ମଧ୍ୟରେ 'ଯୌତୁକ ନିଷେଧ ଅଧିନିୟମ- ୧୯୬୧' ସମ୍ପର୍କରେ ଆଲୋକପାତ କରିଥିଲେ । ଉପ-ଆରକ୍ଷୀ ଅଧିକ୍ଷକ ଅନିତା ମଙ୍ଗରାଜ ସଂଶୋଧନ ବିଶେଷଜ୍ଞ ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ **DLSA** ର କର୍ମକର୍ତ୍ତା, ଆଇ.ସି.ଡିଏସ୍ ଅଧିକାରୀ ସ୍ୱପ୍ନା ପ୍ରହରାଜ,ସମସ୍ତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ, ପଞ୍ଚାୟତ ଏକ୍ଜିକ୍ୟୁଟିଭ ଅଫିସର, ସଖୀ ଓ.ଷ.ଉ. କର୍ମଚାରୀ , ଶକ୍ତି ସଦନ କର୍ମଚାରୀ,**DHEW** ର ସମସ୍ତ କର୍ମଚାରୀ ଓ ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।ସର୍ବଶେଷରେ ,ପ୍ରୋଟେକ୍ସନ ଅଧିକାରୀ ଯୁଥିକା ରାଣୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଲକାତାର ବଡ ବଜାରରେ ଭୟଙ୍କର ଅଗ୍ନିକାଣ୍ଡ : ଅନେକ ଦୋକାନ ଜଳିଗଲା

କୋଲକାତା, ୧୫/୧୧ ଶନିବାର ସକାଳେ କୋଲକାତାର ବଡ ବଜାରରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏଜ୍ରା ଷ୍ଟ୍ରିଟରେ ଥିବା ଏକ ବୈଦ୍ୟୁତିକ ସାମଗ୍ରୀ ଦୋକାନରେ ଲାଗିଥିବା ଅଗ୍ନିକାଣ୍ଡ ସମଗ୍ର ଅଂଚଳରେ ବ୍ୟାପକ ରୂପ ନେଇଥିଲା । ନିଆଁ ଏତେ ଭୀଷଣ ଥିଲା ଯେ ଏହା ଶୀଘ୍ର ନିକଟସ୍ଥ କୋଠା, ଅନ୍ୟାନ୍ୟ ଦୋକାନ ଏବଂ ଗୋଦାମକୁ ବ୍ୟାପି ଯାଇଥିଲା। ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ଶନିବାର ସକାଳ ପ୍ରାୟ ୫ଟାରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଥିଲା। ପ୍ରାରମ୍ଭରେ ନିଆଁ ଲିଭାଇବା ପାଇଁ ୬ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଂଚିଥିଲା, କିନ୍ତୁ ନିଆଁର ଭୟାବହତା ଯୋଗୁଁ ପରେ ଏହି ସଂଖ୍ୟା ୨୧କୁ ବୃଦ୍ଧି କରାଯାଇଥିଲା।

**AFFIDAVIT**

By virtue of an affidavit sworn before executive magistrate, Basudevpur date -15/11/2025 I Gayatri Rout aged about 39 years W/o Chandrakanta Rout D/o- Pitambar Mohanty, residing Vill/Po- Basudevpur, Ward No- 11, P.s.- Basudevpur, Dist- Bhadrak declare that My name is Gayatri Rout, as per my Aadhaar Card no- 451050368448, and PNB A/C No- 14992121040948, but my name has been mentioned as Damayanti Mohanty, in my L.I.C Policy no- 587370615 and school T.C. No- 388054 dt.- 13.08.2008. That both the names Gayatri Rout and Damayanti Mohanty W/o Chandrakanta Rout D/o- Pitambar Mohanty is same and one person.

**Gayatri Rout**

**AFFIDAVIT**

By virtue of an affidavit sworn before executive magistrate, Nilgiri date -03/10/2025 I Pallabi Mishra, aged 27 years D/o- Satyanarayan Mishra of vill.- Ajodhya, P.o- Bhaunriabad, P.s- Nilgiri, Dist-balasore declare that my actual name is Pallabi Mishra & accordingly my Aadhaar Card & bank pass book have been prepared, but my LIC policy vide policy No- 584745448 has been inadvertently prepared in my nick name Sera Mishra. That both the names Sera Mishra & Pallabi Mishra is same & one person.

**Pallabi Mishra**

ରବିବାର, ନଭେମ୍ବର ୧୬, ୨୦୨୫

ଧ୍ୱନି ପ୍ରତିଧ୍ୱନି

# ଶିଶୁ ଦିବସ ଓ ସାଇବର ନିରାପତ୍ତା ଅଭିଯାନ

ବାସୁଦେବପୁର, ୧୫/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଞ୍ଚାୟତର ବିଷ୍ଣୁବିନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳନ ହେବା ସହିତ ସାଇବର ନିରାପତ୍ତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ଲତା ବାରିକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ଥାନାର ସବ ଇନ୍ସପେକ୍ଟର ପୁନମ ଦେବୀ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭାଶିଷ ଘୋଷ, ସି ଆର ସି ସି ପ୍ରଶାନ୍ତ କୁମାର ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମନୋରଞ୍ଜନ ପାତ୍ରୀ । ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ରାଉଳ ମଞ୍ଚ ସଂଯୋଜନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବୀରେନ୍ଦ୍ର କୁମାର ବଳ, ପଦ୍ମିନୀ ପାଣିଗ୍ରାହୀ, ସାବିତ୍ରୀ ବାରିକ୍, ଦେବେନ୍ଦ୍ର ବାରିକ୍, ପ୍ରଭାତୀ ବିଶ୍ୱାଳ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା।



# ଜନଜାତୀୟ ଗୌରବ ଦିବସ ୨୦୨୫-ଜିଲ୍ଲାବ୍ୟାପି ଉତ୍ସାହରେ ପାଳିତ

ଭଦ୍ରକ, ୧୫/୧୧ (ନି.ପ୍ର): ଆମ ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ, ସମସ୍ତ ଜନଜାତି ଓ ସବୁ ଭାରତୀୟଙ୍କ ଗର୍ବ ଗୌରବ ଓ ଆଦର୍ଶ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକ ପୂର୍ତ୍ତି ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିନଟି ଆଦିବାସୀ ନେତାମାନଙ୍କ ତ୍ୟାଗ, ସାହସ ଓ ସାମ୍ବିଧାନିକ ଅଧିକାରୀ ପାଇଁ କରାଯାଇଥିବା ସଂଘର୍ଷକୁ ସ୍ମରଣ କରିବା ସହ ତାଙ୍କର ସାଂସ୍କୃତିକ ଐତିହକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପାଳନ କରାଯାଏ । ବିଭିନ୍ନ ବ୍ଲକରୁ ଶତାଧିକ ଆଦିବାସୀ ସଂପ୍ରଦାୟର ଲୋକ ପହଞ୍ଚି ଜନଜାତୀୟ ଗୌରବ ଦିବସ କୁ ଅତି ଧୁମଧାମ୍ ରେ ମନେଇଛନ୍ତି । ବିଭିନ୍ନ ଆଶ୍ରମ ସ୍କୁଲରୁ ଆସିଥିବା କୁନି କୁନି ଛାତ୍ର ଛାତ୍ରୀମାନେ ସେମାନଙ୍କର ଉତ୍କୃଷ୍ଟ ନୃତ୍ୟ ପ୍ରଦର୍ଶନକରି ସମସ୍ତଙ୍କୁ ବିମୋହିତ କରିଥିଲେ । ଗାୟିକା ଶୁଭ୍ରସ୍ମିତା ରାଉତ, ସ୍ମୃତିଶ୍ରୀୟା ମହାନ୍ତି ଏହି ଅବସରରେ ଦେଶାତ୍ମବୋଧକ ଓ ଲୋକ ସଂଗୀତ ଗାନ କରି ଆଧାତ୍ମିକ ଓ ରାଷ୍ଟ୍ରଭକ୍ତି ପରିବେଶ ସୃଷ୍ଟି କରିଥିଲେ । ଅନୁଷ୍ଠିତ ହୋଇଥିବା ସଭାରେ ଭଦ୍ରକ ବିଧାୟକ ସୀତାଂଶୁ ସେଖର ମହାପାତ୍ର, ଭଦ୍ରକ, ଜିଲ୍ଲାପାଳ ଦିଲିପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ପଞ୍ଚାୟତ ସମିତି ଅଧକ୍ଷା ଉର୍ମିଳା ନାୟକ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭଦ୍ରକ ରଶ୍ମିରଞ୍ଜନ ମଲ୍ଲିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଣୀ ଉର୍ମିଳା ଗୋଛାୟତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ବିଭିନ୍ନ ପ୍ରତିଯୋଗୀତାମୂଳକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଜଙ୍ଗଲ ସୁରକ୍ଷା ଆଇନ ଅନୁସାରେ ଭଣ୍ଡାରିପୋଖରୀ ବ୍ଲକ ଅଧିନ ରହଣିଆ, କୁରିଗାଁ, ରାଜେନ୍ଦ୍ରପୁର ଓ ବିଷ୍ଣୁପୁର ଗ୍ରାମ ପଞ୍ଚାୟତ ରେ ମୋଟ ୧୨ ଜଣଙ୍କୁ ଗୋଷ୍ଠୀ ସମ୍ବଳ ପଟ୍ଟା (ଶିରୋନାମା) ଭଦ୍ରକ ବିଧାୟକଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ପରେ ପରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଆଭାସୀ ମାଧମରେ ସିଧା ପ୍ରସାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାଦମ୍ବରୀ କରସର୍ମା ମଞ୍ଚ ପରିଚାଳନା କରିବା ସହିତ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ଶ୍ୟାମସୁନ୍ଦର ଜେନା, ଆଇଜାକ ମହାନ୍ତି, ଏ.ସି.ପି ସୌମ୍ୟରଞ୍ଜନ ଜେନା, ରଶ୍ମିରେଖା ଦାସ, ହିମାଂସୁ ସାମଲ, ଅୟସକାନ୍ତ ମାଝୀ, କ୍ଷିରୋଦ ବଳ, ଜୟପ୍ରକାଶ ଦାସ, ରଶ୍ମିରାଣୀ ଦାସ ଏବଂ ନିର୍ମଳ ସାହୁ ପ୍ରମୁଖ ସହଯୋଗ କରିଥିଲେ । ସର୍ବ ଶେଷରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ସମସ୍ତ ଅତିଥି, ବିଭାଗୀୟ ଅଧିକାରୀ, ହିତାଧିକାରୀ ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଶ୍ରୀଦାମଚନ୍ଦ୍ରପୁରରେ ଜନଜାତି ଗୌରବ ଦିବସ ପାଳିତ

ଉଦଳା, ୧୫/୧୧ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁର ଗ୍ରାମଠାରେ ଭଗବାନ ବିର୍ଷାମୁଣ୍ଡାଙ୍କର ୧୫୧ତମ ଜୟନ୍ତି (ଜନଜାତି ଗୌରବ ଦିବସ) ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଲୋକ ସଂଗଠନ ଜନଜାଗୃତି ମଂଚର କର୍ମି ମାନେ ଏଠାରେ ଏହି ଜିଲ୍ଲାସ୍ତରୀୟ ଦିବସ ପାଳନର ନେତୃତ୍ୱ ନେଇଥିଲେ । ଗ୍ରାମରେ ଥିବା ମା'ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠି ଝୁମର ଦଳର ମହିଳା ମାନେ ମଧ ଏଥିରେ ଅଂଶ ଗ୍ରହଣ କରି ସ୍ୱାଧିନତା ଆନ୍ଦୋଳନରେ ବିର୍ଷାମୁଣ୍ଡାଙ୍କର ଅବଦାନକୁ ମନେ ପକାଇଥିଲେ । ପ୍ରଭାତରେ ସମସ୍ତେ ମିଳିମିଶି ଶ୍ରୀଦାମଚନ୍ଦ୍ରପୁର ଛକ ଠାରେ ପ୍ରତିଷ୍ଠା କରାଯାଇଥିବା ବିର୍ଷା ମୁଣ୍ଡାଙ୍କ ପ୍ରତିମୂର୍ତିରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ । ଏହାପରେ ମଂଚର ସଦସ୍ୟ ରାମଚନ୍ଦ୍ର ସିଂଙ୍କ ଅଧକ୍ଷତରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମଂଚର ଟିମ ଲିଡ଼ର ଗଦାଧର ଦାଶ, ସୁବ୍ରତ ମହାନ୍ତି, ରୁପାଏ ବାସ୍କେ, ଗୌତମ ମହାପାତ୍ର, ସସ୍ମିତା ମଢ଼େଇ, ମଂଜୁଲତା ବାରିକ, ମୋନାଲି ମୁର୍ମୁ, ଉପେନ୍ଦ୍ର ମହାନ୍ତ, ବ୍ରଜମୋହନ ମହାନ୍ତ, ଜଙ୍ଗଲ ବିଭାଗର ଅଧିକାରୀ ବିଦ୍ୟାଧର ପୁଷ୍ଟି ଓ ରଂଜୁଲତା ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ଦେଶକୁ ସ୍ୱାଧିନ କରିବା ପାଇଁ ବିର୍ଷା ମୁଣ୍ଡା ଚଳାଇଥିବା ଆନ୍ଦୋଳନର ରୂପରେଖ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ସୀମା ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାରୁକର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଆଜିଠାରୁ ଆରମ୍ଭ ହେଉଥିବା 'ପରମ୍ପରା ବିକାଶ ଯାତ୍ରା' ସମ୍ପର୍କରେ କାପାଲ, ଅଭିଲିପ୍ସା, ଆରତୀ, ଭାରତୀ ଓ ନିରୁପମା ସମସ୍ତଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ରବିନ୍ଦ୍ର, ରାମାୟ, କୌଳାସ, ସୁଦର୍ଶନ, ଅବନ୍ତି ଓ ହରିପ୍ରିୟା ପ୍ରମୁଖ ସହଯୋଗ କରିଥିଲେ ।

# ଏବେ ବି ବଞ୍ଚି ରହିଛି ଅନ୍ଧ ବିଶ୍ୱାସ ଏବଂ ଜାତି ପ୍ରଥା ଭେଦଭାବ

ବାଲିଆପାଳ, ୧୫/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଧାନସିମୁଳିଆ ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା ଏବେ ବି ବଞ୍ଚି ରହିଛି ଅନ୍ଧ ବିଶ୍ୱାସ ଏବଂ ଜାତି ପ୍ରଥା ଭେଦଭାବ, ଯାହାର କରୁଣ ପରିଣତି ଆଜିର ସମାଜ ରେ ପ୍ରତିଫଳିତ ହେଉଛି, ଅନ୍ଧ ବିଶ୍ୱାସ ର ବଶବର୍ତ୍ତୀ ହେବା ସହ ଛୁଂଆ ଅଛୁଆଂ ଭେଦଭାବ କାରଣରୁ ୨୨ ଘଣ୍ଟା ଧରି ଘରେ ପଡ଼ି ରହିଛି ସ୍ୱାମୀ ର ଶବ, ଗୋଟିଏ ପଟେ ଗ୍ରାମବାସୀ ଜାତିପ୍ରଥା ଭେଦଭାବ ଯୋଗୁଂ ଶବ ସତ୍କାର କରିବାକୁ ଆସୁ ନଥିବା ବେଳେ ଅନ୍ୟପଟେ ଏକମାତ୍ର ପୁଅ ବାପା ଙ୍କ ମୃତ୍ୟୁ ପରେ ଶବ ସତ୍କାର କରିବାକୁ ଆସିଲାନି, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଧାନସିମୁଳିଆ ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା, ଏହି ଗ୍ରାମର ବିଶ୍ୱନାଥ ଦେହୁରୀ ଙ୍କ ମୃତ୍ୟୁ ପରେ ଜାତି ଭେଦ ପାଇଁ ଶବକୁ କେହି କାନ୍ଧ ଦେବାକୁ ଆସୁ ନଥିବାରୁ ଦୁଇ ଦିନ ହେଲା ସ୍ୱମୀ ର ଶବକୁ ଜଗିଛି ସ୍ତ୍ରୀ, ସୂଚନା ଅନୁଯାୟୀ ଗ୍ରାମର ବିଶ୍ୱନାଥ ଦେହୁରୀ ବିଲରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡି ଯିବା ପରେ ଗତକାଲି ଅପରାହ୍ନ ସମୟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା, ବାପା ଙ୍କ ମୃତ୍ୟୁ ପରେ ଏକମାତ୍ର ପୁଅ ଶବ ସତ୍କାର କରିବା ପରିବର୍ତ୍ତେ ଘର ଛାଡି ପଳାଇ ଯାଇଛି, ବିଶ୍ୱନାଥ ମୃତ୍ୟୁକୁ ଆଜି ଦୁଇ ଦିନ ହୋଇଥିଲେ ମଧ ଅନ୍ତିମ ସଂସ୍କାର ପରିବର୍ତ୍ତେ ପିଣ୍ଡାରେ ଶବ ପଡି ରହି ଥିଲା, ଶବକୁ ଦୀର୍ଘ ୨୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଜଗି ବସିଥିଲେ ସ୍ତ୍ରୀ, ଗୋଟିଏ ପଟେ ପୁଅ ଶବ ଛାଡି ପଳାଇବା ଅନ୍ୟପଟେ ଗାଁ ଲୋକ ଙ୍କ ଜାତିଆଣ ଭେଦଭାବ ପାଇଁ ଶବ ସତ୍କାର ହୋଇ ପାରୁ ନଥିଲା, ଖବର ପାଇ ଜଳେଶ୍ୱର ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନ ର କର୍ମକର୍ତ୍ତା ମାନେ ପହଞ୍ଚି ଶବ ସତ୍କାର କରିଛନ୍ତି ।

# ବଟେଶ୍ୱର ୟୁଥ୍ କ୍ଲବ ଓ ଆମ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର

ବସ୍ତା, ୧୫/୧୧ (ନି.ପ୍ର): ବାଲିଆପାଳ ବ୍ଲକ୍ ବଡ଼ାଶ ଗ୍ରାମର ଶିବ ମନ୍ଦିର ପଡ଼ିଆରେ 'ବଟେଶ୍ୱର ୟୁଥ୍ କ୍ଲବ' ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ଜିଲ୍ଲା ରକ୍ତଦାତା ସଂଘର ଉପ ସଭାପତି ତଥା ପରିବେଶବିତ୍ ସୁମନ୍ତ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ସୁଶାନ୍ତ ପ୍ରଧାନ ଓ ଚାନସ୍ୱେଲର ରାଉତ, ସମାଜସେବୀ ପ୍ରିୟନାଥ ସି, ଜୟନ୍ତ କୁମାର ଜେନା, ପ୍ରଫୁଲ୍ଲ ସି ଏବଂ ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ଦେବାଶିଷ ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କ୍ଲବ୍ ସଭାପତି ଅଭିଜିତ ଦାସ, ସଂପାଦକ ଦୀପକ ଗିରି, ସହ ସଂପାଦକ ଚନ୍ଦନ କୁମାର ଗିରି ଓ ଗୌରୀଶଙ୍କର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୫୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।



# ବିର୍ସା ମୁଣ୍ଡାଙ୍କ ୧୫୦-ତମ ଜୟନ୍ତୀ ପାଳିତ

ବାରିପଦା, ୧୫/୧୧ (ନି.ପ୍ର): ମହାନ ଆଦିବାସୀ ସ୍ୱଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ପବିତ୍ର ଏକ ଶହ ପଚାଶ-ତମ ପବିତ୍ର ଜନ୍ମ ବାର୍ଷିକୀ ଏଠାରେ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଏହି ଉପଲକ୍ଷେ ନିକଟସ୍ଥ ପୋଡ଼ା ଅସ୍ତିଆ ଛକ ଠାରେ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସେହି ଅମର ବୀରଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦା, ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ରାଜ୍ୟ ମନ୍ତ୍ରୀ ସୁଦାମ ମାରଣ୍ଡି, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ବରିଷ୍ଠ ନେତା ଫାଗୁ ହାଁସଦା, ଫକୀର ସିଂ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାଏକ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଓ ଜନ ସାଧାରଣ ଉପସ୍ଥିତ ଥିଲେ। ବିର୍ସା ମୁଣ୍ଡାଙ୍କ ସଂଘର୍ଷର କାହାଣୀ ଉପରେ ଏ ଅବସରରେ ବକ୍ତାମାନେ ଆଲୋକପାତ କରିଥିଲେ।



# କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ ବାଲିଆପାଳ ବ୍ଲକ ସମ୍ମୁଖରେ ଧାରଣା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ବାଲିଆପାଳ, ୧୫/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବୀରେ କ୍ରିୟାନୁଷ୍ଠାନ କମିଟି ବାଲିଆପାଳ ଶାଖା ପକ୍ଷରୁ ବାଲିଆପାଳ ବ୍ଲକ ସମ୍ମୁଖରେ ଶନିବାର ଧାରଣା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି। କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ବାଲିଆପାଳ ଶାଖା ଆବାହକ ସମାଜସେବୀ ଅଜୟ କୁମାର ସାହୁଙ୍କ ପରିଚାଳନା ଓ କମିଟିର ସଭାପତି ଝାଡେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ସଭାପତି ଡ଼ଃ କେଶବ ଚରଣ ପଣ୍ଡା ଯୋଗଦେଇ ବାଲେଶ୍ୱର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ଯେଉଁଠି ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ବାଲେଶ୍ୱରରେ ସରକାରୀ କୃଷି ମହାବିଦ୍ୟାଳୟ ପାଇଁ ସମସ୍ତ ଭିତ୍ତି ଭୂମି ଥିବା ବେଳେ ସରକାର କାହିଁକି କୃଷି ମହାବିଦ୍ୟାଳୟ କରିବେ ନାହିଁ ବୋଲି ଯୁକ୍ତି ବାଢିଥିଲେ। ଯେ ପର୍ଯ୍ୟନ୍ତ ସରକାର ବାଲେଶ୍ୱର ଜିଲ୍ଲା ରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଘୋଷଣା କରି ନାହାଁନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଶ୍ରୀ ପଣ୍ଡା କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ହରନାରାୟଣ ମଢୁଆଳ, କ୍ଷୀତିଶ୍ୱର ଦାସ, ବାର୍ତ୍ତା ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଜିଲ୍ଲା କମିଟି ସଦସ୍ୟ ତଥା ଅବସର ପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ଡ଼ଃ ବିଜୟ ମିଶ୍ର, ଜଳେଶ୍ୱର ଶାଖା ସଭାପତି ଦିଲ୍ଲୀପ ଗିରି, ଜିଲ୍ଲା କୋଷାଧକ୍ଷ ସମରେଶ ଦିନ୍ଦା, ଭାସ୍କର ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଧାରଣାକୁ ସମର୍ଥନ ଜଣାଇ ପଞ୍ଚାୟତ ସମିତି ଉପାଧକ୍ଷ ରାଜେଶ ଚୌଧୁରୀ, ବାଲିଆପାଳ ସୂଚନା ଅଧିକାର ଅଭିଯାନର ସଭାପତି ଅନୁଜ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ପାଞ୍ଜା, ସାମ୍ବାଦିକ ବିରମାଧବ ଦାସ, କାଳୀପଦା ଗଣଚେତନା ମଞ୍ଚର ସଭାପତି କୁଶଧ୍ୱଜ ଜେନା, ରାମକୃଷ୍ଣ ଦାସ ଅଧିକାରୀ, କବି ଶଚିନ୍ଦ୍ର ନନ୍ଦୀ, ବାଲିଆପାଳ ଲାୟନ୍ସ କ୍ଲବର ତରୁଣ କୁମାର ମହାପାତ୍ର, ନବୀନ ପାତ୍ର, ଭୁବନ ମୋହନ ପିଳା, ଗୋପାଳ ଚନ୍ଦ୍ର ଜେନା, ଡ଼ଃ ଗୟାରମ ଗଙ୍ଗାଇ, ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ, ଚାଷୀ ନେତା ମନ୍ମଥ ପାତ୍ର, ଗୌରହରି ଜେନା, ଅଦ୍ୱୈତ୍ୟ ବାଗ, ସତ୍ୟରଞ୍ଜନ ମଣ୍ଡଳ, ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଘାଜତିନ ସ୍ମୃତି ପରିଷଦର କ୍ଷିତିଶ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଥିଲା।




# ପରମ୍ପରା ବିକାଶ ଯାତ୍ରା ପାଇଁ ଉଦଳାରେ ପ୍ରେସମିଟ

ଉଦଳା, ୧୫/୧୧ (ନି.ପ୍ର): ଆଦିବାସି ମାନଙ୍କର ଭାଷା, ସଂସ୍କୃତି ଓ ପରମ୍ପରା ଦିନକୁ ଦିନ ହଜିବାକୁ ଯାଉଥିବା ବେଳେ, ଆଗାମି ଦିନରେ ଏଥିପାଇଁ ଏକ ଭୟଙ୍କର ବିପଦ ମାଡ଼ି ଆସୁଥିବାର ଏବେ ସମସ୍ତେ ବେଶ ଭଲଭାବରେ ଅନୁଭବ କଲେଣି । ତେବେ ହଜି ଯାଉଥିବା ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖିବା ଏବଂ ସ୍ମୃତିରେ ଏହାକୁ ସାଇତି ରଖିବା ପାଇଁ 'ପରମ୍ପରା ବିକାଶ ଯାତ୍ରା' ନାମରେ ଏକ ପ୍ରୟାସ ଜାରି ରହିଛି । ଆତ୍ମଶକ୍ତି ଟ୍ରଷ୍ଟ ର ନେତୃତ୍ୱରେ ଏବଂ ଓଡ଼ିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜିବି ମଂଚ ଓଡ଼ିଶାର ସହଯୋଗରେ ଏହିଯାତ୍ରା ପରିଚାଳିତ ହେଉଥିବା ବେଳେ ରାଜ୍ୟରେ ୧୭ଗୋଟି ଜିଲ୍ଲାରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି । ଏହି ଯାତ୍ରା ପାଇଁ ମୟୂରଭଂଜ ଜିଲ୍ଲାରେ ଜନଜାଗୃତି ମଂଚ ଦାୟିତ୍ୱ ନେଇଥିବା ବେଳେ ଏଥିପାଇଁ ଉଦଳା ଠାରେ ଚଳିତ ନଭେମ୍ବର ୧୩ ତାରିଖ ଗୁରୁବାର ଦିନ ପ୍ରେସ ମିଟର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଟ୍ରଷ୍ଟ ତରଫରୁ ଏହି ଯାତ୍ରା ପାଇଁ ରାଜ୍ୟରେ ନେତୃତ୍ୱ ନେଉଥିବା କର୍ମି ମନୋଜ କୁମାର ସାମନ୍ତରାୟ ଉଦଳା ଠାରେ ଅନୁଷ୍ଠିତ ପ୍ରେସମିଟରେ ଯୋଗଦେଇ ଏହିଭଳି ଯାତ୍ରା ଆୟୋଜନର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଚଳିତ ନଭେମ୍ବର ୧୫ ତାରିଖ ଠାରୁ ଏହିଯାତ୍ରା ଆରମ୍ଭ ହୋଇ ମାର୍ଚ୍ଚ ୨୦୨୬ରେ ଉଦ୍ଯାପିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ । ପରେ ସାମ୍ବାଦିକ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦବା ସହିତ ବ୍ୟକ୍ତିଗତ ମତାମତ ସଂଗ୍ରହ କରିଥିଲେ । ମଂଚର ଟିମ ଲିଡ଼ର ଗଦାଧର ଦାଶ ଏହାକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରି ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ ପ୍ରେସମିଟର ଯବନିକା ପକାଇଥିଲେ ।

# କେନ୍ଦୁଆସାହିରେ ବିର୍ସାମୁଣ୍ଡା ଜୟନ୍ତୀ ପାଳିତ



ବଡ଼ସାହି, ୧୫/୧୧ (ନି.ପ୍ର): ବଡ଼ସାହି ଥାନା ଅନ୍ତର୍ଗତ କେନ୍ଦୁଆସାହି ବିର୍ସାମୁଣ୍ଡା ଛକ ଠାରେ ବୁରୁବଙ୍ଗା ସାସାଙ୍କର କମିଟି, ବୁରୁବଙ୍ଗା ଯୁବକ ସଂଘ ଓ ବୁରୁବଙ୍ଗ ମୁଣ୍ଡାରୀ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଭଗବାନ ବିର୍ସାମୁଣ୍ଡା ତଥା ସ୍ୱାଧୀନତା ସଂଗ୍ରାମୀ ବୀର ସହିଦ ବିର୍ସାମୁଣ୍ଡାଙ୍କର ୧୫୧ତମ ଜନ୍ମ ଜୟନ୍ତୀ ନିଷ୍ଠା ଓ ନୀତି ନିୟମ ଅନୁସାରେ ପାଳିତ ହୋଇ ଯାଇଛି। ସଭାରେ ପାହାନ ଗୁରୁ ବସନ୍ତ କୁମାର ସିଂ ବିଧିବଦ୍ଧ ଭାବେ ପୂଜା ଅର୍ଚ୍ଚନା କରିଥିଲେ। ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରାମର ଜଣେ ଦକ୍ଷ ଚାଷୀ ଶୋଭାକର ସିଂ ଯୋଗଦାନ କରିଥିଲେ। ବୁରୁବଙ୍ଗା ମୁଣ୍ଡାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକୁରାମ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁରୁବଙ୍ଗା ଯୁବକ ସଂଘର ସଭାପତି ବିରେନ୍ଦ୍ର ସିଂ, ଉପସଭାପତି ସୁରେନ୍ଦ୍ର ସିଂ, ରବିନ୍ଦ୍ର ସିଂ, ଗୌତମ ସିଂ, ବିର୍ସାମୁଣ୍ଡାଙ୍କର ଜୀବନୀ ଓ ତାଙ୍କର ସଂକଟମୟ ତଥା ସଂଘର୍ଶମୟ ଜୀବନ ଉପରେ ବକ୍ତବ୍ୟ ରଖି ଥିଲେ । ଅନ୍ୟ ବକ୍ତା ମାନେ ବିର୍ସାମୁଣ୍ଡାଙ୍କର ମାତୃଭାଷା ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱିକୃତି ଦେବା ତଥା ତାଙ୍କ ଜନ୍ମ ତିଥିକୁ ସରକାରୀ ଛୁଟି ଘୋଷଣା ପାଇଁ ଦାବି କରିଥିଲେ। ମନୋଜ ସିଂ, ସୁରୋଜ କୁମାର ସିଂ, ବିନୋଦ ସିଂ, ବାପି ସିଂ, ରାଜୁ ସିଂ, ଲିଜା ସିଂ ଆଦି ଅନେକ ସ୍ୱଛାସେବୀ ସହଯୋଗ କରିଥିଲେ। ଶେଷରେ ପାହାନ ଗୁରୁ ସମସ୍ତଙ୍କର ମଙ୍ଗଳ ଓ ବିଶ୍ୱ ଶାନ୍ତି ପାଇଁ ପାର୍ଥନା କରିଥିଲେ। ମନୋରଞ୍ଜନ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନଲାଇନ ଟ୍ରେଡିଂରେ ଉଡାଇଦେଲେ ଲୋକଙ୍କ ଟଙ୍କା : ଅଭିଯୁକ୍ତ ଗିରଫ ପରେ କୋର୍ଟ ଚାଲାଣ

ବସ୍ତା, ୧୫/୧୧ (ନି.ପ୍ର): ଅନଲାଇନ ଟ୍ରେଡିଁ ଓ ସେୟାର ମାର୍କେଟ ରେ ଲୋକଙ୍କ ଟଙ୍କା ଉଡ଼ାଇ ଫେରାର ଥିଲେ ଯୁବକ, ଧରିଲା ରୂପସା ପୋଲିସ କରିଲା କୋର୍ଟ ଚାଲାଣ। ସୂଚନା ରୁ ପ୍ରକାଶ ରୂପସା ଥାନା ବରହମପୁର ଗ୍ରାମ ର ୩୩ ବର୍ଷୀୟ ଯୁବକ ଗୌରାଙ୍ଗ ବେହେରା ନିଜ ଅଞ୍ଚଳ ଓ ଅଞ୍ଚଳ ବାହାରୁ କିଛି ଲୋକଙ୍କ ପାଖରୁ ପାଖା ପାଖି ଦେଢ଼ କୋଟି ଟଙ୍କା ଧାର ଆକାର ରେ ଆଣି ସେମାନଙ୍କୁ ଫେରସ୍ତ କରି ନଥିଲେ । ସେମାନଙ୍କ ମଧ୍ୟରୁ ବରହମ୍ପୂର୍ ଗ୍ରାମ ର ରଞ୍ଜିତା ବେଜ ଗୌରାଙ୍ଗ କୁ ୯ ଲକ୍ଷ ୨୦ ହଜାର ଟଙ୍କା ଧାର ଆକାର ରେ ଦେଇ ଥିବା ବେଳେ ଫେରସ୍ତ ପାଇ ପାରି ନଥିଲେ। ପରେ ରୂପସା ଥାନା ରେ ଅଭିଯୋଗ କରିଥିଲେ । କେସ ନୋ ୯୨/ ୨୫ ମୂଳେ ତଦନ୍ତ ଆରମ୍ଭ କରିଥିଲେ ରୂପସା ଥାନାର ଓ ଆଇ ସି ମୌସୁମୀ ମହାନ୍ତି। ଲୋକଙ୍କ ଭ ଟଙ୍କାକୁ ଅନଲାଇନ ଗେମିଁ ଓ ସେୟାର ମାର୍କେଟ ରେ ବୁଡାଇ ଦେଇ ଫେରାର ହୋଇଯାଇଥିଲେ । ମୌସୁମୀ ମହାନ୍ତି ଙ୍କ ତତ୍ୱାଧନ ରେ ଏ ଏସ ଆଇ ବବି ମିଶ୍ର ସଦଳବଳେ ଗୌରାଙ୍ଗ କୁ ହିମାଞ୍ଚଳ ପ୍ରଦେଶ ର କାଲକା ଅଞ୍ଚଳ ର ରେ ଥିବା ବାଦି ପୋଲିସ ଷ୍ଟେସନ ଅଧୀନ ରୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida